

ଅଗଷ୍ଟ ୧୫ରେ
ମହାଲଢ଼େଇ
▶ପୃଷ୍ଠା ୧୫ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-205 ◆BHUBANESWAR ◆FRIDAY ◆19 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୦୫ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୯ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦



MAYFAIR
Oasis
Jharsuguda

WELCOMES

Delegates to

CII 24th enterprise Odisha

At Jharsuguda
Opposite MAYFAIR Oasis

19th - 21st January 2024

Upcoming

Approved Under Single Window Clearance by Government of Odisha

| Open | February-24 | April-25 | January-26 | April-26 |
|---|---|---|---|---|
| MAYFAIR Palm Beach Resort | MAYFAIR Worldcup Village | MAYFAIR Bay Resort | MAYFAIR Sanctuary Convention Centre | MAYFAIR Wellness Resort |
| Gopalpur-on-Sea (Expansion) | Rourkela | Paradeep | Bhubaneswar | Chilika |
| 141 Rooms Large Conference Facilities | 225 Rooms Multi Sports & Conference Facilities | 138 Rooms Conference Facilities | 250 Rooms Convention Centre with 4000 seating capacity Hall | 100 Rooms Wellness Centre |

Existing

MAYFAIR Lagoon – Bhubaneswar
MAYFAIR Convention – Bhubaneswar
MAYFAIR Heritage – Puri
MAYFAIR Waves – Puri
MAYFAIR Palm Beach Resort – Gopalpur-on-Sea
MAYFAIR Garden – Rourkela
MAYFAIR Hill Resort – Darjeeling
MAYFAIR Spa Resort & Casino – Gangtok
MAYFAIR Manor – Jungpana Tea Garden, Darjeeling
MAYFAIR Himalayan Spa Resort – Kalimpong
MAYFAIR Tea Resort – Siliguri
MAYFAIR Lake Resort – Raipur
MAYFAIR Spring Valley Resort – Guwahati
MAYFAIR Club House – Purnea
MAYFAIR On Sea – Morjim, Goa

ASSOCIATES

DAIKIN
MM Mamta Marbles Since 1992
Accveil Solutions
ZEN LITZZ
PRAVAT POWER Electrical Division
ACQUAVIVA water civilisation
FSS

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-205 ♦BHUBANESWAR ♦FRIDAY ♦19 JANUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୦୫ ♦ଭୁବନେଶ୍ୱର ♦ଶୁକ୍ରବାର ♦୧୯ ଜାନୁଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## ୨ ଦିନ ଘନ କୁହୁଡ଼ି

**ଭୁବନେଶ୍ୱର, ୧୮ ।୧ (ସମିସ):** ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି । ଗତ ୩୬ ଘଣ୍ଟା ମଧ୍ୟରେ ବାଲେଶ୍ୱର, ପୁରୀ, ବାରିପଦା, କେନ୍ଦୁଝର ଓ ରାଉରକେଲା ଆଦି ସହରରେ କିଛି ପରିମାଣରେ ବର୍ଷା ରେକର୍ଡ କରାଯାଇଛି । ଶୁକ୍ରବାର ବାଲେଶ୍ୱର ଓ ଭଦ୍ରକର କିଛି ସ୍ଥାନରେ ବର୍ଷା ହେବା ନେଇ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଅନ୍ୟପଟେ ଆସନ୍ତା ୨ ଦିନ ପାଇଁ ବିଭିନ୍ନ ଜିଲ୍ଲାକୁ ଘନ କୁହୁଡ଼ି ଜନିତ ସତର୍କ ସୂଚନା ଜାରି କରାଯାଇଛି । ଶୁକ୍ରବାର ରାତିରୁ ଶନିବାର ସକାଳ ମଧ୍ୟରେ କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ନୟାଗଡ଼ ଆଦି ଜିଲ୍ଲାରେ ଘନ କୁହୁଡ଼ି ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି । ଆସନ୍ତା ୫ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାକୁ ନଥିବାରୁ ବର୍ତ୍ତମାନ ଜାରି ରହିଥିବା ସ୍ଥିତି ଅପରିବର୍ତ୍ତିତ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି । ଅନ୍ୟପଟେ ଘନ କୁହୁଡ଼ି ଜନିତ ପୂର୍ବାନୁମାନ ପରେ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଏସ୍‌ଆରସିଙ୍କ ପକ୍ଷରୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି ।ଅପରପକ୍ଷେ, ପଶ୍ଚିମା ଝଡ଼ ପ୍ରଭାବରେ ହେଉଥିବା ବର୍ଷାର ପ୍ରକୋପ ଶୁକ୍ରବାର ପରଠାରୁ ହ୍ରାସ ପାଇବ । କିନ୍ତୁ ୨୩ ତାରିଖରୁ ପୁଣି ପାଗରେ ପରିବର୍ତ୍ତନ ହୋଇ କିଛି ଜିଲ୍ଲାରେ ବର୍ଷା ହୋଇପାରେ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି ।






## ସ୍ୱାଗତ କରୁଛି ପରିକ୍ରମା ପ୍ରକଳ୍ପ

# ‘ଜୟ ଜଗନ୍ନାଥ’ ଧ୍ୱନିରେ କମ୍ପିଲା ଶ୍ରୀକ୍ଷେତ୍ର

- ■ ମହାପ୍ରଭୁଙ୍କ ଦର୍ଶନ ଏଣିକି ସହଜ ହେଲା
- ■ ପଦଯାତ୍ରାରେ ସାମିଲ ହେଲେ ୧୦ ହଜାରରୁ ଊର୍ଦ୍ଧ୍ୱ ଯୁବ, ଛାତ୍ର

**ପୁରୀ, ୧୮ ।୧(ସମିସ):** ଏଣିକି ସହଜ ହେଲା ମହାପ୍ରଭୁଙ୍କ ଦର୍ଶନ । ଆଉ କ୍ଳାନ୍ତ ଅନୁଭବ କରିବେ ନାହିଁ ଭକ୍ତ । ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ଏବଂ ଦର୍ଶନ ସାରି ଫେରିବା ମଧ୍ୟରେ ଯାହା ବି ଜରୁରୀ ଆବଶ୍ୟକତା ରହିଛି, ତାହା ଏବେ ସମସ୍ତଙ୍କ ହାତପାଆନ୍ତାରେ ଉପଲବ୍ଧ । ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ ଏହିସବୁ ସୁବିଧା ପାଉଛନ୍ତି ଭକ୍ତ । ପ୍ରକଳ୍ପ ଏବେ ସମସ୍ତଙ୍କୁ ସ୍ୱାଗତ କରୁଛି । ଫଳରେ ମହାପ୍ରଭୁଙ୍କ ଦିବ୍ୟଦର୍ଶନ ଏବଂ ପରିକ୍ରମା ପ୍ରକଳ୍ପକୁ ଚର୍ମ ଚକ୍ଷୁରେ ଦେଖିବା ପାଇଁ ଏବେ ଶ୍ରୀକ୍ଷେତ୍ରମୁହାଁ ଭକ୍ତ । କେବଳ ରାଜ୍ୟ ନୁହେଁ, ରାଜ୍ୟ ବାହାରୁ ବି ଶ୍ରଦ୍ଧାଳୁ ଓ ତୀର୍ଥଯାତ୍ରୀଙ୍କ ଭିଡ଼ ହେଉଛି ଶ୍ରୀକ୍ଷେତ୍ରରେ ।

ପୁରୀକୁ ପ୍ରବେଶରୁ ହିଁ ଭକ୍ତଙ୍କୁ ମିଳୁଛି ସୁଖଦ ଯାତ୍ରାର ଅନୁଭୂତି । ପୂର୍ବପରି ଟ୍ରାଫିକ୍‌ରେ ଆଉ ଫସୁନାହାନ୍ତି । ସିଧାସଳଖ ଶ୍ରୀସେତୁ ଦେଇ ଜଗନ୍ନାଥବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର (ଜେବିପିସି)ରେ ପହଞ୍ଚୁଛନ୍ତି । ସେଠାରେ ଗାଡ଼ି ପାର୍କ କରି ବ୍ୟାଟେରୀ ଚାଳିତ ଗାଡ଼ି କିମ୍ବା ଶ୍ରୀଦାଣ୍ଡରେ ଚାଲି ଚାଲି ମନ୍ଦିର ନିକଟରେ ପହଞ୍ଚି ଯାଉଛନ୍ତି ଶ୍ରଦ୍ଧାଳୁ । ବଡ଼ଦାଣ୍ଡରେ ଦର୍ଶନ ପାଇଁ ଯାଉଥିବା ଶ୍ରଦ୍ଧାଳୁ ଶୀତତାପ ନିୟନ୍ତ୍ରିତ ଶେଡ୍ ସାଙ୍ଗକୁ ବିଶ୍ରାମ, ପାନୀୟ ଜଳ, ଶୌଚାଳୟ, ଜୋତା ରଖିବା ପାଇଁ ଷ୍ଟାଣ୍ଡ ଆଦିର ସୁବିଧା ପାଉଛନ୍ତି । ଆଜି ପୁରୀରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ସମସ୍ତେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପର ପରିକ୍ରମା ମାର୍ଗରେ ବୁଲି ବଡ଼ଦେଉଳ ଭବ୍ୟରୂପକୁ ଦେଖି ଭୂରିଭୂରି ପ୍ରଶଂସା କରୁଛନ୍ତି ।



ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱବାସୀଙ୍କ ଉଦ୍ଦେଶ୍ୟରେ ଏହି ପ୍ରକଳ୍ପକୁ ଲୋକାର୍ପିତ କରିବା ପରେ ଆଜି ଶ୍ରୀକ୍ଷେତ୍ରକୁ ବହୁ ସଂଖ୍ୟାରେ ଜଗନ୍ନାଥପ୍ରେମୀଙ୍କ ଆଗମନ ହୋଇଥିଲା । ପରିକ୍ରମା ପ୍ରକଳ୍ପର ଭବ୍ୟରୂପକୁ ଦେଖିବା ପାଇଁ ଗୁରୁବାର ଶ୍ରୀକ୍ଷେତ୍ର ପୁରୀରେ ଦେଖିବାକୁ ମିଳିଥିଲା ବିଶାଳ ପଦଯାତ୍ରା । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୦ ହଜାରରୁ ଅଧିକ ଛାତ୍ର, ଯୁବ, ଛାତ୍ର ଓ ମହିଳା ଏହି ବିଶାଳ ପଦଯାତ୍ରାରେ ସାମିଲ ହୋଇଥିଲେ । ବୀରହରେକୃଷ୍ଣପୁର ଛକରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ବଡ଼ଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ସୃଷ୍ଟି ହୋଇଥିଲା ଭିନ୍ନ ଏକ ଆଧ୍ୟାତ୍ମିକ ପରିବେଶ । ଜୟ ଜଗନ୍ନାଥ ଧ୍ୱନିରେ ପୂରା ବଡ଼ଦାଣ୍ଡ କମ୍ପି ଉଠିଥିଲା ।

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ ଏବେ ପରିକ୍ରମା ମାର୍ଗ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିଯାଇଛି । ଉଭୟ ଆନ୍ତଃ ଓ ବାହ୍ୟ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରୁଛନ୍ତି ଭକ୍ତ । ବଡ଼ଦେଉଳ ଚତୁଃପାର୍ଶ୍ୱର ଭବ୍ୟରୂପକୁ ଦେଖିବା ଲାଗି ଗୁରୁବାର ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଯୁବ, ଛାତ୍ରଙ୍କୁ ନେଇ ବିଶାଳ ପଦଯାତ୍ରା କରାଯାଇଥିଲା । ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ବୀରହରେକୃଷ୍ଣପୁର ଛକରୁ ଏହି ପଦଯାତ୍ରା ବାହାରିଥିଲା । ପଦଯାତ୍ରୀମାନେ ମୁଣ୍ଡରେ ଜୟ ଜଗନ୍ନାଥ ଲେଖାଥିବା ପତାକା ବାନ୍ଧି ଜୟ ଜଗନ୍ନାଥ ନାରା ଦେଇ ଆଗକୁ ବଢ଼ିଥିଲେ । ବାଟମଙ୍ଗଳା, ଚାରିନଳା, ଅଠରନଳା ଦେଇ ମେଡିକାଲ ଛକରେ ବଡ଼ଦାଣ୍ଡକୁ ବାହାରିଥିଲେ ପଦଯାତ୍ରୀ । ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଥିଲା ବଡ଼ଦାଣ୍ଡ । ଢୋଲବାଦ୍ୟ, ନାମ ସଂକୀର୍ତ୍ତନ, ବିଭିନ୍ନ ପ୍ରକାର ମେଢ଼ ନୃତ୍ୟ ମଧ୍ୟରେ ଅନୁଷ୍ଠିତ ଏହି ପଦଯାତ୍ରା ସୃଷ୍ଟି କରିଥିଲା ଆଧ୍ୟାତ୍ମିକ ପରିବେଶ । ଏହାପରେ ସମସ୍ତେ ଶ୍ରୀମନ୍ଦିର ନିକଟରେ ପହଞ୍ଚି ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିବା ସହ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ମହାନ୍ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଯୁବ ଶକ୍ତିଙ୍କୁ ଯୋଡ଼ିବା, ସେମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରିବା ସହ ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇବା ପାଇଁ ଏହି ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା ।

କାର୍ଯ୍ୟକ୍ରମରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ, ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆ ଏବଂ ଯୁବ ବିଜେଡି ରାଜ୍ୟ ଉପସଭାପତି ସୁନୀଲ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଜୟ ଜଗନ୍ନାଥ ଧ୍ୱନିରେ ସମସ୍ତେ ନିଜକୁ ହଜାଇ ଦେଇଥିଲେ ।

### ■ ବିର୍ଜାମ ଗ୍ରାମରେ ଅଘଟଣ

## ବୋର୍‌ୱେଲ୍ ଗାଡ଼ି ଚାପାରେ ୪ ଶ୍ରମିକ ମୃତ

**ବରଗଡ଼/ମେଲଛାମୁଣ୍ଡା/ଗୁଦେରପାଲି, ୧୮ ।୧ (ସମିସ):** ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ବିର୍ଜାମ ଗ୍ରାମରେ ବୋର‌ୱେଲ୍ ଟ୍ରକ୍ ଚାପାରେ ଚାରିଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଶ୍ରମିକ ଗୁରୁତର ହେଉଛନ୍ତି । ମୃତକମାନେ ହେଲେ, ମଧ୍ୟପ୍ରଦେଶର ବାଲଘାଟ ଜିଲ୍ଲା କୋନକ ଗାଁର ଫଗନ ସିଂ ଦୁବେ, ଅଜଗରା ଗାଁର ବିଷ୍ଣୁ ମିରଭାଇ, ଆମଝୁର ଗାଁର ଶଙ୍କର ଅଦବାସୀ ଓ ଛତିଶଗଡ଼ ଆମକୋଦରା ଗାଁର ରାଜେଶ କୁମାର ନେତମ । ଗୁରୁତର ଶ୍ରମିକ ମଧ୍ୟପ୍ରଦେଶ ଏଟା ଗାଁର ଦାମରବେଲ ହୀରାଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି ।

ବିର୍ଜାମ ଗ୍ରାମର ସୁଶାନ୍ତ ବିଶ୍ୱାଳଙ୍କ ବିଲରେ ଗଭୀର ନଳକୂପ ଖନନ ପାଇଁ ଦୁଇଟି ବୋର‌ୱେଲ ଗାଡ଼ି ଆସିଥିଲା । ସେଥିମଧ୍ୟରୁ ଗୋଟିଏ ଟ୍ରକ୍‌ରେ ପାଇପ୍ ବୋଝେଇ ହୋଇଥିବା ବେଳେ ଅନ୍ୟଟିରେ ଡ୍ରିଲିଙ୍ଗ ମେସିନ୍ ରହିଥିଲା । ଗତରାତିରେ ବୋରେୱେଲ ଖନନ ଚାଲିଥିବା ବେଳେ ଗାଡ଼ିର ତେଲ ସରିବାକୁ ବସିଥିଲା । ତେଣୁ ବୋରେୱେଲ ଅପରେଟର୍ ପାଇପ୍ ବୋଝେଇ ଗାଡ଼ିର ଡ୍ରାଇଭର୍‌କୁ ତେଲ ଆଣିବାକୁ ପଠାଇଥିଲେ । ଏ ସମୟରେ ବୋରେୱେଲ ଖନନ ପାଇଁ ନିୟୋଜିତ ଶ୍ରମିକମାନେ ବୋରୱେଲ ଗାଡି ପାଖରେ ଶୋଇପଡ଼ିଥିଲେ । ତେଲ ନେବାକୁ ଯାଉଥିବା ପାଇପ୍ ବୋଝେଇ ଟ୍ରକ୍ ଫେରି ଅନ୍ଧାରରେ ଶୋଇଥିବା ଶ୍ରମିକଙ୍କୁ ଦେଖି ନପାରି ସେମାନଙ୍କ ଉପରେ ମାଡ଼ି ଯାଇଥିଲା । ଘଟଣାସ୍ଥଳରେ ତିନି ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଶ୍ରମିକଙ୍କ ବରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ମୃତ୍ୟୁ ହୋଇଥିଲା ।



ଖବର ପାଇ ମେଲଛାମୁଣ୍ଡା ଥାନାଧିକାରୀ କ୍ରେସେନସିଆ ସମାରିଆ ଘଟଣାସ୍ଥଳକୁ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ । ପୁଲିସ ଗାଡ଼ି ଚାଳକ ଶ୍ରୀନିବାସନ ସୀତାରମଣଙ୍କୁ ଅଟକ ରଖି ଉକ୍ତ ଟ୍ରକକୁ ଜବତ କରିଥିଲେ । ଏନେଇ ମେଲଛାମୁଣ୍ଡା ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି ।

## ବୌଦ୍ଧରେ ନିର୍ମାଣ ହେବ ୩୦୦ ଶଯ୍ୟା ଡାକ୍ତରଖାନା

### ରାଜ୍ୟ ସରକାର ମଞ୍ଜୁର କଲେ ୧୩୮ କୋଟି

**ଭୁବନେଶ୍ୱର,୧୮ ।୧(ସମିସ):** ସମସ୍ତଙ୍କୁ ସର୍ବଶ୍ରେଷ୍ଠ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟ ନେଇ କାମ କରୁଥିବା ରାଜ୍ୟ ସରକାର ସରକାରୀ ଡାକ୍ତରଖାନାର ଭିତ୍ତିଭୂମି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି । ଏହି କ୍ରମରେ ବୌଦ୍ଧ ଜିଲ୍ଲା ଚିକିତ୍ସାଳୟରେ ନୂତନ କୋଠା ନିର୍ମାଣ କରିବା ଲାଗି ୧୩୮ କୋଟି ୬୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ନୂଆ କୋଠାରେ ରୋଗୀଙ୍କ ପାଇଁ ୩୦୦ ଶଯ୍ୟା ଉପଲବ୍ଧ ହେବ । କିଛି ମାସ ତଳେ ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତରେ ଯାଇଥିବା ବେଳେ ଅନେକ ରୋଗୀ ଓ ଅଭିଭାବକ ଜିଲ୍ଲା ଡାକ୍ତରଖାନାରେ ଶଯ୍ୟାଭାବ ଏବଂ ଅନ୍ୟାନ୍ୟ ସମସ୍ୟା ସଂପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହାର ସମାଧାନ ପାଇଁ ନିବେଦନ କରିଥିଲେ । ଲୋକଙ୍କ ପ୍ରସ୍ତାବ ଆଧାରରେ ନୂଆ କୋଠା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଛି ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ବୌଦ୍ଧ ଜିଲ୍ଲା ଚିକିତ୍ସାଳୟରେ ତିନିଟି କୋଠା ନିର୍ମାଣ କରାଯିବ । ଗୋଟିଏ ଲେଖାଏଁ ତିନି ମହଲା, ଚାରି ମହଲା ଓ ସାତ ମହଲା କୋଠା ନିର୍ମାଣ ପାଇଁ ୭୬.୩୦ କୋଟି ଟଙ୍କା ବ୍ୟୟ ମଞ୍ଜୁର ହୋଇଛି । ସେହିପରି ମୁଖ୍ୟ ଫାଟକ, ଡ୍ରେନ୍, ରାସ୍ତା, ପାଚେରି ଓ ବଗିଚା ନିର୍ମାଣ ପାଇଁ ୭.୬୦ କୋଟି ଟଙ୍କା ବ୍ୟୟ ହେବ ଅପରପକ୍ଷେ ଅଗ୍ନି ନିରାପତ୍ତା, ଏସି, ବିଜୁଳି ଓ ପାଣି ସଂଯୋଗ, ପୋଖରୀ ଉନ୍ନୟନ ସହ ଅନ୍ୟାନ୍ୟ କାମ ପାଇଁ ପ୍ରାୟ ୫୦ କୋଟି ଟଙ୍କା ବ୍ୟୟ କରାଯିବ । ଗୁଣବତ୍ତା ସୁନିଶ୍ଚିତ କରି ନିର୍ଦ୍ଧାରିତ ସମୟ ଭିତରେ କାମ ଶେଷ କରିବା ଲାଗି ନିୟମ ରଖାଯାଇଛି ।

### ସହରାଞ୍ଚଳ ରୂପାନ୍ତରଣ ସମ୍ପର୍କିତ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

# ସହରାଞ୍ଚଳ ବିକାଶ ସହ ଗୋଷ୍ଠୀ ସଶକ୍ତୀକରଣକୁ ପ୍ରାଥମିକତା

- ■ ୧୧ଦେଶ ଓ ଭାରତର ୨୦ ରାଜ୍ୟରୁ ୪୦୦ ପ୍ରତିଯୋଗୀ ସାମିଲ୍
- ■ ତିନି ଦିନ ଧରି ସହରାଞ୍ଚଳ ବିକାଶ ସମ୍ପର୍କରେ ହେବ ମାନସ ମନ୍ଥନ

**ଭୁବନେଶ୍ୱର,୧୮ ।୧(ସମିସ):** ରାଜ୍ୟରେ ସବୁ ବର୍ଗଙ୍କ ସୁବିଧା ସୁଯୋଗ ପାଇଁ ମାର୍ଗ ସୃଷ୍ଟି କରିବା ଦିଗରେ ରୂପାନ୍ତରଣମୂଳକ ଅଭିଯାନ ଜାରି ରହିଛି । ସହରାଞ୍ଚଳଗୁଡ଼ିକର ଅନ୍ତର୍ଭୁକ୍ତିକରଣ ବିକାଶ ଆଧାରରେ ଓଡ଼ିଶାରେ କାର୍ଯ୍ୟକ୍ରମ କରାଯାଉଛି । ବିଭିନ୍ନ ଗୋଷ୍ଠୀ ସମ୍ପ୍ରଦାୟର ସଶକ୍ତୀକରଣକୁ ପ୍ରାଥମିକତା ଦେଇ ରାଜ୍ୟ ସରକାର ଏହି କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

ଗୁରୁବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଏକ ହୋଟେଲରେ ଆରମ୍ଭ ହୋଇଥିବା ସହରାଞ୍ଚଳ ରୂପାନ୍ତରଣ ସଂକ୍ରାନ୍ତ ଆନ୍ତର୍ଜାତୀୟ ସମ୍ମିଳନୀକୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଆମର ସଫଳତା କେବଳ ରୂପାନ୍ତରଣ ନୁହେଁ, ବରଂ ସହରାଞ୍ଚଳ ଜୀବନ ଉପରେ ଏହାର ଗଭୀର ପ୍ରଭାବ ପକାଉଛି । “୫-ଟି” ଉପକ୍ରମ ଆଧାରରେ ଏହି ରୂପାନ୍ତରଣ ଯାତ୍ରା ହେଉଛି ଗୋଷ୍ଠୀ ନେତୃତ୍ୱାଧୀନ ସହରାଞ୍ଚଳ ବିକାଶ । ପୂର୍ବରୁ ପରିମଳ ବ୍ୟବସ୍ଥାରେ ଉନ୍ନତି ପାଇଁ ନୀରବ ସଂଘର୍ଷ କରୁଥିବା ଓଡ଼ିଶାରେ ଏବେ ଏ କ୍ଷେତ୍ରରେ ଆଶାତୀତ ଉନ୍ନତି ଘଟିଥିବା ବେଳେ ଆମେ ସମ୍ମାନ ଏବଂ ଆତ୍ମବିଶ୍ୱାସର ସହ ଆଗେଇ ଚାଲିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟର ‘ଡ୍ରିଙ୍କ ଫ୍ରମ୍ ଟ୍ୟାପ୍’ ମିଶନ ହେଉଛି ଲୋକମାନଙ୍କୁ ସୁସ୍ଥତାର ନୂତନ ଉଚ୍ଚତାରେ ପହଞ୍ଚାଇବା ପାଇଁ ଏକ ପ୍ରତିବଦ୍ଧତା । ଆମେ ଦୃଢ଼ ଭାବରେ ବିଶ୍ୱାସ କରୁ ଯେ, ବିଭିନ୍ନ ଗୋଷ୍ଠୀ ତଥା ସମ୍ପ୍ରଦାୟ ନେତୃତ୍ୱାଧୀନ ନଗର ଉନ୍ନୟନ କେବଳ ଓଡ଼ିଶାର କାହାଣୀ ନୁହେଁ, ବରଂ ଆଗକୁ ଏକ ବିଶ୍ୱସ୍ତରୀୟ ରୂପାନ୍ତରଣର ମାର୍ଗ ଦର୍ଶାଉଛି । ସହରାଞ୍ଚଳ ରୂପାନ୍ତରଣ ଉପରେ ଆନ୍ତର୍ଜାତିକ ସମ୍ମିଳନୀ ଓଡ଼ିଶାରେ ଆୟୋଜନ, ଏ କ୍ଷେତ୍ରରେ ଆମର ପ୍ରତିବଦ୍ଧତାକୁ ପ୍ରମାଣ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ଅନୁଭୂତିରୁ ଶିଖିବା, ନିଜର କାହାଣୀ ତିଆରି କରିବା ଏବଂ ସମସ୍ତଙ୍କ ପାଇଁ ଉନ୍ନତ ସହରାଞ୍ଚଳ ବ୍ୟବସ୍ଥାର ଭବିଷ୍ୟତ ନିର୍ମାଣ ପାଇଁ ଆମେ ସମସ୍ତଙ୍କର ସହଯୋଗ ଆଶା କରୁଛୁ ବୋଲି ସେ ପ୍ରକାଶ କହିବା ସହିତ ସମସ୍ତଙ୍କର ଅନ୍ତର୍ଭୁକ୍ତିକରଣରେ ସହରାଞ୍ଚଳ ବିକାଶ ପାଇଁ ସେ ଆହ୍ୱାନ ଦେଇଛନ୍ତି । ବିଭିନ୍ନ ବ୍ୟକ୍ତି ବିଶେଷ ଓ ଗୋଷ୍ଠୀ ସମୁଦାୟମାନଙ୍କ ମତ ଓ ପ୍ରସ୍ତାବକୁ ଗୁରୁତ୍ୱ ଦିଆଯାଇ ସ୍ୱପ୍ନର ସହର ନିର୍ମାଣ କରିବାକୁ ଗୁରୁତ୍ୱ ଦିଆଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ‘ଓଡ଼ିଶା ଅର୍ବାନ ଏକାଡେମୀ’କୁ ଲୋକାର୍ପଣ କରିଛନ୍ତି । ଏହି ଏକାଡେମୀ ଏହାର ସମସ୍ତ ଅଂଶୀଦାରମାନଙ୍କୁ ତାଲିମ ଏବଂ ଦକ୍ଷତା ବିକାଶ ପ୍ରଦାନ କରିବାରେ ଏକ ଉତ୍କର୍ଷ କେନ୍ଦ୍ର ହେବ ବୋଲି ମନ୍ତ୍ରୀ କହିଛନ୍ତି । ଏହି ସମ୍ମିଳନୀରେ ଓଡ଼ିଶା ଇନକ୍ଲୁସିଭ୍ ପରିମଳ ନୀତି-୨୦୨୪ ଉନ୍ମୋଚନ କରାଯିବା ସହ ସହରାଞ୍ଚଳ ପରିଚାଳନାରେ ଗୋଷ୍ଠୀଗତ ଭାଗିଦାରିତା ଉପରେ ଏକ କଫି ଟେବୁଲ୍ ପୁସ୍ତକ ଉନ୍ମୋଚିତ ହୋଇଥିଲା । ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସାଗରିକା ପଟ୍ଟନାୟକ ବିଶଦ୍ ଭାବେ ସୂଚନା ପ୍ରଦାନ କରିଥିଲେ ।

ଏହି ୩ ଦିନିଆ କାର୍ଯ୍ୟକ୍ରମରେ ସମସ୍ତଙ୍କ ପାଇଁ ଜଳର ଉପଲବ୍ଧତା, ଅନ୍ତର୍ଭୁକ୍ତିକରଣ ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନା, ଗୋଷ୍ଠୀ ନେତୃତ୍ୱାଧୀନ ସହରାଞ୍ଚଳ ରୂପାନ୍ତରଣ, ପୋଷଣୀୟ ସହରାଞ୍ଚଳ ପରିଚାଳନା ପାଇଁ ଓଡ଼ିଶାର ମଡେଲ, ଜଳ, ପରିମଳ ଓ ସ୍ୱାସ୍ଥ୍ୟରକ୍ଷାରେ ନିୟାମକ ଢାଞ୍ଚାର ଜରୁରୀକାଳୀନ ଆବଶ୍ୟକତା, ପ୍ରମୁଖ ଅଂଶୀଦାର ଓ ବିଶେଷଜ୍ଞଙ୍କ ପ୍ୟାନେଲର ମତାମତ ଭଳି ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ସମ୍ମିଳନୀରେ ୧୧ଟି ଦେଶ ଏବଂ ଭାରତର ୨୦ଟି ରାଜ୍ୟର ୪୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ଉଦଘାଟନୀ ଅଧିବେଶନରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି ମାଥି ଭାଥନନ୍, କେନ୍ଦ୍ର ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ରାହୁଳ କାପୁର ପ୍ରମୁଖ ଯୋଗ ଦେଇଥିଲେ ।

## ଲୋକକଥା



ପ୍ରକଳ୍ପ ସଂକଳ୍ପ ପୂରଣ କରିଲେ
‘ଫାଇଭ୍-ଟି’ ପାଣ୍ଡିଆନ,
କ୍ଷେତ୍ର ଇତିହାସେ ନାମ ଲେଖିଦେଲା
ଏ ରାଇଜ ପ୍ରଶାସନ !
ଜଗତରେ ଜୟଗାନ,
ପ୍ରଭୁ ପରା କୃପା ଅଜାଡ଼ି ଦିଅନ୍ତି
ଦେଖି ପରିଚ୍ଛନ୍ନ ମନ ॥

## ଶିମିଳିପାଳରେ ୮୨ କୁମ୍ଭୀର

**ବାରିପଦା, ୧୮ ।୧(ସମିସ):** ଶିମିଳିପାଳ ଅଭୟାରଣ୍ୟ ଓ ଏହାର ସଂଲଗ୍ନ ବନଖଣ୍ଡରେ କରାଯାଇଥିବା କୁମ୍ଭୀର ଗଣନାର ରିପୋର୍ଟ ଆଜି ପ୍ରକାଶ ପାଇଛି । ଏଠାରେ ୮୨ଟି କୁମ୍ଭୀର ଥିବା ରିପୋର୍ଟରୁ ଜଣାଯାଇଛି । ଶିମିଳିପାଳ ଅଭୟାରଣ୍ୟ ଓ ପାଦଦେଶରେ ଥିବା ପଶ୍ଚିମ ଓ ପୂର୍ବ ଦେଓନଦୀ, ଖଇରୀ, ଖଡଖାଇ, ଠକଠକି, ବୁଢ଼ାବଳଙ୍ଗ ଏବଂ ରାମତୀର୍ଥରେ ଥିବା କୁମ୍ଭୀର ପ୍ରଜନନ କେନ୍ଦ୍ରକୁ ମିଶାଇ ମୋଟ ୨୬ଟି ବିସ୍ତାରିତ ସ୍ଥାନରେ କୁମ୍ଭୀର ଗଣନା ଜାନୁଆରୀ ୬ରୁ ୮ ପର୍ଯ୍ୟନ୍ତ ତିନି ଦିନ ଧରି ଚାଲିଥିଲା । ଶିମିଳିପାଳ ଉତ୍ତର ଡିଭିଜନ୍‌ର ୭ଟି ଓ ଶିମିଳିପାଳ ଦକ୍ଷିଣ ଡିଭିଜନ୍‌ର ୯ଟି ରେଞ୍ଜରେ କୁମ୍ଭୀର ଗଣନା କରାଯାଇଥିଲା । ରେଞ୍ଜର, ଫରେଷ୍ଟର ଓ ବନ କର୍ମଚାରୀଙ୍କୁ ନେଇ ଏହି ଗଣନା କରାଯାଇଥିଲା । ଗଣନାରେ ୨୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ଥିଲେ । ରିପୋର୍ଟ ଅନୁଯାୟୀ, ଶିମିଳିପାଳ ଦକ୍ଷିଣ ଡିଭିଜନରୁ ୭୫ଟି କୁମ୍ଭୀର, ଶିମିଳିପାଳ ଉତ୍ତର ଡିଭିଜନରୁ ଗୋଟିଏ ଓ ରାମତୀର୍ଥ ପ୍ରଜନନ କେନ୍ଦ୍ରରୁ ୬ଟି କୁମ୍ଭୀର ରହିଥିବା ନେଇ ସୂଚନା ପ୍ରଦାନ କରାଯାଇଛି । ସେଥିମଧ୍ୟରୁ ପଶ୍ଚିମ ଦେଓ ନଦୀରେ ସର୍ବାଧିକ ୬୩, ଖଇରୀରେ ୭ଟି, ପୂର୍ବ ଦେଓନଦୀରେ ୨ଟି, ବୁଢାବଳଙ୍ଗରେ ୩, ଠକଠକିରେ ଗୋଟିଏ କୁମ୍ଭୀର ରହିଛି । ଏମାନଙ୍କ ମଧ୍ୟରେ ୧ମିଟର ମଧ୍ୟରେ ୬ଟି, ୧ରୁ ୧.୫ ମିଟର ମଧ୍ୟରେ ୨୧ଟି, ୧.୫ରୁ ୨ମିଟର ମଧ୍ୟରେ ୩୦ଟି ଏବଂ ୨ମିଟରରୁ ଊର୍ଦ୍ଧ୍ୱ ୨୫ଟି କୁମ୍ଭୀର ରହିଛି । ତେବେ ଗତବର୍ଷ ତୁଳନାରେ ଏବର୍ଷ ୪ଟି କୁମ୍ଭୀର କମ୍ ରହିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି ।

**ପୂର୍ବବର୍ଷ ତୁଳନାରେ କମିଲେ**



### ■ ବରଗଡ଼ ଧନୁଯାତ୍ରାର ଚତୁର୍ଥ ଦିବସ

# ଜିଏସ୍‌ଟି ଅଧିକାରୀଙ୍କୁ ୨୦ ଲକ୍ଷ ସ୍ୱର୍ଣ୍ଣମୁଦ୍ରା ଜରିମାନା

**ବରଗଡ଼, ୧୮ ।୧(ସମିସ):** ବିଶ୍ୱର ସର୍ବବୃହତ୍ ଖୋଲା ରଙ୍ଗମଞ୍ଚ ଭାବେ ପରିଚିତ ବରଗଡ଼ ଧନୁଯାତ୍ରା ଚତୁର୍ଥ ଦିନରେ ପହଞ୍ଚିଛି । ଚତୁର୍ଥ ଦିନରେ ଭଗବାନ ଶ୍ରୀକୃଷ୍ଣ-ବଳରାମଙ୍କ ହସ୍ତରେ କଂସଙ୍କ ପ୍ରେରିତ ପୁତନା ରାକ୍ଷସୀ ସମେତ ଷଡମଲ୍ଲଙ୍କ ସଂହାର ହୋଇଥିବା ବେଳେ ଗୋପପୁରରେ ଏବେ ଦେଖାଦେଇଛି ଉତ୍ସବର ମାହୋଲ । ସେହିପରି ମଥୁରା ନଗରୀ କଂସଙ୍କ ରାଜଦ୍ୱାରେ ଥରହର ହୋଇପଡ଼ିଥିବା ବେଳେ ଦୈବବାଣୀରେ ଚିନ୍ତିତ ମହାରାଜା କଂସ ମୁକ୍ତେଶ୍ୱର ବାବାଙ୍କଠାରେ ରୁଦ୍ରାଭିଷେକ କରିଛନ୍ତି । ଏହି ଧନୁଯାତ୍ରାର ସବୁଠୁ ଲୋକପ୍ରିୟ ତଥା ମୁଖ୍ୟ ଆକର୍ଷଣ ହେଉଛି ପ୍ରବଳ ପ୍ରତାପୀ, ମହାରାଜ କଂସଙ୍କ ନଗର ପରିକ୍ରମା । ଏହାକୁ ପ୍ରଜା ଚାହିଁ ରହିଥାନ୍ତି । ମହାରାଜ କଂସ ଗୁରୁବାର ନଗର ଭ୍ରମଣ ସମୟରେ ଜିଏସଟି କାର୍ଯ୍ୟାଳୟ ପହଞ୍ଚି ସେଠାକାର ଅଧିକାରୀଙ୍କୁ ୨୦ ଲକ୍ଷ ସ୍ୱର୍ଣ୍ଣମୁଦ୍ରା ଜରିମାନା କରିଥିଲେ । ମହାରାଜ କଂସ ଜିଏସଟି କାର୍ଯ୍ୟାଳୟ ପହଞ୍ଚି ବରଗଡ଼ ସର୍କଲର ଡେପୁଟି କମିଶନର ସଚ୍ଚିଦାନନ୍ଦ ହୋତାଙ୍କୁ ତାଙ୍କ ବିଭାଗରେ ବହୁ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହୋଇଛି ବୋଲି ତାଗିଦ କରିଥିଲେ । ମଥୁରା ନରେଶ ମହାରାଜ କଂସ ମଥୁରା ନଗରୀର ଶୂନ୍ୟ ରାଜକୋଷର ଭରଣା ତଥା ମଥୁରା ନଗରୀରେ ଅସ୍ତ୍ରଶସ୍ତ୍ର ପାଇଁ ଟ୍ୟାକ୍ସ ଅସୁଲି ଉପରେ ଗୁରୁତ୍ୱାରୋପ କରିଥିଲେ । ଏ ଅବସରରେ ଜିଏସଟି ଅଧିକାରୀଙ୍କୁ ମହାରାଜ କଂସ ୨୦ ଲକ୍ଷ ସ୍ୱର୍ଣ୍ଣ ମୁଦ୍ରା ଜରିମାନା କରିଥିଲେ । ଯାହାକି ଧନୁଯାତ୍ରା ଅଭିନୟର ଏକ ଅଂଶ ହୋଇଥିବା ବେଳେ ଜନସାଧାରଣରେ ଏହା ଚର୍ଚ୍ଚା ପାଇଁ ବେଶ ଖୋରାକ ଯୋଗାଇଥିଲା ।





ଶୁକ୍ରବାର ଧନୁଯାତ୍ରାର ପଞ୍ଚମ ଦିବସରେ ଗୋପପୁରରେ କୃଷ୍ଣବଳରାମଙ୍କ ଗୋଚାରଣ, ଦଧୀଚୋରୀ, ବ୍ରହ୍ମାଙ୍କ ଶ୍ରୀକୃଷ୍ଣଙ୍କୁ ମୋହନ ବଂଶୀ ପ୍ରଦାନ, ଜାମାଲାର୍ଜ୍ଜୁନ ଭଞ୍ଜନ ଓ କାଳୀୟ ନାଗର ଦର୍ପଦଳନ କରିବେ ଭଗବାନ ଶ୍ରୀକୃଷ୍ଣ । ସେହିପରି ମଥୁରାନଗରୀରେ ମହାରାଜା କଂସଙ୍କ ନଗର ଭ୍ରମଣ, ଦିଗବିଜୟରେ ବାହାରି ଜରାସନ୍ଧ ସହିତ ଯୁଦ୍ଧ ଏବଂ ହେତି ପ୍ରହେତି ସହ ବିବାହ ଦୃଶ୍ୟ ଅଭିନୀତ ହେବ ।




ଅଷ୍ଟ୍ରେଲିଆନ୍ ଓପନ୍

**୩ୟ ରାଉଣ୍ଡରେ ଆଲକାରାଜ**

▸କ୍ରୀଡ଼ା ପୃଷ୍ଠାରେ...



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-205 ◆BHUBANESWAR ◆FRIDAY ◆19 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୦୫ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୯ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


# ଶ୍ରୀକ୍ଷେତ୍ରକୁ ଗଡ଼ିଲା 'ଶ୍ରୀଜଗନ୍ନାଥ' ଏକ୍ସପ୍ରେସ୍

## ଆପଣମାନେ ସୁବିଧାରେ ପୁରୀ ଆସନ୍ତୁ, ମହାପ୍ରଭୁଙ୍କ କୃପା ଲାଭ କରନ୍ତୁ: ମୁଖ୍ୟମନ୍ତ୍ରୀ





**ମା'ମାନଙ୍କ ପାଇଁ ବସ୍ ଭଡ଼ାରେ ୫୦ ପ୍ରତିଶତ ରିଆତି**

**ପ୍ରଥମ ପର୍ଯ୍ୟାୟରେ ୧୨ଟି ଜିଲ୍ଲାରୁ ବସ୍‌ସେବା ଆରମ୍ଭ**

**୩୦ ଜିଲ୍ଲାରୁ ପୁରୀକୁ ଚାଲିବ ୮୦ଟି ସୁପର୍ ପ୍ରିମିୟମ ବସ୍**

**ଜିଲ୍ଲା ସଦର ମହକୁମାରୁ ଭୁବନେଶ୍ୱର ଦେଇ ପୁରୀ ଯିବ**

■ **ଭୁବନେଶ୍ୱର, ୧୮ ।୧ (ସମିସ):** ଦୂର ଓ ଉପାନ୍ତ ଅଞ୍ଚଳ ସହ ରାଜ୍ୟର ପ୍ରତ୍ୟେକ ଜିଲ୍ଲାର ସାଧାରଣ ଲୋକଙ୍କ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ ସ୍ୱପ୍ନ ପୂରଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ସାଧାରଣ ଲୋକଙ୍କୁ ଆରାମଦାୟକ ଯାତ୍ରା ନିମନ୍ତେ ପ୍ରତି ଜିଲ୍ଲା ସଦରମହକୁମାରୁ ପୁରୀ ଯାତ୍ରା ନିମନ୍ତେ 'ଲକ୍ଷ୍ମୀ' ବସ୍ ଯୋଜନାରେ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଛନ୍ତି 'ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ'। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏହି ବସ୍ ଚଳାଚଳ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହ ମା' ମାନଙ୍କ ପାଇଁ ବସ୍ ଭଡ଼ାରେ ୫୦% ରିଆତି ଦିଆଯିବ ବୋଲି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ଘାଟନ କାର୍ଯ୍ୟକ୍ରମ ପରେ ପ୍ରଥମ ପର୍ଯ୍ୟାୟରେ ପୁରୀକୁ ବଲାଙ୍ଗିର, ବରଗଡ, ଗଞ୍ଜାମ, ଝାରସୁଗୁଡା, କୋରାପୁଟ, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର, ନୂଆପଡା, ରାୟଗଡା, ସମ୍ବଲପୁର ଓ ସୁନ୍ଦରଗଡ ଆଦି ୧୨ ଜିଲ୍ଲାରୁ ଜଗନ୍ନାଥ ଏକ୍ସପ୍ରେସ ଚଳାଚଳ ଆରମ୍ଭ କରିଛି। '୫-ଟି' ଉପକ୍ରମରେ ଆରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍‌ସେବା ଯୋଜନା ଅଧୀନରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ଚଳାଚଳ ଆରମ୍ଭ କରିଛି। ରାଜ୍ୟର ୩୦ଟି ଜିଲ୍ଲାରୁ ୮୦ଟି ସୁପର ପ୍ରିମିୟମ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ଏହି ଯୋଜନାରେ ଚଳାଚଳ କରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ▸ପୃଷ୍ଠା-୯

# ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିବ ଭକ୍ତଙ୍କ ଅର୍ଘ୍ୟ

## ଅର୍ପଣ ରଥରେ ସଂଗୃହୀତ ହୋଇଥିଲା ଅକ୍ଷତ, ଗୁଆ

■ **ପୁରୀ, ୧୮ ।୧ (ସମିସ):** ମହାପ୍ରଭୁଙ୍କ କାମରେ ଲାଗିବ ଭକ୍ତର ଭକ୍ତିଅର୍ଘ୍ୟ। ଅର୍ପଣ ରଥରେ ସଂଗୃହୀତ (ଅକ୍ଷତ) ଅରୁଆ ଚାଉଳ, ଗୁଆ ଆଦି ସାମଗ୍ରୀକୁ ସସମ୍ମାନ ଗ୍ରହଣ କରିବ ଶ୍ରୀମନ୍ଦିର ସୁଆର ଓ ମହାସୁଆର ନିଯୋଗ। ଭାବବିନୋଦିଆଙ୍କୁ ଉଦ୍ଦେଶ୍ୟରେ ଶ୍ରଦ୍ଧା ଓ ଭଲ ପାଇବାର ଏହି ସମର୍ପଣକୁ ତର୍ଜମା କରାଯାଇ ମହାପ୍ରଭୁଙ୍କ କାର୍ଯ୍ୟରେ ହିଁ ଲଗାଯିବ। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପୂର୍ବରୁ ଓଡ଼ିଶାର ପ୍ରତ୍ୟେକ ଗାଁ ଗଣ୍ଡାରେ ଗଡ଼ିଥିଲା ଜୟ ଜଗନ୍ନାଥ ଅର୍ପଣ ରଥ। ଦାସିଆ ବାଉରୀ ହାତରୁ ନଡ଼ିଆ ନେବା ଭଳି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରତିଟି ପରିବାର ଘର ଦୁଆରେ ଥାଇ ବଢ଼ାଇ ଦେଇଥିଲେ ଅରୁଆ ଚାଉଳ, ଗୁଆ, ନଡ଼ିଆ ଭଳି ଭକ୍ତିଅର୍ଘ୍ୟ। ▸ପୃଷ୍ଠା-୯

**ଅର୍ଘ୍ୟ ଗ୍ରହଣ କରିବ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ**

**ଅରୁଆ ଚାଉଳରେ ପ୍ରସ୍ତୁତ ହେବ ଖେଚେଡ଼ି ଓ ପିଠା**

**ମହାପ୍ରଭୁଙ୍କ ବିଡ଼ିଆ ପାନରେ ପଡ଼ିବ ଭାବଭକ୍ତିର ଗୁଆ**



## ହରଣୀ ହ୍ରଦରେ ବୁଡ଼ିଲା ଡଙ୍ଗା

# ୧୩ ଶିଶୁ, ୨ ଶିକ୍ଷକ ମୃତ

■ **ବଦୋଦରା, ୧୮।୧ (ଏଜେନ୍ସି):** ଗୁଜରାଟର ବଦୋଦରାଠାରେ ଥିବା ହରଣୀ ହ୍ରଦ୍‌ରେ ଡଙ୍ଗା ବୁଡ଼ି ୧୩ ସ୍କୁଲ୍ ପିଲା ଓ ୨ ଶିକ୍ଷକଙ୍କ ଅକାଳ ମୃତ୍ୟୁ ଘଟିଛି। ଡଙ୍ଗାରେ ବସିଥିବା ଅନ୍ୟ ୧୦ ଶିଶୁ ଏବଂ ୨ ଶିକ୍ଷକଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ କୌଣସି ସୂଚନା ମିଳିପାରି ନାହିଁ। ଦୁର୍ଘଟଣାର ଶିକାର ହୋଇଥିବା ସମସ୍ତ ଶିଶୁ ବଦୋଦରାର 'ନ୍ୟୁ ସନରାଇଜ' ସ୍କୁଲ୍‌ର। ସମସ୍ତେ ବଣଭୋଜି କରିବାକୁ ଯାଇ ହ୍ରଦରେ ବୋଟିଂ କରୁଥିଲେ। ଡଙ୍ଗାରେ ବସି ସେଲ୍‌ଫି ନେଉଥିବା ବେଳେ ଏକପାଖିଆ ହୋଇଯିବାରୁ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଦୁର୍ଭାଗ୍ୟକୁ ଯାତ୍ରୀମାନେ ଲାଇଫ୍‌ଜ୍ୟାକେଟ୍ ପିନ୍ଧି ନଥିବାରୁ ପାଣିରେ ବୁଡ଼ି ଯାଇଥିଲେ। ସୂଚନା ପାଇ ଦମକଳବାହିନୀ ଏବଂ ଏନ୍‌ଡିଆରଏଫ୍ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାର ସଦସ୍ୟଙ୍କ ପାଇଁ ୨ ଲକ୍ଷ ଏବଂ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୪ ଲକ୍ଷ ଓ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।



## ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା

# ୨୨ ତାରିଖ ଅଧାଦିନ ଛୁଟି

■ **ନୂଆଦିଲ୍ଲୀ/ଭୁବନେଶ୍ୱର, ୧୮ ।୧ (ସମିସ):** ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଆୟୋଜିତ ହେବାକୁ ଯାଉଛି। ଏହି ପ୍ରରିପେକ୍ଷୀରେ ରାଜ୍ୟ ସରକାର ୨୨ ତାରିଖରେ ଅଧା ଦିନ(ହାଫ୍ ଡେ) ଛୁଟି ଘୋଷଣା କରିଛନ୍ତି। ଉକ୍ତ ଦିନ ଅପରାହ୍ନ ୨ଟା ୩୦ ମିନିଟ ଯାଏଁ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ଏହାସହ ରାଜସ୍ୱ ଏବଂ ମାଜିଷ୍ଟ୍ରିଆଲ ଅଦାଲତ(କାର୍ଯ୍ୟନିର୍ବାହୀ) ମଧ୍ୟ ସମାନ ସମୟ ଯାଏଁ ବନ୍ଦ ରହିବ। କେନ୍ଦ୍ର ସରକାର ମଧ୍ୟ ଗୁରୁବାର ବିଜ୍ଞପ୍ତି ଜାରି କରି ୨୨ ତାରିଖକୁ ଅଧାଦିନ ଛୁଟି ଘୋଷଣା କରିଛନ୍ତି। ବିଜ୍ଞପ୍ତି ଅନୁସାରେ ସାରା ଦେଶରେ ସମସ୍ତ କେନ୍ଦ୍ରୀୟ ସରକାରୀ କାର୍ଯ୍ୟାଳୟ , ଶିକ୍ଷାନୁଷ୍ଠାନ ଏବଂ ଉଦ୍ୟୋଗ ଅପରାହ୍ଣ ୨ଟା ୩୦ ମିନିଟ୍ ଯାଏ ବନ୍ଦ ରହିବ। ଅନ୍ୟପକ୍ଷେ ବିଜେପି ଶାସିତ ରାଜ୍ୟ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୋଆ, ଛତିଶଗଡ଼, ହରିୟାଣା, ଆସାମ ସରକାର ୨୨ରେ ସମସ୍ତ ସରକାରୀ ଅନୁଷ୍ଠାନ ବନ୍ଦ ଘୋଷଣା କରିଛନ୍ତି।




### ନାବାଳକ ସହ ଅପ୍ରାକୃତିକ ଯୌନସମ୍ପର୍କ

# ଦୋଷୀକୁ ୨୦ବର୍ଷ ଜେଲ୍

**କଟକ, ୧୮ ।୧(ସମିସ):** ଜଣେ ୬ ବର୍ଷୀୟ ନାବାଳକ ସହ ଅପ୍ରାକୃତିକ ଯୌନସମ୍ପର୍କ ରଖିବା ମାମଲାରେ କଟକ ମଧୁପାଟଣା ଥାନା ଅଞ୍ଚଳର ଚିନ୍ତାମଣି ନାୟକ(୨୮) ଓରଫ୍ ଚିଣ୍ଟୁକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଆଡହକ ଫାଷ୍ଟଟ୍ରାକ କୋର୍ଟ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ବିଚାରପତି ପ୍ରଶାନ୍ତ କୁମାର ଦାସ। ଆଇପିସିର ଦଫା ୩୭୭ରେ ୮ ବର୍ଷ ଜେଲ ଦଣ୍ଡ ଓ ୧୦ହଜାର ଜରିମାନା ଓ ସେହିପରି ପୋକ୍ସୋ ଆଇନର ଧାରା ୬ରେ ଚିଣ୍ଟୁକୁ ୨୦ବର୍ଷ ଜେଲ ଦଣ୍ଡ ସହ ୨୦ହଜାର ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ଉଭୟ ଦଣ୍ଡାଦେଶ ଏକକାଳୀନ ଭୋଗ କରିବାକୁ ପଡ଼ିବ। ଜରିମାନା ଅନାଦେୟ ଏକ ବର୍ଷ ଅଧିକ ଜେଲ ଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ସେହିପରି ପୀଡିତ ନାବାଳକଙ୍କୁ ତ୍ୱରିତ ୩ଲକ୍ଷ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୯ ସେପ୍ଟେମ୍ବର ୯ରେ ଏହି ଘଟଣା ଘଟିଥିଲା। ଖାନନଗର ସ୍କୁଲ ନିକଟରେ ଖେଳୁଥିବା ନାବାଳକକୁ ଚକଲେଟ୍‌ର ପ୍ରଲୋଭନ ଦେଖାଇ ତାକୁ ଏକ ନିକାଞ୍ଚନ ସ୍ଥାନକୁ ନେଇଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ବିଶ୍ୱଜିତ ରାୟ ମାମଲା ପରିଚାଳନା କରୁଥିଲେ।

### ମାଞ୍ଜା ସୂତାରେ ନାବାଳକର ବେକ କଟିବା ଘଟଣା

# ଏସ୍‌ସିବିରେ ଅବିନାଶର ସଫଳ ଅସ୍ତ୍ରୋପଚାର

**କଟକ, ୧୮ ।୧(ସମିସ):** ବାଲେଶ୍ୱର ସଦର ଥାନା ଅଞ୍ଚଳର ୭ବର୍ଷର ନାବାଳକ ଅବିନାଶଙ୍କର ବେକରେ ମାଞ୍ଜାସୂତା ଲାଗି ୫୦ ପ୍ରତିଶତ କଟିଯାଇଥିଲା। ଗୁରୁବାର ଏସସିବି ମେଡିକାଲରେ ସଫଳ ଅସ୍ତ୍ରୋପଚାର ହୋଇଛି। ଆଜି ହୃଦ୍‌ବକ୍ଷଶଲ୍ୟ ବିଭାଗରେ ଅସ୍ତ୍ରୋପଚାର କରାଯାଇ ଆଇସିୟୁରେ ଭର୍ତ୍ତି କରାଯାଇଛି। ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ସିଟିଭିଏସ୍ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ସୂଚନା ଥାଉକି, ଗତ ୧୭ ତାରିଖ ଅପରାହ୍ଣ ସାଢ଼େ ୩ଟା ବେଳେ ବାଲେଶ୍ୱର ସଦର ଥାନା ନହରପାଟଣା ନିକଟରେ ଅବିନାଶଙ୍କୁ ତାଙ୍କ ବାପା ଶଶିକାନ୍ତ ମାହାଲ ବାଇକ୍‌ରେ ନେଇ ଯାଉଥିଲେ। ଏତିକିବେଳେ ରାସ୍ତାକଡ଼ରେ କିଛି ଯୁବକ ଗୁଡ଼ି ଉଡ଼ାଉଥିଲେ। ଗୁଡ଼ିର ମାଞ୍ଜା ସୂତା ହଠାତ ଅବିନାଶଙ୍କ ବେକରେ ଗୁଡ଼ାଇ ହୋଇଯାଇଥିଲା। ବେକ କଟିଯିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେଠାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟବସ୍ଥା ଜଟିଳ ହେବାରୁ ପରିବାରଲୋକ କଟକର ଏକ ଘରୋଇ ହସ୍ପିଟାଲକୁ ନେଇ ଆସିଥିଲେ। ପରେ ସେଠାରେ ଚିକିତ୍ସା ହୋଇ ନପାରିବାରୁ ଗୁରୁବାର ଏସ୍‌ସିବି ମେଡିକାଲକୁ ଅଣାଯାଇଥିଲା। କାଜୁଆଲିଟିରେ ଡାକ୍ତର ଦେଖିବା ପରେ ସିଟିଭିଏସ୍ ବିଭାଗକୁ ସ୍ଥାନାନ୍ତର କରିଥିଲେ। ସିଟିଭିଏସ ବିଭାଗରେ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ପଟ୍ଟନାୟକ, ଡାକ୍ତର ଚିତ୍ତରଞ୍ଜନ ଥାଟୋଇ, ଡାକ୍ତର ସୌଭାଗ୍ୟ ଦାସଙ୍କ ସମେତ ଟିମ୍ ଏହି ସଫଳ ଅସ୍ତ୍ରୋପଚାର କରି କଟା ବେକକୁ ଯୋଡ଼ିଥିବା ସୂଚନା ମିଳିଛି।

### ଶ୍ରମ ସେସ୍ ଖର୍ଚ୍ଚ ନହେବା ପ୍ରସଂଗ

# ସତ୍ୟପାଠ ଦାଖଲ ପାଇଁ ସରକାର ସମୟ ନେଲେ

**କଟକ, ୧୮ ।୧(ସମିସ):** ରାଜ୍ୟରେ ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ତଥା ସାମାଜିକ ନିରାପତ୍ତା ନିମନ୍ତେ ଆଦାୟ ହେଉଥିବା ଶ୍ରମ ସେସ୍ ବିନିଯୋଗ ହୋଇପାରୁ ନଥିବା ସଂକ୍ରାନ୍ତରେ ସ୍ୱତନ୍ତ୍ର ଅଡିଟ ରିପୋର୍ଟ ଓ ସତ୍ୟପାଠ ଦାଖଲ କରିପାରିନାହାନ୍ତି ରାଜ୍ୟ ସରକାର। ଏଥିପାଇଁ ଅଧିକ ସମୟ ଲୋଡ଼ିଥିବା ବେଳେ ପରବର୍ତ୍ତୀ ଶୁଣାଣି ସୁଦ୍ଧା ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଫେବ୍ରୁଆରୀ ୧କୁ ଧାର୍ଯ୍ୟ କରିଛନ୍ତି ଖଣ୍ଡପୀଠ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୃଣାଳିନୀ ପାଢ଼ୀ ମାମଲା ପରିଚାଳନା କରୁଛନ୍ତି। ପ୍ରକାଶଥାଉକି ଆଦାୟ ହେଉଥିବା ଶ୍ରମ ସେସ ଓ ଏହାର ଖର୍ଚ୍ଚର ସ୍ୱତନ୍ତ୍ର ଅଡିଟ ୬ମାସ ମଧ୍ୟରେ କରିବା ସହ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟ ଗତ ଜାନୁଆରୀ ୧୯ରେ ନିର୍ଦ୍ଦେଶ ଦେଇଥିଲେ। ରେଗୁଲେସନ ଅଫ ଏମ୍ପ୍ଲୟମେଣ୍ଟ ଆଣ୍ଡ କଣ୍ଡିସନ ଅଫ ସର୍ଭିସ ଆକ୍ଟ-୧୯୯୬ ଓ କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ୱେଲଫେୟାର ସେସ୍ ଆକ୍ଟ-୧୯୯୬କୁ ସଠିକ ଢଙ୍ଗରେ କାର୍ଯ୍ୟକାରୀ କରାଯାଉନଥିବା ଅଭିଯୋଗ ହୋଇଥିଲା। ପ୍ରାୟ ୫୭୯ କୋଟି ଟଙ୍କା ସେସ ଅର୍ଥ ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ପାଇଁ ଖର୍ଚ୍ଚ ନହୋଇ ପଡ଼ିରହିବାରୁ ଅଦାଲତ ଏହାର ସ୍ୱତନ୍ତ୍ର ଅଡିଟ ପାଇଁ କହିଥିଲେ।




# ୧୬ ବର୍ଷରୁ କମ୍ ପିଲାଙ୍କୁ କୋଚିଂ ସେଣ୍ଟର ମନା

## ନୂଆ ମାର୍ଗଦର୍ଶିକା ଜାରିକଲା କେନ୍ଦ୍ର

**ଭୁବନେଶ୍ୱର,୧୮ ।୧(ସମିସ):** କୋଚିଂ ସେଣ୍ଟରଗୁଡ଼ିକ ଏଣିକି ୧୬ ବର୍ଷରୁ କମ୍ ଛାତ୍ରଛାତ୍ରୀଙ୍କୁ ନାମ ଲେଖାଇ ପାରିବେ ନାହିଁ। ଭଲ ମାର୍କ ରଖିବାର ପ୍ରଲୋଭନ କିମ୍ବା ବିଭ୍ରାନ୍ତିକର ପ୍ରତିଶ୍ରୁତି ଦେଇପାରିବେ ନାହିଁ। ଶିକ୍ଷାଦାନ ନିମନ୍ତେ ସ୍ନାତକୋତ୍ତରରୁ କମ୍ ଶିକ୍ଷାଗତ ଯୋଗ୍ୟତା ଥିବା ଶିକ୍ଷକଙ୍କୁ ନିଯୁକ୍ତି କରିପାରିବେନି। କୋଚିଂ ସେଣ୍ଟରରୁ ପାସ୍ କରିଥିବା ଛାତ୍ରଛାତ୍ରୀଙ୍କ ନାମରେ କୌଣସି ପ୍ରକାର ଦାବି କରିପାରିବେ ନାହିଁ। ଏପରିକି ସେମାନଙ୍କ ଫଟୋ ବ୍ୟବହାର କରି କୌଣସି ପ୍ରକାର ବିଜ୍ଞାପନ ଦେଇ ପାରିବେ ନାହିଁ। କୋଚିଂ ସେଣ୍ଟରରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା, ଅଗ୍ନିକାଣ୍ଡ, ଆନୁସଙ୍ଗିକ ସୁବିଧା ଅଭାବ, ଶିକ୍ଷାଦାନ ପ୍ରଣାଳୀକୁ ନେଇ ବହୁ ଅଭିଯୋଗ ହେଉଥିଲା। ଦେଶରେ କ୍ରମଶଃ ବୃଦ୍ଧି ପାଉଥିବା କୋଚିଂ ସେଣ୍ଟର ଏବଂ ସେଠାରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ସର୍ବନିମ୍ନ ମାନ ବଜାୟ ରଖିବା ପାଇଁ କେନ୍ଦ୍ର ସରକାର ନୂଆ ଗାଇଡଲାଇନ୍ ଜାରି କରିଛନ୍ତି।

କୋଚିଂ ସେଣ୍ଟରଗୁଡ଼ିକ ପାଇଁ କେତେକ ନିୟମ ବାଧ୍ୟତାମୂଳକ କରାଯାଇଥିବା ଗାଇଡଲାଇନ୍‌ରେ ଦର୍ଶାଯାଇଛି। କୋଚିଂ ସେଣ୍ଟରର ପଞ୍ଜୀକରଣ ଏବଂ ନିୟନ୍ତ୍ରଣ ପାଇଁ ଏକ ଢ଼ାଞ୍ଚା ପ୍ରସ୍ତୁତ କରାଯିବ। କୋଚିଂ ସେଣ୍ଟରର କାର୍ଯ୍ୟ ଓ ପରିଚାଳନା ପାଇଁ ସର୍ବନିମ୍ନ ମାନକ ଦର୍ଶାଇବାକୁ ହେବ। ଏହାସହ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ରକ୍ଷା, ସାମଗ୍ରିକ ବିକାଶ ପାଇଁ ସହ ପାଠ୍ୟକ୍ରମ କାର୍ଯ୍ୟକଳାପକୁ ପ୍ରାଥମିକତା ଏବଂ ମାନସିକ ସୁସ୍ଥତା ଶୁନିଶ୍ଚିତ କରିବାକୁ କ୍ୟାରିୟର ସମ୍ପର୍କରେ ପଥ ପ୍ରଦର୍ଶନ ଓ ମାନସିକ ପରାମର୍ଶ ପ୍ରଦାନ କରିବାକୁ ହେବ ବୋଲି କୁହାଯାଇଛି।

> **ବିଭ୍ରାନ୍ତିକର ପ୍ରତିଶ୍ରୁତି ଦେଇ ପାରିବେନି କୋଚିଂ ସଂସ୍ଥା**
>
> **ବିଜ୍ଞାପନରେ ବ୍ୟବହାର କରିପାରିବେ ନାହିଁ କୃତୀ ଛାତ୍ରଛାତ୍ରୀଙ୍କ ଫଟୋ**

ସମସ୍ତ କୋଚିଂ ସେଣ୍ଟରର ପଞ୍ଜୀକରଣ ଓ ପରିଚାଳନା ପାଇଁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଅବଗତ କରାଯାଇଛି।

ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଚ୍ଚ ପ୍ରତିଯୋଗିତା ପାଇଁ ସୃଷ୍ଟି ହେଉଥିବା ଚାପ ମାନସିକ ଭାବେ ପ୍ରଭାବ ପକାଇଥାଏ। ତେଣୁ ଛାତ୍ରଛାତ୍ରୀଙ୍କ ମାନସିକ ସୁସ୍ଥତା ପାଇଁ ପଦକ୍ଷେପ ନେବାସହ ଅଯଥା ଚାପ ନ ଦେବାକୁ କୁହାଯାଇଛି। ଛାତ୍ରଛାତ୍ରୀଙ୍କ ମାନସିକ ଚାପ ଓ ଉଦାସୀନତାର ସମାଧାନ ପାଇଁ ପରାମର୍ଶ ଦେବା ପାଇଁ ପରାମର୍ଶଦାତା ତଥା ଅଭିଜ୍ଞ ମନୋବିଜ୍ଞାନୀଙ୍କୁ ନିୟୋଜିତ କରିବେ। ଏହାସହ କୋଚିଂ ସେଣ୍ଟର ୱେବସାଇଟ୍ ରେ ପଢ଼ାଉଥିବା ଶିକ୍ଷକଙ୍କ ଯୋଗ୍ୟତା, ପାଠ୍ୟକ୍ରମ, ସମାପ୍ତି ଅବଧି, ହଷ୍ଟେଲ ସୁବିଧା ଏବଂ ଫି' ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବାକୁ କୁହାଯାଇଛି।

ଏହି ମାର୍ଗଦର୍ଶିକାକୁ ଓଡ଼ିଶା ଅଭିଭାବକ ମହାସଂଘ ସ୍ୱାଗତ କରିଛି। ମହାସଂଘ ସଭାପତି ବାସୁଦେବ ଭଟ୍ଟ କହିଛନ୍ତି, ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଓ ବ୍ୟବସାୟୀକରଣ ରୋକିବାକୁ ଗାଇଡଲାଇନ ଅତି ଜରୁରୀ ଥିଲା। ଏହାସହ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୂର୍ଣ୍ଣାଙ୍ଗ ଗାଇଡ୍ ଲାଇନ ଆଣିବାକୁ ସେ ଦାବି କରିଛନ୍ତି। ସେହିପରି ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ବେଆଇନ ଭାବେ କୋଚିଂ ସେଣ୍ଟର କରି ବ୍ୟବସାୟ କରୁଥିବା କୋଚିଂ ସେଣ୍ଟର ଗୁଡିକ ଉପରେ ଅଙ୍କୁଶ ଲାଗିଲେ ସରକାରୀ ଓ ବେସରକାରୀ ସ୍କୁଲ ପାଠପଢ଼ାରେ ମଧ୍ୟ ଉନ୍ନତି ଓ ବ୍ୟାପକ ସଂସ୍କାର ଆସି ପରିବ ବୋଲି କହିଛନ୍ତି।

# ୨୭ରେ ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ

## ପ୍ରଣବ ଓ ମାନସଙ୍କ କ୍ଷେତ୍ର ଅନୁଧ୍ୟାନ



**ସମ୍ବଲପୁର,୧୮ ।୧(ସମିସ):** ସମ୍ବଲପୁର ସମଲେଇ ମନ୍ଦିର ରୁପାନ୍ତରଣ ପ୍ରକଳ୍ପ ଜାନୁଆରୀ ୨୭ ତାରିଖରେ ଲୋକାର୍ପଣ ହେବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମଲେଇ ମନ୍ଦିର ଆସି ପୂଜାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହାକୁ ଦୃଷ୍ଟିରେ ରଖି ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବପ୍ରକାଶ ଦାସ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ ପ୍ରମୁଖ ପ୍ରାରମ୍ଭିକ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଛନ୍ତି। ଏହି ଆଲୋଚନାରେ ବିଧାୟକ ସୁଶାନ୍ତ ସିଂହ, ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ ଓ ବିଜେଡି ରେଙ୍ଗାଲି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ ଉପସ୍ଥିତ ଥିଲେ। ସମଲେଇ ଲୋକାର୍ପଣ ପ୍ରକଳ୍ପରେ ଶ୍ରଦ୍ଧାଳୁମାନେ କିପରି ଆସିବେ, ସେମାନଙ୍କ ସୁବ୍ୟବସ୍ଥିତ ଦର୍ଶନ ଆଦି ବିଭିନ୍ନ ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଛି।

ଅନ୍ୟପଟେ ସର୍କିଟ ହାଉସରେ ପ୍ରଣବପ୍ରକାଶ ଓ ମାନସ ଦଳର ବିଭିନ୍ନ ନେତା ଓ କର୍ମୀଙ୍କ ସହ ମଧ୍ୟ ଅନ୍ୟ ଏକ ବୈଠକରେ ସାଙ୍ଗଠନିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି। ଜିଲ୍ଲାର ରେଙ୍ଗାଲି, କୁଚିଣ୍ଡା, ରେଢାଖୋଲ ଓ ସମ୍ବଲପୁର ୪ ବିଧାନସଭାର ନେତାମାନଙ୍କ ସହ ପୃଥକ୍ ପୃଥକ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇ ସେମାନଙ୍କ ସମସ୍ୟା ଦୂର କରିବାକୁ ପରାମର୍ଶ ଦେଇଛନ୍ତି ।

### ଦୁଇଟି ସ୍ଥାନରେ ବେଆଇନ୍ ଭାବେ ଚାଲୁଥିଲା ୩ଟି କରତ କଳ

# ୩୮ ଲକ୍ଷର କାଠ ଜବତ କଲା ଭିଜିଲାନ୍ସ

**ଭୁବନେଶ୍ୱର, ୧୮ ।୧(ସମିସ):** ଗୋଟିଏ ଦିନରେ ଦୁଇଟି ସ୍ଥାନରେ ବେଆଇନ ଭାବେ ଚାଲୁଥିବା ୩ଟି କରତ କଳ ଉପରେ ଭିଜିଲାନ୍ସ ଚଢ଼ଉ କରିଛି। ବାଲିପାଟଣା ଥାନା ଭାକରସାହିରେ ୨ଟି ବେଆଇନ୍ ଭାବେ ଚାଲୁଥିଲା କରତ କଳ। ଚଢ଼ଉ କରି ଭିଜିଲାନ୍ସର ବନ ବିଭାଗ ଚଢାଉ କରି କରତ କଳକୁ ସିଜ୍ କରିବା ସହ ୨୫ ଲକ୍ଷ ଟଙ୍କାର କାଠକୁ ଜବତ କରିଛି। ଉକ୍ତ କରତ କଳକୁ ଯାଞ୍ଚ କରିଥିଲେ ମଧ୍ୟ ତାର କିଛି ଦସ୍ତାବିଜ୍ ନଥିଲା। ଏନେଇ ଭିଜିଲାନ୍ସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। କିଭଳି ଏଠାରେ ଦୀର୍ଘଦିନ ଧରି ଏଭଳି କରତକଳ ଚାଲୁଥିଲା ସେନେଇ ଭିଜିଲାନ୍ସ ଖୋଳତାଡ଼ କରୁଛି। କାଠ ମାଫିଆମାନେ ବେଆଇନ୍ ଭାବେ ଜଙ୍ଗଲରୁ କାଠ କାଟି ଆଣି ଏହି କରତ କଳରେ କାଟୁଥିଲେ। ଯାହାଫଳରେ ମାଲିକ ଠାରୁ ଆରମ୍ଭ କରି ବନ ବିଭାଗର କିଛି କର୍ମଚାରୀ ମଧ୍ୟ ଫାଇଦା ପାଉଥିବାରୁ ଅଭିଯୋଗ ହୋଇଛି। ସେହିପରି କଟକ, ଓଲଟପୁର ଥାନା ଚିତଲପୁର ଅଞ୍ଚଳରେ ବେଆଇନ୍ ଭାବେ ମଧ୍ୟ କରତ କଳ ଚାଲଉଥିଲା। ଭିଜିଲାନ୍ସ ଜଙ୍ଗଲ ୱିଙ୍ଗ୍ ଚଢାଉ କରିଥିଲା। ୧୩ଲକ୍ଷ ୮୮ହଜାର ଟଙ୍କାର କାଠ ଜବତ କରାଯାଇଥିଲା। ଏହି କରତ କଳର କାଗଜପତ୍ର ଯାଞ୍ଚ କରାଯାଇଥିଲେ ମଧ୍ୟ ତାହାର ମଧ୍ୟ କୌଣସି ଦସ୍ତାବିଜ୍ ନଥିଲା। ଏନେଇ ଭିଜିଲାନ୍ସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଏହି ୩ଟି ବେଆଇନ୍ କରତ କଳକୁ ସିଜ୍ କରାଯିବା ସହ ସମୁଦାୟ ୩୮ ଲକ୍ଷ ୮୮ହଜାର ୧୮୦ ଟଙ୍କାର କାଠ ଜବତ କରାଯାଇଛି।

# ଛତିଶଗଡ଼ ଏବଂ ଓଡ଼ିଶାରେ ବଡ଼ଧରଣର ଆୟକର ଚଢ଼ଉ

> **କୋଇଲା ବ୍ୟବସାୟୀଙ୍କ ଘରେ ଛାନଭିନ୍**

**ଭୁବନେଶ୍ୱର, ୧୮ ।୧(ସମିସ):** ଛତିଶଗଡ଼ ଏବଂ ଓଡ଼ିଶାରେ ଆୟକର ବିଭାଗ ବଡ଼ଧରଣର ଚଢ଼ଉ କରିଛି। ବିଶିଷ୍ଟ କୋଇଲା ବ୍ୟବସାୟୀ ଘନଶ୍ୟାମ ଡାଲମିୟାଙ୍କ ବିଭିନ୍ନ ଠିକଣାରେ ଚଢ଼ଉ କରାଯାଇଥିବା ସୂଚନା ମିଳିଛି। ସୁନ୍ଦରଗଡ଼ ଓ ଛତିଶଗଡ଼ରେ ଘନଶ୍ୟାମଙ୍କ କୋଇଲା ବ୍ୟବସାୟ ରହିଛି। ଘନଶ୍ୟାମଙ୍କ ଓଡ଼ିଶା, ଛତିଶଗଡ଼, ମୁମ୍ବାଇ, ମଧ୍ୟପ୍ରଦେଶର ବିଭିନ୍ନ ସ୍ଥାନରେ କୋଇଲା ବ୍ୟବସାୟ ଓ ହୋଟେଲ ରହିଛି। ଏହାସହ ଘନଶ୍ୟାମଙ୍କ ଗୋପାଳପୁରରେ ଥିବା ଦୁଇ ମହଲା କୋଠା ଓ ଅଫିସ, ବିଲେଇମୁଣ୍ଡାର ଅଫିସ, ଘର, ସୋ'ରୁମ, ସ୍ପଞ୍ଜ ଆଇରନ୍ ଫ୍ୟାକ୍ଟ୍ରିରେ ମଧ୍ୟ ଚଢ଼ଉ କରିଛି ଆୟକର ବିଭାଗ। ସେହିପରି ଘନଶ୍ୟାମଙ୍କ ଏମ୍‌ସିଏଲରେ ଥିବା କୋଇ ପରିବହନ ସାଇଟ୍, ଛତିଶଗଡ଼ ରାଏଗଡ଼ରେ ଥିବା ଆଇରନ, ଷ୍ଟିଲ ଓ ପାୱାର ପ୍ଲାଣ୍ଟ ଫ୍ୟାକ୍ଟ୍ରି ଓ ଘର, ରାୟପୁରରେ ଥିବା ଘର, ଅଫିସ ଏବଂ ବିଳାସପୁରରେ ଥିବା ହୋଟେଲରେ ମଧ୍ୟ ଚଢ଼ଉ ହୋଇଛି। ଚଢ଼ଉରେ ୧୦୦ରୁ ଅଧିକାରୀ ଓ ସିଆରପିଏଫ୍ ଫୋର୍ସ ସାମିଲ ହୋଇଛନ୍ତି। ଚଢ଼ଉ ପରେ ଘନଶ୍ୟାମଙ୍କ ସବୁ ସ୍ଥାନକୁ ସିଲ୍ କରାଯାଇଛି। ଏହାସହ ସମସ୍ତ କର୍ମଚାରୀ ଓ ମାଲିକମାନଙ୍କୁ ଅଟକ ରଖିଛି ଆୟକର ବିଭାଗ। ତେବେ ଚଢ଼ଉ ବେଳେ କିଛି କର୍ମଚାରୀ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି।

# ରାଜ୍ୟ ମୋର୍ଚ୍ଚା ପ୍ରଭାରୀ ନାମ ତାଲିକା ଘୋଷଣା

**ଭୁବନେଶ୍ୱର, ୧୮ ।୧(ସମିସ):** ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଗୁରୁବାର ଦଳର ବିଭିନ୍ନ ମୋର୍ଚ୍ଚା ପ୍ରଭାରୀ ନାମ ତାଲିକା ଘୋଷଣା କରାଯାଇଛି। ଯୁବମୋର୍ଚ୍ଚା ପ୍ରଭାରୀ ଭାବେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ମହିଳା ମୋର୍ଚ୍ଚା ପ୍ରଭାରୀ ଭାବେ ରାଜ୍ୟ ଉପସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଓବିସି ମୋର୍ଚ୍ଚା ପ୍ରଭାରୀ ଭାବେ ରାଜ୍ୟ ଉପସଭାପତି ତଥା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କୁ ଦାୟିତ୍ୱ ମିଳିଛି। ସେହିପରି କୃଷକ ମୋର୍ଚ୍ଚା ପ୍ରଭାରୀ ଭାବେ ରାଜ୍ୟ ଉପସଭାପତି ଗୋଲକ ପ୍ରସାଦ ମହାପାତ୍ର, ଅନୁସୂଚିତ ଜାତି (ଏସ୍‌ସି) ମୋର୍ଚ୍ଚା ପ୍ରଭାରୀ ଭାବେ ରାଜ୍ୟ ସମ୍ପାଦକ ରମେଶ ସାହୁ ଏବଂ ଅନୁସୂଚିତ ଜନଜାତି(ଏସ୍‌ଟି) ମୋର୍ଚ୍ଚା ପ୍ରଭାରୀ ଭାବେ ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଅଛି ବୋଲି ପ୍ରେସ୍ ବାର୍ତ୍ତା ଜରିଆରେ ସୂଚନା ଦିଆଯାଇଛି।

# କନିଷ୍ଠ ଶିକ୍ଷକ ପରୀକ୍ଷାଫଳକୁ ନେଇ ବଢୁଛି ଅସନ୍ତୋଷ

**ଭୁବନେଶ୍ୱର, ୧୮ ।୧(ସମିସ):** କନିଷ୍ଠ ଶିକ୍ଷକ(ସ୍କିମାଟିକ) ଲିଖିତ ପରୀକ୍ଷା ଫଳ ପ୍ରକାଶ ପରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ପ୍ରାର୍ଥୀଙ୍କ ସମୁଦାୟ ମାର୍କ ପ୍ରକାଶ କରିବା, ନର୍ମାଲାଇଜେସନ୍ ପ୍ରକ୍ରିୟା ଓ ମାର୍କ ପ୍ରକାଶ କରିବା ସହ ସମସ୍ତ ପରୀକ୍ଷାର୍ଥୀଙ୍କ ମାର୍କକୁ ସାର୍ବଜନୀନ କରିବାକୁ ସେମାନେ ଦାବି କରୁଛନ୍ତି। ଏହାସହ ଏନ୍‌ଆଇଓଏସ୍ ଡିଏଲ୍‌ଇଡି ପରୀକ୍ଷାର୍ଥୀଙ୍କୁ ତାଲିକାରୁ ବାଦ୍ ଦେଇ ସମସ୍ତ ୨୦ ହଜାର ପଦ ପୂରଣ କରିବାକୁ ଦାବି କରୁଛନ୍ତି। ଏହି ସମସ୍ତ ତଥ୍ୟ ସୂଚନା ଅଧିକାର ଆଇନରେ ପାଇବାକୁ ଗୁରୁବାର ବହୁ ସଂଖ୍ୟାରେ ଆଶାୟୀ ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି।

> **ଆର୍‌ଟିଆଇରେ ତଥ୍ୟ ହାସଲ ପାଇଁ ଓସେପା କାର୍ଯ୍ୟାଳୟରେ ଲମ୍ବା ଲାଇନ**

## ନନ୍ଦନକାନନରେ ଜଳହସ୍ତୀ ଶାବକ ଜନ୍ମ

# ୧୧କୁ ବୃଦ୍ଧି ପାଇଲା ଜଳହସ୍ତୀ ସଂଖ୍ୟା

**ବାରଙ୍ଗ, ୧୮ ।୧(ସମିସ):** ଗୁରୁବାର ସକାଳେ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୬୨ ନମ୍ବର ଖୁଆଡ଼ରେ ଥିବା ଜଳହସ୍ତୀ ଏକ ଶାବକ ଜନ୍ମ ଦେଇଛି। ଏହି ଶାବକ ଜନ୍ମ ପରେ ନନ୍ଦନକାନନରେ ଜଳହସ୍ତୀ ସଂଖ୍ୟା ବୃଦ୍ଧି ପାଇ ୧୧ରେ ପହଞ୍ଚିଛି। ସେଥିମଧ୍ୟରେ ୬ଟି ମାଇ ଓ ୪ଟି ଅଣ୍ଡିରା ଥିବା ବେଳେ ଜନ୍ମିତ ଶାବକର ଲିଙ୍ଗ ନିରୂପଣ କରାଯାଇନାହିଁ। ପ୍ରାଣୀ ଉଦ୍ୟାନର ଡାକ୍ତର ଓ ଅଧିକାରୀମାନେ ମା' ଓ ଶାବକର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମା' ଓ ଶାବକ ଉଭୟେ ସୁସ୍ଥ ଥିବା ସୂଚନା ମିଳିଛି। ଏଠାରେ ସୂଚନାଯୋଗ୍ୟ, ୧୯୯୨ ମସିହାରେ ପ୍ରଥମ କରି ଏକ ଯୋଡ଼ା ଜଳହସ୍ତୀ ନନ୍ଦନକାନନ ଅଣାଯାଇଥିଲା। ପୁଷ୍କରିଣୀରେ ଏହି ଦୁହିଁକୁ ପର୍ଯ୍ୟଟକ ଦେଖିବା ନିମନ୍ତେ ଛଡ଼ାଯାଇଥିଲା। ଏଠାକାର ଜଳବାୟୁ ଏମାନଙ୍କ ବଂଶବୃଦ୍ଧି କରିବାରେ ବେଶ ସହାୟକ ହୋଇଥିଲା। ଫଳରେ ୨୦୧୦ ସୁଦ୍ଧା ଏମାନଙ୍କ ସଂଖ୍ୟା ୨୧କୁ ବୃଦ୍ଧି ପାଇଥିଲା। ୨୦୧୪ ପାଟନା ଚିଡ଼ିଆଖାନା ଓ ୨୦୧୮ରେ ରାୟପୁର ଚିଡ଼ିଆଖାନାକୁ ପୃଥକ୍ ପୃଥକ୍ ଭାବେ ୬ଟି ଜଳହସ୍ତୀ ଦିଆଯାଇଥିଲା। କାଞ୍ଜିଆ ହ୍ରଦ କଡ଼ରେ ଥିବା ବୃହତ୍ ଖୁଆଡ଼ରେ ପ୍ରତିଦିନ ଜଳହସ୍ତୀଙ୍କ ଜଳକ୍ରୀଡ଼ା ପର୍ଯ୍ୟଟକଙ୍କ ମନ ମୋହିଥାଏ।

# ଲୋକସଭା କ୍ଷେତ୍ର ପାଇଁ କଂଗ୍ରେସର ସଂଯୋଜକ ନିଯୁକ୍ତ

**ଭୁବନେଶ୍ୱର,୧୮ ।୧(ସମିସ):** ରାଜ୍ୟର ବିଭିନ୍ନ ଲୋକସଭା କ୍ଷେତ୍ର ପାଇଁ ସଂଯୋଜକ ନିଯୁକ୍ତ କରିଛି କଂଗ୍ରେସ। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସୁପାରିଶକ୍ରମେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ସାଧାରଣ ନିର୍ବାଚନ-୨୦୨୪ ପାଇଁ ଓଡ଼ିଶାର ସମସ୍ତ ଲୋକସଭା କ୍ଷେତ୍ର ନିମନ୍ତେ ସଂଯୋଜକମାନଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ରାଜ୍ୟ କଂଗ୍ରେସ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ବରଗଡ ଆସନ ପାଇଁ ଆଶୁତୋଷ ସ୍ୱାଇଁ ସଂଯୋଜକ ଭାବେ ଦାୟିତ୍ୱ ତୁଲାଇବା ସହ ସୁନ୍ଦରଗଡ଼ ପାଇଁ ଅନନ୍ତ ସୟନ ପାଢ଼ୀ, ସମ୍ବଲପୁର ପ୍ରେମ ଶଙ୍କର ମିଶ୍ର, କେନ୍ଦୁଝର ବିଷ୍ଣୁ ବାରିକ, ମୟୂରଭଞ୍ଜ ମନୋରଞ୍ଜନ ରାଉତ, ବାଲେଶ୍ୱର ଜାନକୀବଲ୍ଲଭ ପଟ୍ଟନାୟକ, ଭଦ୍ରକ ଜିଆ ଉଲ୍ ହକ୍, ଯାଜପୁର ଜିନେଶ ଦାସ, ଢେଙ୍କାନାଳ ବାଙ୍କନିଧି ବେହେରା, ବଲାଙ୍ଗୀର ଦିଲ୍ଲିପ ନନ୍ଦ, କଳାହାଣ୍ଡି ଦ୍ୱାରିକା ମହାପାତ୍ର, ନବରଙ୍ଗପୁର ରବୀନ୍ଦ୍ର ମହାପାତ୍ର, କନ୍ଧମାଳ ରାଜୀବ ପଟ୍ଟନାୟକ, କଟକ ସୁବ୍ରତ ମହାପାତ୍ର, କେନ୍ଦ୍ରାପଡ଼ା ଶଶିକାନ୍ତ ଲେଙ୍କା, ଜଗତସିଂହପୁର ସୁଦିପ୍ତ କର, ପୁରୀ ବିପ୍ଳବ ଚୌଧୁରୀ, ଭୁବନେଶ୍ୱର ହଳଧର ସେଠୀ, ଆସ୍କା ଘନ ସବର, ବ୍ରହ୍ମପୁର ଶୁଭେନ୍ଦୁ ମହାନ୍ତ ଓ କୋରାପୁଟ ପାଇଁ ପୀତବାସ ପଣ୍ଡାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି।

## ଜେଲ୍ ସଂସ୍କାର ମାମଲାରେ ସରକାରଙ୍କ ସତ୍ୟପାଠ

# ଶ୍ରମ ଅନୁସାରେ ପୁଷ୍ଟିକର ଖାଦ୍ୟ ଯୋଗାଣ ପାଇଁ ନିଆଯାଉଛି ପଦକ୍ଷେପ

**କଟକ, ୧୮ ।୧(ସମିସ):** ଜେଲ୍ ସଂସ୍କାର ପ୍ରସଙ୍ଗରେ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଏହି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସତ୍ୟପାଠ ହାଇକୋର୍ଟରେ ଦାଖଲ କରାଯାଇଛି। ଜେଲ ଅନ୍ତେବାସୀଙ୍କୁ ସ୍ୱେଚ୍ଛାକୃତ ଶ୍ରମ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ବେଳେ ସେମାନଙ୍କୁ ଲେବରିଂ ଡାଏଟ ଦିଆଯାଉନାହିଁ ବୋଲି ଅଭିଯୋଗ ହୋଇଥିଲା। ଜେଲରେ ଅନ୍ତେବାସୀଙ୍କୁ ଶ୍ରମ ଅନୁସାରେ ପୁଷ୍ଟିକର ଖାଦ୍ୟ ଯୋଗାଣ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି ଓ ଏହା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ସରକାରଙ୍କ ପକ୍ଷରୁ ସତ୍ୟପାଠରେ କୁହାଯାଇଛି। ଜେଲରେ ଯେଉଁ ଅନ୍ତେବାସୀ ଶ୍ରମ କାର୍ଯ୍ୟ କରୁନାହାନ୍ତି ଓ ଯେଉଁମାନେ ଶ୍ରମ କାର୍ଯ୍ୟରେ ନିୟୋଜିତ ରହୁଛନ୍ତି, ସମସ୍ତଙ୍କୁ ବର୍ତ୍ତମାନର ବ୍ୟବସ୍ଥା ଅନୁସାରେ ସମାନ ପ୍ରକାର ଖାଦ୍ୟ ଦିଆଯାଉଛି। ଲେବରିଂ ଡାଏଟ ଲାଗୁ ହେଲେ ଶ୍ରମ କାର୍ଯ୍ୟ କରୁଥିବା ଅନ୍ତେବାସୀଙ୍କୁ ଅଧିକ ପୁଷ୍ଟିକର ଖାଦ୍ୟ ଦିଆଯିବ। ସେହିପରି ଉଦ୍‌ରକରେ ନିର୍ମାଣାଧୀନ ଜେଲ୍ ଆସନ୍ତା ମାର୍ଚ୍ଚ ସୁଦ୍ଧା ଓ ଯାଜପୁର ଜେଲ ନିର୍ମାଣ କାର୍ଯ୍ୟ ଜୁନ ଶେଷ ସୁଦ୍ଧା ସରିବ ବୋଲି ସତ୍ୟପାଠରେ କୁହାଯାଇଛି। ଅନ୍ୟ ପ୍ରକଳ୍ପଗୁଡ଼ିକ ୩୬ ମାସ ମଧ୍ୟରେ ସରିବ ବୋଲି କୁହାଯାଇଥିଲା। ନିର୍ଦ୍ଦିଷ୍ଟ ସମୟ ସୀମା ଉଲ୍ଲେଖ ପାଇଁ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିବା ବେଳେ ଏହି ସମ୍ପର୍କିତ ସତ୍ୟପାଠ ହାଇକୋର୍ଟରେ ଦାଖଲ କରାଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସପ୍ତାହକୁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଥାଉକି ଯାଜପୁରରେ ୧୩୩ ସ୍ଥଳେ ୧୮୬ ଜଣ ଓ ଭଦ୍ରକ ଜେଲରେ ୨୧୦ ସ୍ଥଳେ ୨୯୫ଜଣ ଅନ୍ତେବାସୀ ରହୁଥିବା ନେଇ ହାଇକୋର୍ଟ ପୂର୍ବରୁ ଉଦ୍‌ବେଗ ପ୍ରକାଶ କରିଥିଲେ।

## ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ସମାରୋହ

# ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ସରକାରଙ୍କ ଉଦ୍ୟମ ଅବ୍ୟାହତ: ମନ୍ତ୍ରୀ

**ଭୁବନେଶ୍ୱର, ୧୮ ।୧(ସମିସ):** ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ଉଦ୍ୟମ ଅବ୍ୟାହତ ରଖିଛନ୍ତି। ରାଜ୍ୟରେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଖ୍ୟାତିସମ୍ପନ୍ନ ଆଇଆଇଟି, ଏମସ୍, ନାଇଜର, ଆଇଜର, ଧାନ ଗବେଷଣା କେନ୍ଦ୍ର, ଧାତୁ ଓ ଖଣିଜ ଦ୍ରବ୍ୟ ପ୍ରତିଷ୍ଠାନ, ଜୀବବିଜ୍ଞାନ ପ୍ରତିଷ୍ଠାନ ଓ ଆର୍‌ଏମ୍‌ଆର୍‌ସି ପରି ସଂସ୍ଥାଗୁଡ଼ିକ କାର୍ଯ୍ୟ କରୁଥିବା ବେଳେ ବିଜ୍ଞାନ ଓ କାରିଗରୀ ବିଭାଗ ଅଧିନରେ ଓର୍‌ସାକ୍ ସମେତ ରାଜ୍ୟ ବିଜ୍ଞାନ ଓ କାରିଗରୀ ପରିଷଦ କାର୍ଯ୍ୟ କରୁଛି। ଆମ ଜୀବନଧାରାରେ ବିଜ୍ଞାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ବିକାଶ ପ୍ରକ୍ରିୟାରେ ଏହାର ଅବଦାନ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଲ୍ଲେଖ କରିଛନ୍ତି। ଆଜି ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ବିଭାଗ ଅଧୀନ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ୨୦୨୧ ଏବଂ ୨୦୨୨ ମସିହା ପାଇଁ ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ ଓ ପୁରସ୍କୃତ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏକାଡେମୀର କାର୍ଯ୍ୟକଳାପକୁ ପ୍ରଶଂସା କରିଛନ୍ତି।



ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ଓ ବୈଷୟିକ, ଯୋଜନା ଓ ସଂଯୋଜନ ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ର ଅରୁମୁଗମ୍ କହିଥିଲେ ଯେ ବିଜ୍ଞାନର ଜୟଯାତ୍ରା ଅବ୍ୟାହତ ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର୍ ପ୍ରଭାତ କୁମାର ମହାପାତ୍ରଙ୍କୁ ୨୦୨୧ ମସିହା ଓ ପ୍ରଫେସର୍ ବିଦ୍ୟୁତ୍ କୁମାର ଦାସଙ୍କୁ ୨୦୨୨ ମସିହା ପାଇଁ ବୈଜ୍ଞାନିକ ଉତ୍କର୍ଷ ନିମନ୍ତେ ବିଜୁ ପଟ୍ଟନାୟକ ପୁରସ୍କାର ସ୍ୱରୂପ ଦୁଇଲକ୍ଷ ଟଙ୍କା, ପଦକ, ମାନପତ୍ର, ପ୍ରମାଣପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଅନୁରୂପ ଭାବରେ ୨୦୨୧ ମସିହା ପାଇଁ ଡ. ସୁବାସିନୀ ଲେଙ୍କା, ଡ. ନିଖିଳାନନ୍ଦ ପାଣିଗ୍ରାହୀ, ପ୍ରଫେସର୍ ଗଣପତି ପଣ୍ଡା, ଡ. ଧୀରେନ୍ଦ୍ର କୁମାର ଦାସ, ଡ. ରାମଚନ୍ଦ୍ର ମହାନ୍ତି ଏବଂ ୨୦୨୨ ମସିହା ପାଇଁ ଡ. ସୁବୋଧ କୁମାର ସାହୁ, ଡ. ବିଜୟ କେତନ ପଟ୍ଟନାୟକ, ପ୍ରେଫେସର ଶିବ ପ୍ରସାଦ ଅଧିକାରୀ, ପ୍ରଫେସର ସତ୍ୟବାନ ଜେନା ଓ ଡ. ମନୋରଞ୍ଜନ କରଙ୍କୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ବରିଷ୍ଠ ବୈଜ୍ଞାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-205 ◆BHUBANESWAR ◆FRIDAY ◆19 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୦୫ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୯ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




**ଜୁଡୋରେ ଗାୟତ୍ରୀଙ୍କୁ ରୌପ୍ୟ**

▶କ୍ରୀଡ଼ା ପୃଷ୍ଠାରେ...






## ନେତାଜୀ ସ୍ମାରକୀ ପୀଠ କାର୍ଯ୍ୟ ତଦାରଖ କଲେ ମେୟର ଓ କମିସନର

# ଫେବୃଆରୀ ସୁଦ୍ଧା କାର୍ଯ୍ୟ ଶେଷ ନିର୍ଦ୍ଦେଶ

କଟକ, ୧୮ ।୧(ସମିସ)



**୨୮ କୋଟି ବ୍ୟୟଅଟକଳରେ ଚାଲିଛି କାର୍ଯ୍ୟ**



ଓଡିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ନିକଟରେ ୨୮କୋଟି ଟଙ୍କା ବ୍ୟୟରେ ନେତାଜୀ ସ୍ମାରକୀ ପୀଠ (ନେତାଜୀ ମେମୋରିଆଲ କମ୍ପ୍ଲେକ୍ସ) କାର୍ଯ୍ୟ ଆଗେଇ ଚାଲିଛି। ସିଏମସି ମେୟର ସୁବାସ ଚନ୍ଦ୍ର ସିଂହ ଓ ସିଡିଏ ଉପାଧ୍ୟକ୍ଷ ତଥା ସିଏମସି କମିଶନର ନିଖିଳ ପୱନ କଲ୍ୟାଣ ଗୁରୁବାର ପୂର୍ବାହ୍ନରେ ଏହି ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିବା ସହ କାର୍ଯ୍ୟର ତଦାରଖ କରିଛନ୍ତି। ଫେବୃଆରୀ ସୁଦ୍ଧା କାର୍ଯ୍ୟ ଶେଷ ପାଇଁ ଉପସ୍ଥିତ ଅଧିକାରୀ ଓ ଯନ୍ତ୍ରୀଙ୍କୁ ମେୟର ଓ କମିଶନର ନିର୍ଦ୍ଦେଶ ଦେଇଥିଲେ।

ନେତାଜୀ ଜନ୍ମପୀଠ ସଂଗ୍ରହାଳୟ ଓ ଐତିହ୍ୟ ସମ୍ପନ୍ନ ପୁରୁଣା ଜେଲ ପରିସର ଯେପରି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବ ସେଥିପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ନିକଟରେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯିବା ସହ ୨୮ କୋଟି ଟଙ୍କା ବ୍ୟୟବରାଦ କରାଯାଇ ଏହାର କାର୍ଯ୍ୟ ନ୍ୟାସନାଲ ପ୍ରୋଜେକ୍ଟ କନଷ୍ଟ୍ରକ୍ସନ କର୍ପୋରେସନ (ଏନପିସିସି)କୁ ଦିଆଯାଇଥିଲା। ନେତାଜୀ ସ୍ମାରକୀ ପୀଠ ପରିସରରେ ଶିଶୁ ଉଦ୍ୟାନ, ଯୋଗକେନ୍ଦ୍ର, ଫୁଡ୍ କୋର୍ଟ, ପାର୍କିଂ ସ୍ଥଳ, ଶୌଚାଳୟ, ପୁଷ୍କରିଣୀ, ବାଖ୍ୟାନ କେନ୍ଦ୍ର ସହ ନେତାଜୀଙ୍କ ଜୀବନୀକୁ ନେଇ ଏକାଧିକ ନିର୍ମାଣ କାର୍ଯ୍ୟ କରାଯିବ। ନେତାଜୀ ସ୍ମାରକୀ ପୀଠର ପ୍ରବେଶ ପଥକୁ ଅଧିକ ଆକର୍ଷିତ କରାଯିବା ସହ ରଙ୍ଗବେରଙ୍ଗ ଆଲୋକ ସଜ୍ଜା, ନେତାଜୀଙ୍କ ଜୀବନୀ ଉପରେ ଲେଜର ସୋ ପ୍ରଦର୍ଶିତ କରାଯିବ। ଯୋଗକେନ୍ଦ୍ରରେ ନେତାଜୀଙ୍କ ଦୈନନ୍ଦିନ କାର୍ଯ୍ୟ ସହ ଧାର୍ମିକ ଭାବ ଉପରେ ଆଧାରିତ କାର୍ଯ୍ୟକ୍ରମ ଦେଖିବାକୁ ମିଳିବ। ବିଶେଷକରି ଡିସପ୍ଲେ ସେଣ୍ଟରକୁ ଅଧିକ ଆକର୍ଷଣୀୟ କରାଯିବ, ଯେଉଁଠାରେ ଦର୍ଶକ ତାଙ୍କର ପ୍ରତିମୂର୍ତ୍ତି ଦେଖିପାରିବେ। ନେତାଜୀଙ୍କ ଏକାଧିକ ଭାଷଣରୁ ଆରମ୍ଭ କରି ଦ୍ୱିତୀୟ ମହାଯୁଦ୍ଧ ଓ ସ୍ୱାଧୀନତା ସଂଗ୍ରାମ ସଂକ୍ରାନ୍ତୀୟ ଅଡିଓ ଭିଡିଓ ଚାଲିବ। ସେହିଭଳି ଆଜାଦ୍ ହିନ୍ଦ୍ ଫୌଜର ଇତିହାସ ସମ୍ପର୍କରେ ଦର୍ଶକମାନଙ୍କ ପାଇଁ ଅଡିଓ ଏବଂ ଫଟୋ ପ୍ରଦର୍ଶନ କରାଯିବ।

ବିଶେଷକରି ପୁରୁଣା ଜେଲର ବାହାର ଅଂଶକୁ ମରାମତି କରାଯାଇଥିଲା ବେଳେ ଭିତର ପଟକୁ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୂର୍ବବତ୍ ରଖାଯାଇଛି। ଗଙ୍ଗାମନ୍ଦିର ପୋଖରୀକୁ ନୂଆ ରୂପ ଦିଆଯାଇ ନେତାଜୀ ବାଖ୍ୟାନ କେନ୍ଦ୍ର ସହ ପ୍ରକଳ୍ପର ପ୍ରାୟ ୮୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିଲା ବେଳେ ଲ୍ୟାଣ୍ଡ ସ୍କେପିଙ୍ଗ୍, ଉଦ୍ୟାନ ଓ ଚଲାପଥର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ଏହି ସ୍ମାରକୀ ପୀଠରେ ନେତାଜୀଙ୍କ ଚିନ୍ତା, ଭାବନା ଓ ଆତ୍ମାକୁ ପର୍ଯ୍ୟଟକମାନେ ଅନୁଭବ କରିପାରିବେ। ଏହି ପରିଦର୍ଶନ ବେଳେ ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, କର୍ପୋରେଟର ମହମ୍ମଦ ଇଫତ୍‌କାର ଆଲମ, ଏନପିସିସିର ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମେୟର ଶ୍ରୀ ସିଂହ ଓ କମିଶନର ଶ୍ରୀ କଲ୍ୟାଣ ନେତାଜୀ ଜନ୍ମ ସ୍ଥାନ ସଂଗ୍ରହାଳୟ ବୁଲି ଦେଖିଥିଲେ।

## ରାମମନ୍ଦିର ପ୍ରତିଷ୍ଠା ପାଇଁ ବ୍ୟାପକ କାର୍ଯ୍ୟକ୍ରମ



**କଟକ, ୧୮ ।୧(ସମିସ):** ଆସନ୍ତା ୨୨ ତାରିଖ ସୋମବାର ଦିନ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ହେବାକୁ ଯାଉଛି। ଏହି ଉପଲକ୍ଷେ କଟକରେ ମଧ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ ହେବ। କଟକ ରାଜାବଗିଚାସ୍ଥିତ କାଠଯୋଡି ରିଜର୍ସ ପକ୍ଷରୁ ଏହାର ପରିସରରେ ସେହିଦିନ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ନେଇ ଏଠାରେ ବୁଧବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ବାଲୁକା କଳା ମୁଖ୍ୟ ଆକର୍ଷଣ ହେବ। ବିଶିଷ୍ଟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଓ ସାଥୀଙ୍କ ଦ୍ୱାରା ଏଠାରେ ୨୦ଫୁଟ ଉଚ୍ଚତା ବିଶିଷ୍ଟ ଅଯୋଧ୍ୟା ରାମ ମନ୍ଦିର ସଦୃଶ ବାଲୁକା କଳା କରାଯିବ ବୋଲି କୁହାଯାଇଛି। ସେହିପରି ୫୦୦ବ୍ରାହ୍ମଣଙ୍କୁ ନେଇ ଯଜ୍ଞର ଆୟୋଜନ କରାଯିବ। ଯଜ୍ଞ ପାଇଁ ଏକ ବିଶାଳ କଳସ ଶୋଭାଯାତ୍ରା ହେବ। ଯେଉଁଥିରେ ସହର ଓ ଉପକଣ୍ଠ ଅଞ୍ଚଳରୁ ପ୍ରାୟ ୪ ହଜାର ମହିଳା ଅଂଶଗ୍ରହଣ କରିବେ। ରାଜ୍ୟର ପାରମ୍ପରିକ ବାଦ୍ୟ ସହ ମହାରାଷ୍ଟ୍ରର ପ୍ରସିଦ୍ଧ ଢୋଲକ ବାଦ୍ୟ ଏହି କଳସ ଶୋଭାଯାତ୍ରାର ଅନ୍ୟତମ ଆକର୍ଷଣ ହେବ। ସେହିପରି କଲ୍ୟାଣୀ ମ୍ୟୁଜିକ ପକ୍ଷରୁ ଅଯୋଧ୍ୟା ରାମ ମନ୍ଦିର ଉପରେ ଗୀତିକାର ସୁବାସ କୁମାର ବେହେରାଙ୍କ ଦ୍ୱାରା ଲିଖିତ ଭଜନର ଶୁଭାରମ୍ଭ ହେବ। କମିଟି ପକ୍ଷରୁ ସଂଧ୍ୟାରେ ରାଜାବଗିଚା ଖେଳ ପଡ଼ିଆରେ ଭଜନ ସମାରୋହ ସହ ଅନ୍ନପ୍ରସାଦ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆବାହକ ସୁବାଷ ବେହେରା, ଆଇନଜୀବୀ ଆଲୋକ ମହାପାତ୍ର, ସଙ୍ଗୀତ ନିର୍ଦ୍ଦେଶକ ମହମ୍ମଦ ଅବିଦ ଓ ସଦସ୍ୟ ଗିରିଜା ଶଙ୍କର ପ୍ରଧାନ ଉପସ୍ଥିତ ଥିଲେ।

## ସମଲେଇ ପ୍ରକଳ୍ପ ଲୋକାର୍ପଣ ପାଇଁ ୩ଟି ମନ୍ଦିରକୁ ନିମନ୍ତ୍ରଣ



**କଟକ, ୧୮ ।୧(ସମିସ):** ଆସନ୍ତା ୨୭ ତାରିଖରେ ମା ସମଲେଇ ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହେବ। ଏଥିନିମନ୍ତେ ମା ସମଲେଶ୍ୱରୀ ମନ୍ଦିର ପକ୍ଷରୁ ବିଭିନ୍ନ ଜିଲ୍ଲାର ଧାର୍ମିକ ଅନୁଷ୍ଠାନ ମନ୍ଦିରମାନଙ୍କର ସେବାୟତ ତଥା ପୂଜକଙ୍କୁ ନିମନ୍ତ୍ରଣ କରାଯାଉଛି। ଆଜି ଏହି ପରିପ୍ରେକ୍ଷୀରେ ମା ସମଲେଶ୍ୱରୀ ମନ୍ଦିରର ଟ୍ରଷ୍ଟ ସଦସ୍ୟ ସନ୍ତୋଷ ପୁରସେଠ, ସେବାୟତ ସଂକୀର୍ତ୍ତନ ରାୟ ଓ ସମ୍ବଲପୁର ଜିଲ୍ଲା ସଂସ୍କୃତି ଅଧିକାରୀ ଫକୀରମୋହନ ମାଝୀ କଟକରେ ପହଞ୍ଚି ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହରେ ପ୍ରଥମେ ଜିଲ୍ଲାପାଳ ନରହରି ସେଠୀଙ୍କୁ ଭେଟି ସମଲେଇଙ୍କ ପ୍ରକଳ୍ପ ଲୋକାର୍ପଣରେ କଟକ ଜିଲ୍ଲାରୁ ନିମନ୍ତ୍ରିତ ହୋଇଥିବା ସେବାୟତଙ୍କୁ ନିମନ୍ତ୍ରଣ ଜଣାଇଥିଲେ। ତଦନୁଯାୟୀ କଟକର ୩ଟି ଐତିହାସିକ ମନ୍ଦିର, ଧବଳେଶ୍ୱର ଶୈବପୀଠ, ମା' କଟକ ଚଣ୍ଡୀ, ମା ଚର୍ଚ୍ଚିକା ମନ୍ଦିରର ସେବାୟତଙ୍କୁ ସାକ୍ଷାତ କରି ଜିଲ୍ଲାପାଳଙ୍କ ଉପସ୍ଥିତିରେ ସେମାନେ ନିମନ୍ତ୍ରଣ କରିଥଲେ। ଏହି ଅବସରରେ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ।

## ଜଗତପୁରରେ ୧୬କୋଟି ଟଙ୍କା ବ୍ୟୟରେ ହେବ ଟ୍ରକ୍ ଟର୍ମିନାଲ

**କଟକ, ୧୮ ।୧(ସମିସ):** ଜଗତପୁର ଗୋଲେଇଛକ ଠାରେ ଟ୍ରକ ରହଣିସ୍ଥଳ(ଟର୍ମିନାଲ)ନିର୍ମାଣ ହେବ।ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଟାଙ୍ଗି-ଚୌଦ୍ୱାର ତହସିଲ ଅନ୍ତର୍ଗତ ନିମପୁର ମୌଜାର ଖାତା ନଂ ୬୭୨/୪୪୭ରେ ଥିବା ଦୁଇଟି ପ୍ଲଟ୍‌ରୁ ୧ଏକର ୮୫୦ଡିସିମିଲ ଏବଂ ୭ଏକର ୭୦୦ଡିସିମିଲ ଜାଗାକୁ ମିଶାଇ ସେଠାରେ ଟ୍ରକ ଟର୍ମିନାଲ ପାର୍କିଂ, ଅଟୋମେଟେଡ୍ ଟେଷ୍ଟିଂ ଟ୍ରାକ୍ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିର୍ମାଣ ହେବ।ମୋଟ ୯ଏକର ୫୫୦ଡିସିମିଲ ଜାଗାରୁ ଗୋଟିଏ ଏକର ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ଉଚ୍ଛେଦ ହୋଇଥିବା ପ୍ରାୟ ୭୦ଜଣଙ୍କୁ ଥଇଥାନ କରାଯିବ। ସେହିପରି ବଳକା ୮ଏକର ୫୫୦ଡିସିମିଲ ଜାଗାରୁ ୬ଏକର ଜାଗାରେ ହେବ ଟ୍ରକ ଟର୍ମିନାଲ। ୮୬ଡିସିମିଲ ଜାଗାରେ ଆରଟିଓ କାର୍ଯ୍ୟାଳୟ ଏବଂ ୧ଏକର ୬୮ ଡିସିମିଲ ଜାଗାରେ ଅଟୋମେଟେଡ୍ ଟେଷ୍ଟିଂ ଟ୍ରାକ୍ ରହିବ। ଏହି ଟ୍ରକ ଟର୍ମିନାଲ ନିର୍ମାଣ ପାଇଁ ମୋଟ ୧୬କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ରାଜ୍ୟ ସଡକ ପରିବହନ ବିଭାଗ ସୂତ୍ରରୁ ଜଣାଯାଇଛି। ଏହି ନିର୍ମାଣ କାର୍ଯ୍ୟ ପୁଲିସ ହାଉସିଂବୋର୍ଡ କରିବ। ଏଠାରେ ମୋଟ ୧୮୫ଟି ଟ୍ରକ ଏକକାଳୀନ ରହଣି କରିପାରିବ।

■ ନାବାଳକ ଶିଶୁପୁତ୍ର ହତ୍ୟା ଅଭିଯୋଗ ଘଟଣା

## କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**କଟକ, ୧୮ ।୧(ସମିସ):** କଟକ ଜିଲ୍ଲା ଜଗତପୁର ଥାନା ପୂର୍ବକଚ୍ଛ ଗ୍ରାମର ଜଗନ୍ନାଥ ବେହେରାଙ୍କ ୧୨ ବର୍ଷୀୟ ନାବାଳକ ଶିଶୁପୁତ୍ର ଜ୍ୟୋତି ପ୍ରକାଶ ବେହେରାଙ୍କ ହତ୍ୟା ଘଟଣାକୁ ନେଇ ରୁଜୁ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଜାତୀୟ ମାନବ ଅଧିକାର କମିଶନ। କମିଶନ ଉକ୍ତ ମାମଲାର ବିଚାର କରି କଟକ-ଭୁବନେଶ୍ୱର ପୁଲିସ କମିଶନରଙ୍କୁ ଏହି ଘଟଣାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କମିଶନଙ୍କ ନିକଟରେ ନ୍ୟାୟ ପାଇଁ ଲଢେଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ମାମଲା ରୁଜୁ କରିଥିଲେ। ପ୍ରକାଶଥାଉକି ଗତ ୨୦୨୩ ନଭେମ୍ବର ୧୭ରେ ଅତି ଅମାନୁଷିକ ଭାବରେ ନାବାଳକ ଶିଶୁପୁତ୍ର ଜ୍ୟୋତି ପ୍ରକାଶ ବେହେରାଙ୍କୁ ଗଳାକାଟି ଜଘନ୍ୟ ଭାବରେ ହତ୍ୟା କରି ପୂର୍ବକଚ୍ଛ ଗ୍ରାମର ଚନ୍ଦନ ପୋଖରୀ ନିକଟରେ ଫୋପାଡି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଆବେଦନକାରୀ ମାମଲା ରୁଜୁ କରିଥିଲେ। ଗତ ୨୦୨୩ ନଭେମ୍ବର ୧୬ରେ ଗ୍ରାମରେ ଥିବା ଲକ୍ଷ୍ମୀ ନୃସିଂହ ଉପ୍ରା ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଇଥିବା ବେଳେ ଜ୍ୟୋତି ଆଉ ଘରକୁ ଫେରି ନ ଥିଲେ। ପରଦିନ ସକାଳୁ ତାଙ୍କ ରକ୍ତ ଜୁଡୁବୁଡୁ ମୃତଶରୀର ପୂର୍ବକଚ୍ଛ ଗ୍ରାମର ଚନ୍ଦନ ପୋଖରୀ ନିକଟରୁ ମିଳିଥିଲା।

## ଶକୁନ୍ତଳା ଆର୍ଟ ଗ୍ୟାଲେରୀ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ



କଟକ, ୧୮ ।୧(ସମିସ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଓ ଅଯୋଧ୍ୟାର ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହର ପ୍ରାଣ ପ୍ରତିଷ୍ଠା ପରିପ୍ରେକ୍ଷୀରେ ଶକୁନ୍ତଳା ଆର୍ଟ ଗ୍ୟାଲେରୀ ପକ୍ଷରୁ ଦେବଧି ଶୀର୍ଷକ ଏକ ଆଧ୍ୟାତ୍ମିକ ଚିତ୍ରକଳା ପ୍ରଦର୍ଶନୀ ହୋଇଥିଲା। ଏହି ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ରାଜ୍ୟ ତଥା ରାଜ୍ୟବାହାରୁ ଖ୍ୟାତନାମା ୩୬ ଜଣ ଚିତ୍ରଶିଳ୍ପୀ ଭାଗନେଇ ପୁରୀରୁ ଅଯୋଧ୍ୟା ଶୂନ୍ୟ କିମି ଭାବଧାରାକୁ ନେଇ ସୁନ୍ଦର ସୁନ୍ଦର କଳାକୃତି ଅଙ୍କନ କରିଥିଲେ। ଶକୁନ୍ତଳା ଆର୍ଟ ଗ୍ୟାଲେରୀର ନିର୍ଦ୍ଦେଶକ ଜନାର୍ଦ୍ଦନ ପରମଗୁରୁଙ୍କର ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଡ. ରଜନୀ ରଞ୍ଜନ ଦାଶ, ବରିଷ୍ଠ ଚିତ୍ରଶିଳ୍ପୀ ବଳଦେବ ମହାରଥା, ଶିଳ୍ପୀଗୁରୁ ବିନୋଦ ମହାରଣା ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଚିତ୍ର କଳା ପ୍ରଦର୍ଶନୀଟି ସର୍ବସାଧାରଣଙ୍କ ପାଇଁ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ।

## ବାରବାଟୀ କଟକ ବିଧାୟକଙ୍କ ବିଦ୍ୟାଧରପୁର ଅଞ୍ଚଳ ପରିଦର୍ଶନ



**କଟକ, ୧୮ ।୧(ସମିସ):** ବାରବାଟୀ କଟକ ବିଧାୟକ ଇଂ.ମହମ୍ମଦ ମୋକିମ କଟକ ମହାନଗର ନିଗମ ୩ ନମ୍ବର ୱାର୍ଡ ଅନ୍ତର୍ଗତ ବିଦ୍ୟାଧରପୁର ଅଞ୍ଚଳ ପରିଦର୍ଶନ କରିଥିଲେ। ରାସ୍ତାଘାଟ, ପରିମଳ, ଆଲୋକ ବ୍ୟବସ୍ଥା ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ବିଦ୍ୟାଧରପୁର ଗ୍ରାମର ମୁରବୀ, ବରିଷ୍ଠ ନାଗରିକ, ଯୁବକ ଓ ମହିଳାମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକ ଉନ୍ନୟନ ପାଣ୍ଠିରୁ ନିର୍ମାଣ ହେଉଥିବା ସମସ୍ତ କାର୍ଯ୍ୟର ତଦାରଖ ବିଧାୟକ ମୋକିମ କରିଥିଲେ। କଟକ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ଆକୁଳି ଚରଣ ବେହେରା, ମନୋଜ ରାଉତ, ସନ୍ତୋଷ କୁମାର ଲେଙ୍କା, ବିବେକ ସାମନ୍ତରାୟ, ଲୋଚନ ରାଉତ, ନିରଞ୍ଜନ ସାହୁ, ଅନିଲ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର

**କଟକ, ୧୮ ।୧(ସମିସ):** ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଇଂଜିନିୟରିଂ ଓ ଟେକ୍ନୋଲୋଜି ଶିକ୍ଷାନୁଷ୍ଠାନ ପକ୍ଷରୁ ଗୁଣାତ୍ମକ ଶିକ୍ଷାଦାନ ଓ ଗବେଷଣା ଉପରେ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ନିମନ୍ତ୍ରିତ ଅତିଥିଙ୍କୁ ସ୍ୱାଗତ କରିବା ସହ ଏହା ମାର୍ଗଦର୍ଶନରେ ସହାୟକ ହେବ ବୋଲି କହିଥିଲେ। ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କ ପୌରୋହିତ୍ୟରେ ଆୟୋଜିତ କର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଏଆଇସିଟିଇର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ. ସଞ୍ଜୀବ ପଟ୍ଟନାୟକ ଜାତୀୟ ଶିକ୍ଷାନୀତି ଓ ଏହାର ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ସୁଶାନ୍ତ ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, ଡ. ନୟନ ରଞ୍ଜନ ସାମଲ, ପ୍ରାଧ୍ୟାପକ ଡ. ଆଲୋକ ରଞ୍ଜନ ବିଶ୍ୱାଳ, ଡ. ଜୀବନାନନ୍ଦ ମେହେନା, ଡ. ପ୍ରତାପ ଚନ୍ଦ୍ର ପ୍ରଧାନ, ଡ. ଲୀନା ପଟ୍ଟନାୟକ, ଡ. ମମତା ରଥ, ଡ. ଅନୁରେଖା ନାୟକ, ଡ. ସୁରଜିତ୍ ମହାନ୍ତି, ଡ. ଦୟାନନ୍ଦ ଷଡଙ୍ଗୀ, ଜିତେନ୍ଦ୍ର ଶତପଥୀ, ଡ. ବିଭୁଦତ୍ତ ପଣ୍ଡା, ସୁଧାଂଶୁ ଭୂଷଣ କରଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଆଲୋଚନାରେ ଭାଗ ନେଇଥିଲେ।



## କଟକ-ପାରାଦୀପ ଟୋଲଗେଟ ଉଚ୍ଛେଦ କାର୍ଯ୍ୟ ଆରମ୍ଭ

**କଟକ, ୧୮।୧(ସମିସ):** କଟକ-ପାରାଦୀପ ରାଜ୍ୟ ରାଜପଥର କନ୍ଦରପୁର ନିକଟ ପାରାବିଲ ଠାରେ ଥିବା ପୂର୍ତ୍ତ ବିଭାଗ ଅଧୀନରେ ଏବଂ ଓଡ଼ିଶା ସେତୁ ନିର୍ମାଣ ନିଗମ ଦ୍ୱାରା ପରିଚାଳିତ ଟୋଲଗେଟକୁ ରାଜ୍ୟସରକାର ଗତ ୪ ମାସରୁ ଊର୍ଦ୍ଧ୍ୱ ସମୟହେବ ବନ୍ଦ କରିଦେଇଛନ୍ତି। ଓବିସିସି ଅଧୀନରେ ଥିବା ଏହି ଟୋଲଗେଟ ଗତ ଦୁଇ ମାସ ହେବ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇସାରିଥିଲା। ପୂର୍ତ୍ତ ବିଭାଗ ଏହାକୁ ଅଧିଗ୍ରହଣ କରିବା ପରେ ରାଜରାସ୍ତାରେ ବନ୍ଦ ହୋଇ ପରିତ୍ୟକ୍ତ ଅବସ୍ଥାରେ ଥିବା ଏହି ଟୋଲଗେଟକୁ ଭାଙ୍ଗି ରାସ୍ତାରୁ ହଟାଇ ଦେବା କଥା। କିନ୍ତୁ ଦୀର୍ଘଦିନ ଟୋଲଗେଟ ବନ୍ଦ ରହିବା ଫଳରେ ଉଜ୍ଜ୍ୱଳ ଆଲୋକ ବନ୍ଦ ହୋଇଯିବା, ରାସ୍ତାରୁ ହମ୍ପସ ନ ହଟିବା, ସୂଚନା ଫଳକ ଲାଗି ରହିବା ଇତ୍ୟାଦି କାରଣରୁ ଗାଡ଼ି ଚାଳକମାନେ ଦ୍ୱନ୍ଦ୍ୱରେ ପଡୁଥିଲେ। ଅନ୍ଧାର ଯୋଗୁଁ ଦୁର୍ଘଟଣା ମଧ୍ୟ ଘଟୁଥିଲା। ଏହି ପରିତ୍ୟକ୍ତ ଟୋଲଗେଟକୁ ରାଜରାସ୍ତାରୁ ହଟାଇବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ପାଖରେ ଦାବି ହେଉଥିଲା। ବ୍ୟସ୍ତବହୁଳ ରାଜରାସ୍ତାକୁ ଅବରୋଧ ମୁକ୍ତ କରିବାପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ପରିତ୍ୟକ୍ତ ଟୋଲଗେଟକୁ ଭଙ୍ଗା ଯାଇ ରାସ୍ତାରୁ ହଟାଇ ଦିଆଯାଉଛି। ଫଳରେ ଯାନବାହାନ ଚଳାଚଳରେ ସମସ୍ୟା ସୃଷ୍ଟି ହେବନାହିଁ। ଆସନ୍ତା ଦୁଇରୁ ତିନି ଦିନ ମଧ୍ୟରେ ଏହି କାର୍ଯ୍ୟ ଶେଷ ହେବ ବୋଲି ଜଣାପଡ଼ିଛି।

## ବରିଷ୍ଠ କମ୍ୟୁନିଷ୍ଟ ନେତା ସୁରେଶ ବାରିକଙ୍କୁ ଭେଟିଲେ ମେୟର



**କଟକ, ୧୮ ।୧(ସମିସ):** କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ବରିଷ୍ଠ ନେତା ତଥା ଛତ୍ରବଜାର କାର୍ତ୍ତିକେଶ୍ୱର ପୂଜା କମିଟି ସମ୍ପାଦକ ସୁରେଶ ବାରିକଙ୍କୁ ମେୟର ସୁବାସ ସିଂହ ସାକ୍ଷାତ କରିଛନ୍ତି। ଶ୍ରୀ ବାରିକ କିଡନୀ ଜନିତ ରୋଗରେ ଚିକିତ୍ସାଧୀନ ରହିଛନ୍ତି। ସିଏମସିର ଆପଣ କେମିତି ଅଛନ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ମେୟର ଶ୍ରୀ ସିଂହ ତାଙ୍କୁ ଶଙ୍କରପୁରସ୍ଥିତ ବାସଭବନରେ ସାକ୍ଷାତ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଏହି ସାକ୍ଷାତ ସମୟରେ ଶ୍ରୀ ବାରିକଙ୍କ ପରିବାରବର୍ଗଙ୍କ ସମେତ ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀ, ଜଗନ୍ନାଥ ସ୍ୱାଇଁ, ବିନୋଦ ପଣ୍ଡା, କାଳିଚରଣ ପାଣିଗ୍ରାହୀ, ସୟଦ ଶେଖାୱତ, ଜନ ଆଶିଷ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଇଭିଏମ୍ ଭିଭିପାଟ୍ ତଥ୍ୟ ଆହରଣ କେନ୍ଦ୍ର ଉଦ୍‌ଘାଟିତ





କଟକ, ୧୮ ।୧(ସମିସ)

ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ ଯୋଗ୍ୟ ଭୋଟରମାନଙ୍କୁ ଇଲେକଟ୍ରୋନିକ ଭୋଟିଂ ମେସିନ୍ ଏବଂ ଭୋଟର ଭେରିଫାଏବଲ ପେପର ଅଡିଟ୍ ଟ୍ରେଲ୍ (ଇଭିଏମ୍ ଭିଭିପାଟ୍) ଯନ୍ତ୍ରର ବ୍ୟବହାର ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଇଭିଏମ୍ ଭିଭିପ୍ୟାଟ୍ ପ୍ରଦର୍ଶନ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ନରହରୀ ସେଠୀ ଏହି ଇଭିଏମ୍ ଭିଭିପାଟ୍ ପ୍ରଦର୍ଶନୀ କେନ୍ଦ୍ରକୁ ଉଦଘାଟନ କରି ଇଭିଏମ୍ ଭିଭିପାଟ୍ ଭାରତୀୟ ନିର୍ବାଚନ ସଂସ୍କାର ପ୍ରକ୍ରିୟାର ଅଂଶବିଶେଷ ବୋଲି ମତବ୍ୟକ୍ତ କରିଥିଲେ। ଏହି କେନ୍ଦ୍ରରେ ଇଭିଏମ୍ ଭିଭିପାଟ୍ ସମ୍ବନ୍ଧରେ ସବିଶେଷ ତଥ୍ୟ ଆହରଣ ସହ ଯୋଗ୍ୟ ଭୋଟରମାନେ ଇଭିଏମର ବ୍ୟବହାର ସମ୍ପର୍କରେ ଅବଗତ ହୋଇପାରିବେ। ଏହା ମେସିନ ଅନଭିଜ୍ଞ ତଥା ନୂତନ ଭୋଟରମାନଙ୍କୁ ବହୁଳ ପରିମାଣରେ ସହାୟକ ହେବ। ଏହି କେନ୍ଦ୍ରରେ ଦୁଇଜଣ ବିଏଲଓଙ୍କୁ ନିଯୁକ୍ତ କରାଯାଇଛି, ଯେଉଁମାନେ ସରକାରୀ ଛୁଟିଦିନଗୁଡିକ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ ଦିବସଗୁଡିକରେ ଉପସ୍ଥିତ ରହି ଜନସାଧାରଣଙ୍କୁ ଇଭିଏମ୍‌ର ବ୍ୟବହାର, ଏହା ମାଧ୍ୟମରେ କିପରି ଭୋଟ୍ ଦିଆଯାଇପାରିବ ସେ ସମ୍ପର୍କରେ ସେଠାରେ ରଖାଯାଇଥିବା ଇଭିଏମ୍ ମେସିନ ମାଧ୍ୟମରେ ବୁଝାଇବେ। ଏଥିସହ ଭିଭିପାଟରୁ କିପରି ଚିରକୁଟ ବାହାରିବ ତଥା ଭୋଟରମାନେ ନିଜର ମତଦାନ ପରେ ଏହାର କିପରି ଯାଞ୍ଚ କରିପାରିବେ ସେ ସମ୍ପର୍କରେ ମଧ ଏଠାରେ ଅଭିଜ୍ଞତା ହାସଲ କରିପାରିବେ। ଏହି ପ୍ରଦର୍ଶନୀ କେନ୍ଦ୍ର ଜିଲ୍ଲାର ବିଭିନ୍ନ ବ୍ଲକ ତଥା ଗ୍ରାମପଞ୍ଚାୟତରେ ମଧ ଖୋଲାଯାଇଛି। ଆଜିଠାରୁ ଆସନ୍ତା ଫେବୃଆରୀ ୨୯ ତାରିଖ ପର୍ଯ୍ୟନ୍ତ ଏହି କେନ୍ଦ୍ର କାର୍ଯ୍ୟକ୍ଷମ ରହିବ। ଆଜି ଉଦଘାଟନୀ ଉତ୍ସବରେ ଡେପୁଟି କଲେକ୍ଟର ନିର୍ବାଚନ ଡକ୍ଟର ବିଶ୍ୱଭୂଷଣ ଉପସ୍ଥିତ ଥିଲେ।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 41 ♦ISSUE-205 ♦BHUBANESWAR ♦FRIDAY ♦19 JANUARY 2024 ♦PAGE-16 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୨୦୫ ♦ଭୁବନେଶ୍ୱର ♦ଶୁକ୍ରବାର ♦୧୯ ଜାନୁଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦



## ଜଳକା ନଦୀରୁ ଡଲଫିନ୍ ଉଦ୍ଧାର

■ ରୂପସା, ୧୮ ।୧ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ଦୁଧାହଂସା ପଞ୍ଚାୟତ ଗୋଠଗଡ଼ିଆସ୍ଥିତ ଜଳକା ନଦୀରୁ ଗୁରୁବାର ୫ଫୁଟ୍ ଲମ୍ବର ଏକ ଡଲଫିନ୍ ଉଦ୍ଧାର ହୋଇଛି। ଡଲଫିନ୍‌ଟି ନଦୀରେ ବହୁ ସମୟ ଧରି ଖେଳୁଥିବା ଦେଖି ସ୍ଥାନୀୟଲୋକ ଜାଲ ପକାଇ ତାକୁ କାବୁ କରିଥିଲେ। ପରେ ଉକ୍ତ ଡଲଫିନ୍‌କୁ ନଳବାହାରସ୍ଥିତ ଚନ୍ଦନ ପୋଖରୀରେ ଛାଡ଼ିଥିଲେ। ଖବର ପାଇ ବାଲେଶ୍ୱର ରେଞ୍ଜର୍ ଗଣେଶ ପ୍ରସାଦ ଲେଙ୍କା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଆସନ୍ତାକାଲି ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ପଦକ୍ଷେପ ନିଆଯିବ ବୋଲି ରେଞ୍ଜର୍ ଶ୍ରୀ ଲେଙ୍କା ସୂଚନା ଦେଇଛନ୍ତି।

ODISHA NEW OPPORTUNITIES
CII Confederation of Indian Industry
ଆମ ଓଡ଼ିଶା ନବୀନ ଓଡ଼ିଶା
WODC



JOIN ODISHA'S ECONOMIC ENGINE

ATTEND THE 24TH EDITION



CII 24th
enterprise Odisha
At Jharsuguda

WELCOME
to the biggest investors' meet in Western Odisha,
explore the vast opportunities across Biju Economic Corridor.

HIGHLIGHTS

2 DAYS CONFERENCE
3 DAYS EXHIBITION
B2B AND B2G MEETINGS
700+ COMPANIES
1000+ OPPORTUNITIES
100+ CEOS & 300+ CXOS

EVENT VENUE
Circuit House Road, Jharsuguda, Odisha.
Online registration required, scan to register.

EVENT DATE
19TH JAN TO 21ST JAN.

UNLEASH POTENTIAL, PROSPER IN ODISHA. COME. JOIN THE JUGGERNAUT.

HELPLINE NUMBERS: 98300 29606 | 94059 86282
Email us: ciiodisha@cii.in
/followcii /followcii /followcii /followcii

OIPR-14005/13/0039/2324 DSPL-556
ScarecrowM&CSaatchi/2024/Jan

ବିଦ୍ୟା ବିବାଦାୟ, ଧନମଦାୟ, ଶକ୍ତି ପରେଷାଂ ପରପୀଡ଼ନାୟ।
ଖଳସ୍ୟ ସାଧୁ ବିପରୀତମେତତ୍, ଜ୍ଞାନାୟ ଦାନାୟ ଚ ରକ୍ଷଣାୟ।
-ନୀତିବାକ୍ୟ

ସକାଳ
THE SAKALA

## ଘରୋଇ କୋଚିଂ ସେଣ୍ଟର ପାଇଁ କେନ୍ଦ୍ରୀୟ ମାର୍ଗଦର୍ଶିକା

# ଛାତ୍ରଛାତ୍ରୀଙ୍କ ହିତରେ ନୂଆ ନିୟମ

ପ୍ରତିଯୋଗିତାମୂଳକ ପରୀକ୍ଷା ଏବଂ ବୈଷୟିକ ଶିକ୍ଷା ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷାରେ ସଫଳତା ପାଇବା ପାଇଁ ଘରୋଇ କୋଚିଂ ବ୍ୟବସ୍ଥା ଆମ ଦେଶରେ ବେଶ୍ ପୁରୁଣା। ସମୟକ୍ରମେ ଏହା ଏକ ବଡ଼ ସଂଗଠିତ ବ୍ୟବସାୟରେ ପରିଣତ ହେବା ସହ ଆଶାୟୀ ବିଦ୍ୟାର୍ଥୀ ଓ ସେମାନଙ୍କ ପିତାମାତାଙ୍କ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି। ଏହି ପରିପ୍ରେକ୍ଷୀରେ ଘରୋଇ କୋଚିଂ ସେଣ୍ଟରଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଏବେ ଏକ ନୂଆ ମାର୍ଗଦର୍ଶିକା ଜାରି କରିଛନ୍ତି। ବିଳମ୍ବରେ ହେଲେ ମଧ୍ୟ ଏହା ସ୍ୱାଗତଯୋଗ୍ୟ ଓ ସମୟୋପଯୋଗୀ ପଦକ୍ଷେପ।

ନୂଆ ନିର୍ଦ୍ଦେଶାବଳୀ ଅନୁସାରେ ପେସାଦାର ବା ବୃତ୍ତିଗତ ପାଠ୍ୟକ୍ରମ ପାଇଁ ତାଲିମ ଦେଉଥିବା କୋଚିଂ ସେଣ୍ଟରଗୁଡ଼ିକ ନିଜକୁ ରାଜ୍ୟ ସରକାରଙ୍କ ନିକଟରେ ପଞ୍ଜୀକୃତ କରିବେ। ସେମାନେ ୧୬ ବର୍ଷ ବୟସରୁ କମ୍ ବିଦ୍ୟାର୍ଥୀଙ୍କୁ କୋଚିଂ ପାଇଁ ନାମ ଲେଖାଇ ପାରିବେ ନାହିଁ। ତାଲିମ ଦେଉଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ମଧ୍ୟ ଉପାଧି କିମ୍ବା ତଦୂର୍ଦ୍ଧ୍ୱ ହେବା ବାଧ୍ୟତାମୂଳକ। ଏହାଛଡ଼ା ଏସବୁ କେନ୍ଦ୍ର ବିଦ୍ୟାର୍ଥୀଙ୍କଠାରୁ ଆଗଭଳି ଆଉ ପ୍ରଲୋଭିତ କରି ମନଇଚ୍ଛା ଫି ଆଦାୟ କରିପାରିବେ ନାହିଁ। ଏଥିନିମନ୍ତେ ଏକ ନିର୍ଦ୍ଦିଷ୍ଟ ଫି ଢାଞ୍ଚା ରହିବ। ସବୁଠୁ ବଡ଼ କଥା ହେଲା ସମ୍ପୃକ୍ତ କୋଚିଂ ସେଣ୍ଟରଗୁଡ଼ିକଏଣିକି ପଞ୍ଜୀକୃତ ହେବା ପରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ନୀତିନିୟମ ପାଳନ କରିବେ। କୋଚିଂ ସେଣ୍ଟରରେ ଛାତ୍ରଛାତ୍ରୀଙ୍କୁ ମନସ୍ତାତ୍ତ୍ୱିକ ସାହାଯ୍ୟ ସହଯୋଗ ସହିତ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟରକ୍ଷା ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। କୋଚିଂ ସେଣ୍ଟର ଭବନର ନିରାପତ୍ତା, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗ ପ୍ରତି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଦେବାକୁ ପଡ଼ିବ। ସମସ୍ତ ବିବରଣୀ ସମ୍ପୃକ୍ତ କୋଚିଂ ସେଣ୍ଟରର ୱେବ୍‌ସାଇଟ୍‌ରେ ଉଲ୍ଲେଖ ରହିବା ବାଧ୍ୟତାମୂଳକ କରାଯାଇଛି। ଯଦି ଛାତ୍ରଛାତ୍ରୀ କିମ୍ବା ଅଭିଭାବକଙ୍କ କିଛି ଆପତ୍ତି ଅଭିଯୋଗ ଥାଏ ତେବେ ସେଗୁଡ଼ିକର ଶୁଣାଣି ଓ ସମାଧାନ କରିବା ପାଇଁ ସ୍ୱତନ୍ତ୍ର ନିୟମକ ଗଠନ ପାଇଁ ପରାମର୍ଶ ଦିଆଯାଇଛି। ଏହା ଫଳରେ ସମଗ୍ର କୋଚିଂ ଉଦ୍ୟୋଗ ସରକାରଙ୍କ ନିୟନ୍ତ୍ରଣରେ ରହିପାରିବ। ଅନେକ ସମୟରେ ସରକାରୀ ମାର୍ଗଦର୍ଶିକାକୁ ଦନ୍ତହୀନ ବ୍ୟାଘ୍ର ସହିତ ତୁଳନା କରାଯାଇଥାଏ। କିନ୍ତୁ ଏଥର ଏହି ମାର୍ଗଦର୍ଶିକାକୁ ଶକ୍ତିଶାଳୀ କରିବା ପାଇଁ ଦଣ୍ଡବିଧାନ ବା କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ମଧ୍ୟ ଦିଆଯାଇଛି। ଉପରୋକ୍ତ ମାର୍ଗଦର୍ଶିକା ଖିଲାପ କରୁଥିବା ଜଣାପଡ଼ିଲେ ସମ୍ପୃକ୍ତ କୋଚିଂ ସେଣ୍ଟରଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ କରାଯିବ କିମ୍ବା ପଞ୍ଜିକରଣ ବାତିଲ୍ କରାଯିବ। ଶିକ୍ଷା ରାଜ୍ୟ ପ୍ରସଙ୍ଗ ତାଲିକାଭୁକ୍ତ ହୋଇଥିବାରୁ ମାର୍ଗଦର୍ଶିକାର କାର୍ଯ୍ୟାନ୍ୱୟନ ଓ ତଦାରଖ ଦାୟିତ୍ୱ ଓ ଅଧିକାର ରାଜ୍ୟମାନଙ୍କ ଉପରେ ନ୍ୟସ୍ତ କରାଯାଇଛି।

ମେଧାଶକ୍ତି ଏକ ବିରଳ ଗୁଣ। ଏହା ବିଭୁଦତ୍ତ ଏବଂ ସମସ୍ତଙ୍କ ପାଖରେ ସମାନ ଭାବେ ନଥାଏ। ସେ ଦୃଷ୍ଟିରୁ ମେଧାବୀ ପିଲାଙ୍କ ସଂଖ୍ୟା କମ୍। ତେଣୁ ସ୍ୱତନ୍ତ୍ର ଶିକ୍ଷାଦାନ, ପ୍ରଶିକ୍ଷଣ ବା କୋଚିଂ ମାଧ୍ୟମରେ ପିଲାଙ୍କର ଜ୍ଞାନ ବଢ଼ାଇ ସେମାନଙ୍କୁ ଅଧିକ ପ୍ରତିଯୋଗିତାଯୋଗ୍ୟ କରିବା ପାଇଁ ତ ଟ୍ୟୁସନ ଓ କୋଚିଂ ଭଳି ବ୍ୟବସ୍ଥା ବହୁ ଆଗରୁ ରହିଛି। ତେବେ ପ୍ରତିଯୋଗିତାମୂଳକ ପରୀକ୍ଷା, କୋଟା ବ୍ୟବସ୍ଥା ଏବଂ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା କ୍ରମଶଃ ଜଟିଳ ହେଉଛି। ଏଥିପାଇଁ ଉଦ୍ଦିଷ୍ଟ ସ୍ଥାନ ବା ଆସନ ଅନୁସାରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ବହୁଗୁଣ ଅଧିକ ରହୁଛି। ତେଣୁ ପିଲାଏ କୋଚିଂ ଉପରେ ନିର୍ଭର କରି ସଫଳ ହେବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି। ସେମାନେ ଘରଠାରୁ ବହୁ ଦୂରରେ ରହି ବାପ ମା'ଙ୍କ ଅର୍ଥଶ୍ରାଦ୍ଧ କରି, ନିଜେ ଅତି କଷ୍ଟକର ପରିବେଶରେ ରହି ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ଏଥିରେ ପ୍ରଦର୍ଶନାତ୍ମକ ପ୍ରଭାବ (ଡେମନ୍‌ଷ୍ଟ୍ରେଟିଭ୍ ଇଫେକ୍ଟ) ଅଧିକ ରହୁଛି। ତା' ପିଲା କୋଚିଂ ନେଉଛି, ତେଣୁ ମୋ ପିଲା ନେବ। ସେ ପଇସା ଖର୍ଚ୍ଚ କରୁଛି, ମୁଁ କରିବି। ଏହି ନ୍ୟାୟରେ ସମସ୍ତେ କୋଚିଂ ସେଣ୍ଟରମୁହାଁ ହେଉଥିବା ଦେଖାଯାଉଛି। କିନ୍ତୁ ବାସ୍ତବରେ ପିତାମାତା ନିଜର ପିଲାଙ୍କ ଯୋଗ୍ୟତା ଓ ସାମର୍ଥ୍ୟକୁ ଏ କ୍ଷେତ୍ରରେ ଠିକ୍ ଭାବେ ଆକଳନ କରିପାରନ୍ତି ନାହିଁ। ପିଲାର ଅନିଚ୍ଛା ସତ୍ତ୍ୱେ ତା'କୁ କୋଚିଂ ସେଣ୍ଟରକୁ ପଠାଯାଏ ଏବଂ ସେଠାରେ ପିଲାଟି ଅନ୍ୟମାନଙ୍କ ସହ ପ୍ରତିଯୋଗିତା କରିବାରେ ବିଫଳ ହୋଇ ମାନସିକ ଚାପରେ ରହି ଶେଷରେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନିଏ। ରାଜସ୍ଥାନର କୋଟା ଏକ ଛୋଟିଆ ମରୁଭୂମି ସହର। ତାହା କିନ୍ତୁ ଭାରତର ଏକନମ୍ବର କୋଚିଂ ନଗରୀର ମାନ୍ୟତା ପାଇଛି ଏବଂ ସେଠାରେ ମଧ୍ୟ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ହାର ସବୁଠୁ ଅଧିକ।

ବିଡ଼ମ୍ବନାର ବିଷୟ ଯେ ଆଗାମୀ ଦଶନ୍ଧି ସୁଦ୍ଧା ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥନୈତିକ ଶକ୍ତିର ସ୍ୱପ୍ନ ଦେଖୁଥିବା ଭାରତ ଶିକ୍ଷା ଆହରଣ ଓ ଶିକ୍ଷାଦାନ ଦୃଷ୍ଟିରୁ ବହୁତ ପଛରେ। ବିଶେଷକରି ସରକାରୀ ବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ପରିବେଶ ଅତ୍ୟନ୍ତ ଚିନ୍ତାଜନକ। କେଉଁଠି ଛାତ୍ରଛାତ୍ରୀଙ୍କ ତୁଳନାରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଅଭାବ ରହୁଛି ତ କେଉଁଠାରେ ପିଲାମାନେ ଭଙ୍ଗା ଚାଳଛପର ଘରେ କିମ୍ବା ଖୋଲା ଆକାଶ ତଳେ ବସି ପାଠ ପଢ଼ିବାକୁ ପଡୁଛି। ଦୁର୍ଗମ ଅଞ୍ଚଳର ସ୍ଥିତି ଆହୁରି ଦୟନୀୟ। ତେଣୁ ମେଧାବୀମାନଙ୍କ ପିତାମାତା ଓ ଅଭିଭାବକମାନେ କୋଚିଂ ସେଣ୍ଟର ମୁହାଁ ହେବା ସ୍ୱାଭାବିକ। ସରକାରୀ ସ୍ତରରେ ରହିଯାଉଥିବା ଏହି ଅଭାବ ଅସୁବିଧାରୁ ଘରୋଇ ସଂସ୍ଥାମାନେ ଚତୁରତାର ସହିତ ପ୍ରଚୁର ଆର୍ଥିକ ଲାଭ ଉଠାଇ ଚାଲିଛନ୍ତି। ସେମାନେ ସମୟୋପଯୋଗୀ ଗୁଣାତ୍ମକ ଶିକ୍ଷାଦାନ ଆଳରେ ଅଭିଭାବକଙ୍କଠାରୁ ଯେତିକି ପରିମାଣରେ ଫି' ବା ଅର୍ଥ ଆଦାୟ କରୁଛନ୍ତି ତାହାକୁ ଏକପ୍ରକାର ଶୋଷଣ ପର୍ଯ୍ୟାୟର ଅନ୍ତର୍ଭୁକ୍ତ କରାଯାଇପାରେ।

ସ୍କୁଲ୍‌ରେ ପାଠପଢ଼ାରେ ତ୍ରୁଟି, ଆବଶ୍ୟକ ଶିକ୍ଷକ, ପାଠ୍ୟକ୍ରମ, ପରିବେଶ ଓ ଦିଗଦର୍ଶନର ଅଭାବ ଯୋଗୁଁ ଗ୍ରାମାଞ୍ଚଳର ପିଲାଏ ଅଧିକ କୋଚିଂ ଉପରେ ନିର୍ଭର କରୁଥିବା ବେଳେ ନୂଆ ଶିକ୍ଷାନୀତିରେ ଅବଶ୍ୟ ଏସବୁ ଅସୁବିଧା ଦୂର କରିବାକୁ ପ୍ରୟାସ ହେଉଛି। ତେବେ ସେ ଯା'ହେଉ ଘରୋଇ କୋଚିଂ ସେଣ୍ଟରଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଯେଉଁ ପଦକ୍ଷେପ ଆରମ୍ଭ କରିଛନ୍ତି, ତାହା ସ୍ୱାଗତଯୋଗ୍ୟ। ଏହାର ସଫଳ କାର୍ଯ୍ୟକାରିତା ଦାୟିତ୍ୱ ରାଜ୍ୟମାନଙ୍କର। ତେବେ କୋଚିଂ ପାଇଁ ଯଦି ସରକାରୀସ୍ତରରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଆନ୍ତା, ତେବେ ଘରୋଇ କୋଚିଂ ସେଣ୍ଟରଙ୍କ ଦୌରାତ୍ମ୍ୟ ବଢ଼ନ୍ତା ନାହିଁ କିମ୍ବା ଶିକ୍ଷାର ବ୍ୟବସାୟକରଣ ହୁଅନ୍ତା ନାହିଁ। ଭାରତରେ ଏବେ ର‌୍ୟାଗିଂ ଆଉ ପ୍ରାୟ ନାହିଁ। ତେଣୁ ଦୃଢ଼ ଇଚ୍ଛାଶକ୍ତି ରହିଲେ କୋଚିଂ ସେଣ୍ଟରର ନିୟନ୍ତ୍ରଣ ସମ୍ଭବ ହୋଇପାରିବ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ଜ୍ଞାନ-ପରୀକ୍ଷା ଜୀବନମନ୍ତ୍ର ନୁହେଁ



ବିଜୟକୁମାର ପାଢ଼ୀ
ଭୁବନେଶ୍ୱର, ମୋ: ୭୮୯୪୧୫୩୫୭୮

ବିଦ୍ୟା ଅଧ୍ୟୟନ ଭିତରେ ପରୀକ୍ଷା ଓ ପରୀକ୍ଷା ସହିତ ଅଧ୍ୟୟନ ଏକ ନିରନ୍ତର ପ୍ରକ୍ରିୟା। ଗୁରୁକୂଳ ଶିକ୍ଷା ପଦ୍ଧତିଠାରୁ ଆରମ୍ଭ କରି ବର୍ତ୍ତମାନର ଆଧୁନିକ ଶିକ୍ଷା ପର୍ଯ୍ୟନ୍ତ ପରୀକ୍ଷା ଅନିବାର୍ଯ୍ୟ। ପରୀକ୍ଷା ବିଦ୍ୟାର୍ଥୀମାନଙ୍କର ଜ୍ଞାନ ଆହରଣର ମାପକାଠି ବୋଲି କୁହାଯାଏ। ତେଣୁ ବିଦ୍ୟାର୍ଥୀମାନଙ୍କଠାରୁ ଆରମ୍ଭ କରି ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ, ଏପରିକି ଜ୍ଞାତିକୁଟୁମ୍ବ ସମସ୍ତେ ପରୀକ୍ଷାର ଫଳକୁ ନେଇ ଆଶା, ଆଶଙ୍କା ଓ ଆତଙ୍କ ଭିତରେ ଥା'ନ୍ତି। ସେ ବିଦ୍ୟାଳୟ ହେଉ କି ବିଶ୍ୱବିଦ୍ୟାଳୟ କିମ୍ବା ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା, ପିଲାମାନଙ୍କ ଅପେକ୍ଷା ଅଭିଭାବକମାନେ ଅଧିକମାତ୍ରାରେ ବିବ୍ରତ ଓ ଉତ୍କଣ୍ଠିତ ଥା'ନ୍ତି। ଏହାଦ୍ୱାରା ପିଲାମାନେ ଅଧିକ ଚାପଗ୍ରସ୍ତ ଓ ଅତ୍ୟଧିକ ପ୍ରତିକ୍ରିୟାଶୀଳ ହୋଇପଡ଼ନ୍ତି। ଫଳରେ ଏହାର ନକାରାତ୍ମକ ପ୍ରଭାବ ମଧ୍ୟ ପିଲାଙ୍କ ମାନସିକ ସ୍ତରରେ ଏବଂ ପରୀକ୍ଷା ଫଳ ଉପରେ ପଡୁଛି।

ଏବେ ତ ଆରମ୍ଭ ହେବାକୁ ଯାଉଛି ପରୀକ୍ଷାର ଋତୁ। ପରୀକ୍ଷାକୁ ଏକ ପରୀକ୍ଷା ଭଳି ଗ୍ରହଣ କଲେ କ୍ଷତି ନାହିଁ, କିନ୍ତୁ ପରୀକ୍ଷାର ଫଳକୁ ସଫଳତାର ସର୍ବୋତ୍କୃଷ୍ଟ ମାପକାଠି ବୋଲି ଭାବି ନେଲେ ଅନ୍ଧକାର ଭିତରକୁ ଚାଲିଯିବ ଆମ ପିଲାମାନଙ୍କର ଭବିଷ୍ୟତ। ପରୀକ୍ଷା ଚାଲୁଥିବା ସମୟରେ ହେଉ କିମ୍ବା ପରୀକ୍ଷାଫଳ ପ୍ରକାଶନ ପରେ ହେଉ କିଛି ଦୁର୍ବଳମନା ଶିକ୍ଷାର୍ଥୀ ନିଜର ବିଫଳତା ପାଇଁ ଆତ୍ମହତ୍ୟା ଭଳି ଭୁଲ୍ ବାଟ ବାଛିନିଅନ୍ତି। ଏହା କ'ଣ ଏକ ସମାଧାନ? କୁହାଯାଏ ଅନେକ ପୁଣ୍ୟବଳରେ ଜୀବଟିଏ ମଣିଷ ଜନ୍ମ ପାଇଥାଏ। ସେ ଅମୂଲ୍ୟ ଜୀବନର ଯବନିକା କ'ଣ ଏହିପରି ଆସିବା ଉଚିତ? ଅସମୟରେ ସୂର୍ଯ୍ୟାସ୍ତ କ'ଣ ସମୀଚୀନ? ଜୀବନରେ ଅନେକ ବିଫଳତା ପରେ ହିଁ ସଫଳତାର ସ୍ୱାଦ ଚାଖିଥିଲେ ଆମେରିକାର ରାଷ୍ଟ୍ରପତି ଆବ୍ରାହାମ୍ ଲିଙ୍କନ। ଚନ୍ଦ୍ରପୃଷ୍ଠକୁ ଚନ୍ଦ୍ରାୟଣ-୩ ଉତ୍କ୍ଷେପଣର ସଫଳତା ଗୋଟିଏ ରାତିର କାହାଣୀ ନୁହେଁ, ଏହି ସଫଳତା ଭିତରେ ରହିଛି, ଅନେକ ବିଫଳତା ଓ ଏହି ବିଫଳତାରୁ ମିଳିଛି ଏକ ଅନନ୍ୟ, ନିଆରା କୃତିତ୍ୱ। ଏତଦ୍‌ବ୍ୟତୀତ ପରୀକ୍ଷାରେ ଭଲ ନମ୍ବର ରଖି ଉଚ୍ଚ ପଦପଦବୀ ମଣ୍ଡନ କରିବା ଶିକ୍ଷାର ଲକ୍ଷ୍ୟ ନୁହେଁ। ନୈତିକ ଜୀବନର ବିକାଶ ହିଁ ପ୍ରକୃତ ଶିକ୍ଷା। ରାଜସ୍ଥାନର କୋଟା ସହର ତ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟାର ପେଣ୍ଠଭୂମି ପାଲଟି ଯାଇଛି। କେତେକେତେ ମେଧାବୀ ଶିକ୍ଷାର୍ଥୀଙ୍କର ଅକାଳ ବିୟୋଗ ସାରା ଦେଶ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଭୀରୁ ଓ କାପୁରୁଷମାନେ ହିଁ ଦୁର୍ବଳତା ଓ ପଳାୟନ ପନ୍ଥାର ଶିକାର ହୋଇଯା'ନ୍ତି।

ଜୀବନ ତ ହେଉଛି ସଂଘର୍ଷ ଓ ଗତିଶୀଳତାର ଅନ୍ୟନାମ। ଖାଲି ଆମେ ବଞ୍ଚିବାର କଳା ଜାଣିଗଲେ ହେଲା। ଗ୍ରୀକ୍ ଦାର୍ଶନିକ ହେରାକ୍ଲିଟ୍‌ସ ଏବଂ ଇଂରାଜୀ ସାହିତ୍ୟର ପ୍ରସିଦ୍ଧ ନାଟ୍ୟକାର ସେକ୍ସପିୟର ଭାଗ୍ୟବାଦୀ ସପକ୍ଷରେ ନଥିଲେ। ଜୀବନର କର୍ମ ଉପରେ ଥିଲା ଅଗାଧ ବିଶ୍ୱାସ ଓ ଆସ୍ଥା। ତାଙ୍କ ଭାଷାରେ ମଣିଷ ନିଜେ ହିଁ ନିଜ ଭାଗ୍ୟକୁ ଗଢ଼ି ପାରିବ। ତେଣୁ ଈଶ୍ୱରଙ୍କ ଉପରେ ଆସ୍ଥା ରଖି କର୍ମକୁ ଜାରି ରଖିବା ହିଁ ଶ୍ରେୟସ୍କର। ନିଜେ ଭଗବାନ ଶ୍ରୀକୃଷ୍ଣ, ମହାଭାରତର ମହାନାୟକ ତାଙ୍କର ପ୍ରିୟ ସଖା ଅର୍ଜୁନଙ୍କୁ ଉପଦେଶ ଦେଇଛନ୍ତି - ଯେତେ ଅଧିକ ନିଜର ସଙ୍କଳ୍ପ ନେବ, ସେତେ ଅଧିକ ପରିମାଣରେ ଆତ୍ମବିଶ୍ୱାସ, ଆଗ୍ରହ ଓ ଧୀଶକ୍ତି ବଢ଼ି ଚାଲିବ। ଯଦି ଜଣେ କାମ କରୁଥିବା ସମୟରେ ଫଳ ଉପରେ ନିଜର ମନକୁ କେନ୍ଦ୍ରୀଭୂତ କରିବ, ମନ ତ ନିଶ୍ଚୟ ବାଟବଣା ହେବ। ଅତଏବ ଆମ ମାନଙ୍କୁ ବୁଝିବାକୁ ପଡ଼ିବ ସଂଗ୍ରାମ ହିଁ ଜୀବନ ଓ ଶ୍ରମ ହିଁ ବୈଭବ। ପରୀକ୍ଷାରେ ସଫଳତା ପାଇବାର ମାର୍ଗ ଶ୍ରେଣୀ କକ୍ଷରେ ବସିଥିବା ଆଗଧାଡ଼ିର ପିଲାମାନଙ୍କଠାରୁ ମିଳିବ, କିନ୍ତୁ ଜୀବନର ସଫଳତାର ମନ୍ତ୍ର ଶ୍ରେଣୀ କକ୍ଷର ପଛଧାଡ଼ିରେ ବସିଥିବା ପିଲାମାନଙ୍କଠାରୁ ମିଳିବ।

ଭାରତର ପୂର୍ବତନ ରାଷ୍ଟ୍ରପତି ମିଶାଇଲ୍ ମ୍ୟାନ ଡକ୍ଟର ଏ.ପି.ଜେ. ଅବ୍‌ଦୁଲ୍ କାଲାମଙ୍କ ଭାଷାରେ - ବିଫଳତା ମତେ କେବେ ସ୍ପର୍ଶ କରି ପାରିବ ନାହିଁ, ଯଦି ମୋ ସଫଳତାର ସଂଜ୍ଞା ଅଧିକ ଶକ୍ତିଶାଳୀ ହୋଇଥିବ। ଥୋମାସ୍ ଆଲଭା ଏଡିସନ୍ ହୁଅନ୍ତୁ କିମ୍ବା ଆଲବର୍ଟ ଆଇନ୍‌ଷ୍ଟାଇନ୍, ଏଭଲିନ୍‌ଗ୍ଲେନି କିମ୍ବା ହେଲେନ୍ କେଲର ହୁଅନ୍ତୁ, ଏମାନେ ସମସ୍ତେ ତ ସଫଳତାର ମନ୍ତ୍ର ପାଇଛନ୍ତି ସମସ୍ତ ପ୍ରତିକୂଳ ପରିସ୍ଥିତି ମଧ୍ୟରେ। ଓଡ଼ିଆ ମଧୁବର୍ଣ୍ଣବୋଧରେ ଭକ୍ତକବି ମଧୁସୂଦନ ରାଓ ମଧ୍ୟ ମଣିଷର କର୍ମଫଳର, ପରାକାଷ୍ଠା ପ୍ରକାଶ କରିଛନ୍ତି - 'କର୍ତ୍ତବ୍ୟ ପରାଣେ ଯଶ, ଧନ, ଲଭେ ଦୁନିଆର କର୍ମବୀର, ଭାଗ୍ୟକୁ ଆଦରି କାପୁରୁଷ ସିନା, ଦୁଃଖ ଭୋଗେ ବାରମ୍ବାର।'



ଆମ ଭବିଷ୍ୟତ ସୂତ୍ରଧରମାନଙ୍କୁ ବୁଝିବାକୁ ପଡ଼ିବ ସଫଳତାର ରାସ୍ତା କେବେ ବି ସହଜ ନୁହଁ। ସମୟ ଓ ସୁଯୋଗକୁ ଅପବ୍ୟବହାର କଲେ ପଶ୍ଚାତାପ ନିଶ୍ଚିତ। ଗୀତାରେ ତ ସ୍ପଷ୍ଟ ଭାବରେ ଉଲ୍ଲିଖିତ 'କର୍ମଣ୍ୟେବାଧିକାରସ୍ତୁ, ମା ଫଳେଷୁ କଦାଚନ।'

୨୦୨୩ ମସିହାରେ ସମ୍ପର୍କିତ 'ପରୀକ୍ଷା ପେ ଚର୍ଚ୍ଚା'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ପିଲାମାନଙ୍କୁ ଦେଇଥିବା ପରାମର୍ଶ ଉଲ୍ଲେଖଯୋଗ୍ୟ। ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରିବା ଏକ ସାମାଜିକ ଅଧଃପତନ। ସେ କହିଥିଲେ ଯେ ପରୀକ୍ଷା ଆସେ ଏବଂ ଯାଏ। କିନ୍ତୁ ମଣିଷର ମୂଲ୍ୟବୋଧ ବଜାୟ ରହେ। ଏକ ଦୀର୍ଘ ଅନ୍ଧକାରାଚ୍ଛନ୍ନ ସୁଡ଼ଙ୍ଗ ଅତିକ୍ରମ କଲେ ହିଁ ଆଲୋକବର୍ତ୍ତିକାର ନିକଟତର ହୋଇପାରିବ। ପିଲାମାନେ ହୃଦୟଙ୍ଗମ କରିବା ଉଚିତ୍ ଯେ ଆମ ସଂସ୍କୃତି ସବୁବେଳେ ଅନ୍ଧକାରରୁ ଆଲୋକ ଆଡ଼କୁ ଗତି କରିଥାଏ।

ପରୀକ୍ଷାରେ ପ୍ରଶ୍ନ ତ ସମସ୍ତଙ୍କ ପାଇଁ ସମାନ ଥାଏ, କିନ୍ତୁ କିଏ କିପରି ପ୍ରଶ୍ନଗୁଡ଼ିକୁ ସମାଧାନ କରିପାରିଲା, ତାହା ବିଦ୍ୟାର୍ଥୀର ପାରିବା ପଣକୁ ବୁଝାଇଥାଏ। ଠିକ୍ ସେହିପରି ଜୀବନ ମଧ୍ୟ ଏକ ପରୀକ୍ଷା। ଏହାର ସଠିକ୍ ମୁକାବିଲା କରିବା ଆବଶ୍ୟକ। ଏକ ନିର୍ମଳ ଖୋଲା ଆକାଶରେ ପକ୍ଷୀମାନେ ଉଡୁଥିବା ସମୟରେ ଯଦି ହଠାତ୍ ବର୍ଷା ଆସିଯାଏ ପକ୍ଷୀମାନେ ନିଜ ନିଜର ନୀଡ଼କୁ ଫେରି ଆସନ୍ତି। କେହି କେହି ଏକ ଝଡ଼ର ଆଶଙ୍କା କରି ଝଙ୍କାଳିଆ ଗଛ ଡାଳରେ ସାମୟିକ ଆଶ୍ରୟ ଖୋଜନ୍ତି। କିନ୍ତୁ ଉତ୍କ୍ରୋଶ ପକ୍ଷୀ ବା ଚିଲ, ଯାହାକୁ ଇଂରାଜୀରେ ଇଗଲ କୁହାଯାଏ, ସମ୍ପୂର୍ଣ୍ଣ ନିଆରା ଢଙ୍ଗରେ ଆସନ୍ନ ବର୍ଷାର ମୁକାବିଲା କରେ। ସେ ଭସା ମେଘଖଣ୍ଡର ଅନେକ ଉଚ୍ଚକୁ ଉଡ଼ିଯାଏ। ନା ସେଠି ଥାଏ ବର୍ଷାର ପ୍ରାବଲ୍ୟ, ନା ଥାଏ ଝଡ଼ର ଆଶଙ୍କା। ଏଇତ ଜୀବନ ଜିଇବାର କଳା। ନିଜର ସ୍ୱପ୍ରବୃତ୍ତି ହିଁ ଅନ୍ୟମାନଙ୍କଠାରୁ ଜଣକୁ ପୃଥକ କରିଥାଏ। ଆତ୍ମବିଶ୍ୱାସ ହିଁ ଜିଇବାର କଳାକୁ ଅଭିମନ୍ତ୍ରିତ କରିଥାଏ।

ଜାତୀୟ ଶିକ୍ଷା ନୀତି ୨୦୨୦ ମଧ୍ୟ ଜୀବନର ସମସ୍ତ କଳାକୁ ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାର ପାଠ୍ୟକ୍ରମରେ ଗୁରୁତ୍ୱ ଆରୋପ କରୁଛି। ଭାରତ ଏକ ଯୁବପିଢ଼ିର ଦେଶ ଭାବରେ ଅଭିହିତ। ଆତ୍ମନିର୍ଭର ଭାରତ ଆମ ଯୁବଗୋଷ୍ଠୀମାନଙ୍କ ଦ୍ୱାରା ହିଁ କେବଳ ସମ୍ଭବ। ଏହି ପରିପ୍ରେକ୍ଷୀରେ ଶିକ୍ଷକ, ଅଭିଭାବକ ଓ ବୁଦ୍ଧିଜୀବୀମାନଙ୍କର ଉପଦେଶ, ସଠିକ୍ ପରାମର୍ଶ ଆମ ଯୁବଗୋଷ୍ଠୀଙ୍କୁ ଏକ ଯୁଗାନ୍ତକାରୀ ସଫଳତା ଆଣିବା ପାଇଁ ଧ୍ୟେୟ ହେଉ। ବଦଳୁଥିବା ସମୟରେ ଅଭିଭାବକମାନଙ୍କ ମନୋଭାବ ମଧ୍ୟ ବଦଳିବା ଆବଶ୍ୟକ। ବିଧା ମାରି ପଣସ ପଚେଇବାର ସମୟ ଚାଲି ଯାଇଛି। ପିଲାମାନଙ୍କୁ ଉଚିତ୍ ପରାମର୍ଶ ଦିଅନ୍ତୁ; କିନ୍ତୁ ନିଜ ଇଚ୍ଛାଗୁଡ଼ିକୁ ସେମାନଙ୍କ ଉପରେ ଲଦି ନ ଦିଅନ୍ତୁ।

ଜଣେ କବିଙ୍କ ଭାଷାରେ -

ଭାବ ନାହିଁ କେବେ ଶିଶୁଟିକୁ ଶିଶୁ, ଶିଶୁ କେବେ ନୁହଁ ନିଃସ୍ୱ

ଶିଶୁର ଭିତରେ ଲୁଚି ରହିଅଛି ଏକ ଏକ ମହାବିଶ୍ୱ।

କର୍ମ କରିବାକୁ ସ୍ପୃହା ଓ ମନୋବଳ ପିଲାମାନଙ୍କ ଭରି ଦିଅନ୍ତୁ ଅଭିଭାବକମାନେ। ଦେଖିବେ ସେମାନେ ନିଜ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ।

# ବିଦ୍ୟା ମୁକ୍ତି ପାଇଁ ନା ନିଯୁକ୍ତି ପାଇଁ



ଶ୍ରୀବତ୍ସ ନାୟକ
କଟକ, ମୋ: ୯୪୩୮୦୭୦୮୪୯

ଶାସ୍ତ୍ରରେ କୁହାଯାଇଛି - 'ତତ୍କର୍ମ ଯ ନବନ୍ଧାୟ, ସା ବିଦ୍ୟା ଯା ବିମୁକ୍ତୟେ।' ଅର୍ଥାତ୍ ଯେଉଁ କର୍ମ କୌଣସି ଏକ ବ୍ୟକ୍ତିକୁ କୁ-ଅଭ୍ୟାସ ଦ୍ୱାରା ବାନ୍ଧି ରଖିନପାରେ ତାହା ହେଉଛି ଉପଯୁକ୍ତ କର୍ମ। ଠିକ୍ ସେହିପରି ସେଇ ହେଉଛି ବିଦ୍ୟା, ଯାହା ଏକ ବ୍ୟକ୍ତିକୁ ମୁକ୍ତି ଦିଏ, ଜ୍ଞାନ ଦିଏ ଏବଂ ବିବେକାନୁମୋଦିତ କର୍ମ କରିବା ପାଇଁ ପ୍ରେରଣା ଯୋଗାଇଥାଏ। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଅନୁମେୟ ଯେ ବିଦ୍ୟାର ମୂଳଲକ୍ଷ୍ୟ ହେଉଛି ଚାକିରି କରିବା ବା ନିଯୁକ୍ତି ସୃଷ୍ଟି କରିବା।

ଏକବିଂଶ ଶତାବ୍ଦୀର ମଣିଷ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଦାସ ହୋଇ ଚାକିରିରେ ନିଯୁକ୍ତି ପାଇବା ପାଇଁ ଅହରହ ପ୍ରୟାସ କରୁଛି। ପ୍ରଶାସନିକ ସେବା, ଡାକ୍ତର, ଓକିଲ, ଇଞ୍ଜିନିୟର, ଚାଟାର୍ଡ ଆକାଉଣ୍ଟାଣ୍ଟ ଭଳି ବଡ଼ ବଡ଼ ପଦ ପଦବୀରେ ରହିବା ପାଇଁ ପ୍ରତିଯୋଗିତା ହେଉଛି। ସୌଭାଗ୍ୟବଶତଃ ଛାତ୍ରଛାତ୍ରୀମାନେ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିଗଲେ ତାଙ୍କୁ ଆମ ସମାଜ ଜଣେ ଶ୍ରେଷ୍ଠ ବ୍ୟକ୍ତି ବୋଲି ବିବେଚନା କରେ। ଯିଏ ଚାକିରି ନପାଇଲା ତାକୁ ଅନେକ ନିନ୍ଦା ଅପବାଦ ସହିବାକୁ ପଡ଼ିଥାଏ। ଫଳରେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ପଛାଇ ନଥା'ନ୍ତି ଛାତ୍ରଛାତ୍ରୀମାନେ।

ଆଧୁନିକ ଯୁଗର ମଣିଷ ପାଇଁ ବିଦ୍ୟା ବ୍ୟକ୍ତିଟିକୁ ମୁକ୍ତି ପ୍ରଦାନ ନକରି ନିଯୁକ୍ତି ପ୍ରଦାନ କରିବାରେ ସହାୟକ ହେଉଛି। ତେଣୁ ଯଥାର୍ଥରେ କୁହାଯାଉଛି ଯେ - 'ସା ବିଦ୍ୟା ଯା ନିଯୁକ୍ତୟେ।' ଦିନେ ଯେଉଁ ବିଦ୍ୟା ମନୁଷ୍ୟକୁ ମୁକ୍ତି ଦେଉଥିଲା ଆଜି ସେ ବିଦ୍ୟା ମନୁଷ୍ୟକୁ ନିଯୁକ୍ତି ଦେଉଛି। ଫଳରେ ଆମେ କହିବା ଯେ ସମୟାନୁକ୍ରମେ ଶିକ୍ଷାର ସଂଜ୍ଞା ବଦଳିବାରେ ଲାଗିଛି। ଯଦି ଏହିଭଳି ଚାଲେ ତେବେ ଭାରତର ଗୌରବମୟ ଶିକ୍ଷାଗରିମା ଧ୍ୱଂସ ପାଇଯିବ ଏବଂ ଆଗାମୀ ଦିନରେ ଭାରତର ବିଶ୍ୱଗୁରୁ ହେବାର ସ୍ୱପ୍ନ ଅଧୁରା ରହିଯିବ।

ଦେବଭୂମି ଭାରତବର୍ଷର ଶିକ୍ଷା ବ୍ୟବସ୍ଥା ସର୍ବପୁରାତନ ଭାବେ ସର୍ବଜନବିଦିତ। ଅଧୁନା ବିଶ୍ୱର ଅଧିକାଂଶ ଦେଶ ଭାରତର ଶିକ୍ଷା ବ୍ୟବସ୍ଥାକୁ ଅନୁକରଣ କରୁଛନ୍ତି। ଯାହା ନାହିଁ ଭାରତେ ତାହା ନାହିଁ ଜଗତେ। ଅର୍ଥାତ୍ ବିଶ୍ୱବାସୀ ଆଜି ଯାହା ଦେଖୁଛନ୍ତି ସେଥିରେ ଭାରତର ଅବଦାନ ନିଶ୍ଚିତ ଭାବେ ଅଛି। ଯେତେବେଳେ ପୃଥିବୀରେ ଶିକ୍ଷାର ସାର୍ବଜନୀନ ବିଶ୍ୱବିଦ୍ୟାଳୟସ୍ତରୀୟ ରୂପରେଖ ଅସ୍ପଷ୍ଟ ଥିଲା, ସେତେବେଳେ ଭାରତର ସୁସଂଗଠିତ ଶିକ୍ଷା ବ୍ୟବସ୍ଥା ଖୁବ୍ ଉଚ୍ଚମାନର ଥିଲା। ତକ୍ଷଶୀଳା, ପୁଷ୍ପଗିରି, ନାଳନ୍ଦା, ରତ୍ନଗିରି, ବଲ୍ଲଭୀ, ବିକ୍ରମଶୀଳା ଭଳି ବିଶ୍ୱବିଦ୍ୟାଳୟରେ ଦେଶବିଦେଶରୁ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରୁଥିଲେ। ଏଥିରୁ ଅନୁମେୟ ଯେ ଭାରତ ହେଉଛି ଶିକ୍ଷାର ପେଣ୍ଠସ୍ଥଳୀ।

ପ୍ରାଚୀନ ଆର୍ଯ୍ୟ ପରମ୍ପରାରେ ବିଦ୍ୟା ଏକ ବ୍ୟକ୍ତିର ଷଡ଼ରିପୁ(ଅହଙ୍କାର, ମିଥ୍ୟା, କ୍ରୋଧ, ଭୟ, ମୋହ ଓ କୁସଂସ୍କାର ଭଳି ଆସୁରିକ ପ୍ରକୃତି)କୁ ନାଶ କରି ମୁକ୍ତି ପ୍ରଦାନ କରିଥାଏ। ବିଦ୍ୟା ଅଧ୍ୟୟନ କରିବା ଦ୍ୱାରା ବ୍ୟକ୍ତିର ହୃଦୟରେ ଦୟା, କ୍ଷମା, ନ୍ୟାୟ, ସ୍ନେହ, ପ୍ରେମ ଭଳି ଦୈବୀଗୁଣର ସଞ୍ଚାର ହୋଇଥାଏ, ଯାହା କ୍ଷଣିକ ବନ୍ଧନରୁ ମୁକ୍ତ କରି ଚିରନ୍ତନ ସତ୍ୟକୁ ଅନୁଶୀଳନ କରାଏ।




ଏକଦା ଶିକ୍ଷା ସମ୍ବନ୍ଧୀୟ ଏକ ଆଲୋଚନାଚକ୍ରରେ ବ୍ରିଟିଶର ଜଣେ ପ୍ରାଧ୍ୟାପକ ତାଙ୍କ ଦେଶର ଶିକ୍ଷା ବ୍ୟବସ୍ଥା ସମ୍ବନ୍ଧରେ କହିଥିଲେ ଯେ ତାଙ୍କ ଦେଶରେ ଶିଶୁଟି ଶିକ୍ଷା ଲାଭ କରିବା ସମୟରେ ସେ ନିଜେ ନିଜର ଆଗ୍ରହକୁ ନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ନିଜେ ସ୍ଥିର କରିଥାଏ। ବାହ୍ୟ ପ୍ରଭାବ ତଥା ଅଭିଭାବକମାନଙ୍କ ତରଫରୁ ଶିଶୁର ଲକ୍ଷ୍ୟ ନେଇ କୌଣସି ଚାପ ପ୍ରୟୋଗ କରାଯାଇନଥାଏ। ଅଧୁନା ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଠିକ୍ ଏହାର ବିପରୀତ ଅବସ୍ଥା ପରିଲକ୍ଷିତ ହେଉଛି। ଦୂର ଦିଗବଳୟରୁ ଦିଗନ୍ତ ଦୃଶ୍ୟମାନ ହେଲା ଭଳି ଶିଶୁର ଭବିଷ୍ୟତ ନେଇ ଅଭିଭାବକମାନେ ନିଷ୍ପତ୍ତି ନେଇଥା'ନ୍ତି। ଏହି ପରିପ୍ରେକ୍ଷୀରେ ଶିଶୁର ସ୍ୱାଧୀନତା ସମ୍ପୂର୍ଣ୍ଣ ରୂପେ ଲୋପ ପାଇଥାଏ। ଶିକ୍ଷା ଗ୍ରହଣ କରିବା ଦିନଠାରୁ ଶିଶୁଟି ଲାଗି ପଡ଼ିଥାଏ ବାପା ଓ ମା'ଙ୍କର ଅଭିଳାଷ ପରିପୂର୍ଣ୍ଣ କରିବା ପାଇଁ। ଫଳରେ ସେ ଅନ୍ତର୍ନିହିତ ପ୍ରତିଭା ଅନୁଯାୟୀ ଭବିଷ୍ୟତ ପନ୍ଥା ଆପଣାଇବା ପରିବର୍ତ୍ତେ ତଥା ନିଜର ଅନିଚ୍ଛା ସତ୍ତ୍ୱେ ଅଭିଭାବକଙ୍କ ଚାପର ବଶବର୍ତ୍ତୀ ହୋଇଥାଏ। ଶିକ୍ଷା ଗ୍ରହଣ କରିବା ଦିନଠାରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏମିତି ଏକ ମାନସିକତା ଆସିଥାଏ ଯେ ସେମାନେ ସରକାରୀ ଚାକିରି ତଥା ଉଚ୍ଚ ପଦପଦବୀରେ ରହିବା ପାଇଁ ପ୍ରତିଯୋଗିତା କରିଥା'ନ୍ତି। ବ୍ରିଟିଶ ଶାସନ କାଳରେ ବ୍ରିଟିଶରମାନେ ଶିକ୍ଷାକୁ କେବଳ ଚାକିରି ସାଙ୍ଗରେ ଯୋଡ଼ି ଦେଖୁଥିଲେ। ତେଣୁ ଭାରତ ସ୍ୱାଧୀନତା ଲାଭ କରିବା ପରଠାରୁ ଶିକ୍ଷା ବ୍ୟବସ୍ଥାରେ ସେହି ପୁରୁଣା ଢାଞ୍ଚାରେ ପ୍ରଚଳନ ହେଉଛି। ଏଠି ବିଦ୍ୟା ଆହରଣ କେବଳ ଚାକିରିରେ ସୀମିତ ହୋଇଯାଇଛି।

ଅପରପକ୍ଷରେ ଶିକ୍ଷାକୁ ସର୍ବଦା ଭାରତ ଗୁରୁତ୍ୱ ଦେଇ ଆସିଛି। ସମୟାନୁଯାୟୀ ଯୁଗୋପଯୋଗୀ ଶିକ୍ଷା ବ୍ୟବସ୍ଥାମାନ ପ୍ରଣୟନ କରିଛି। ପ୍ରାଚୀନ ଗୁରୁକୁଳ ଶିକ୍ଷା ବ୍ୟବସ୍ଥାରୁ ଆରମ୍ଭକରି ସ୍ୱାଧୀନତାର ପରବର୍ତ୍ତୀ ପର୍ଯ୍ୟାୟରେ ରାଧାକ୍ରିଷ୍ଣନ୍ କମିଶନ(୧୯୪୮-୪୯), ମୁଦାଲିୟର କମିଶନ(୧୯୫୨), ଦୁର୍ଗାବାଈ ଦେଶମୁଖ କମିଶନ୍(୧୯୫୮), କୋଠାରି କମିଶନ(୧୯୬୪-୬୬), ଜାତୀୟ ଶିକ୍ଷାନୀତି(୧୯୮୬), ଯଶପାଲ୍ କମିଟି(୧୯୯୨), ଜାତୀୟ ପାଠ୍ୟକ୍ରମ ରୂପରେଖ(୨୦୦୫) ଆଧାରରେ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆସିଛି। ସେହିଭଳି ପରମ୍ପରା ସହ ପ୍ରଗତିର ମହମିଳନ ଉଦ୍ଦେଶ୍ୟରେ ଭାରତ ସରକାର ୨୦୨୦ ମସିହାରେ ପୁରୋଦୃଷ୍ଟି ଓ ଭୂୟୋଦର୍ଶନ ସମ୍ପୂର୍ଣ୍ଣ ନୂତନ ଶିକ୍ଷାନୀତି ପ୍ରଣୟନ କରିଛନ୍ତି। ଏହା ମାଧ୍ୟମରେ ଭାରତ ଆତ୍ମନିର୍ଭର ହେବା ସହିତ ବିଶ୍ୱଗୁରୁର ସ୍ୱପ୍ନ ଦେଖୁଛି। ଏହି ବ୍ୟବସ୍ଥାରେ ଶିକ୍ଷା ସାକ୍ଷରତା ଠାରୁ ଆରମ୍ଭ କରି ପାଠ୍ୟକ୍ରମରେ ସିଦ୍ଧି, କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷାରେ ସାଫଲ୍ୟ ବା ଜୀବିକା ନିର୍ବାହ ନିମନ୍ତେ କୌଣସି ଏକ ମାର୍ଗର ତାଲିମପ୍ରାପ୍ତ ଭାବେ ଦେଖିବାକୁ ମିଳୁଛି, ଯାହାକି ଶିକ୍ଷାର ମୌଳିକ ଉଦ୍ଦେଶ୍ୟ ନୁହେଁ।

ଏବେ ପ୍ରଶ୍ନ ଉଠୁଛି - ଆମେ ବର୍ଷ ବର୍ଷ ଧରି ଶିକ୍ଷା ପଛରେ ଧାଇଁବା କାହିଁକି? କ'ଣ କେବଳ ଉପାଧି ଲାଭ ନିମନ୍ତେ? ଯାହା ଚାକିରି ଦେବ ଓ ମୋଟା ଅଙ୍କର ବେତନ ଯୋଗାଇବ? ନା ଶିକ୍ଷାର ଆଉ କିଛି ଲକ୍ଷ୍ୟ ଅଛି? କୌଣସି ଉଚ୍ଚପଦରେ ଅଧିଷ୍ଠିତ ହେଲେ କ'ଣ ଶିକ୍ଷାର ଉପଯୁକ୍ତ ମୂଲ୍ୟ ମିଳିପାରିବ? ଆଧୁନିକତାର ସ୍ପର୍ଶରେ ସହରାଭିମୁଖୀ ହେବା, ପ୍ରତିଯୋଗିତାମୂଳକ ମନୋଭାବ ନେଇ ଚାକିରି ଅନ୍ୱେଷଣ କରିବା, ନିଯୁକ୍ତି ନମିଳିଲେ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିବା ଆଦି ଧାରଣା ଏବେ ବି ଆମ ମନରେ ବସା ବାନ୍ଧିଛି। ଏଭଳି ଭ୍ରମାତ୍ମକ ଧାରଣାରୁ କେବେ ମୁକ୍ତି ପାଇବା ଆମେ? ଏହା ଭାଗ୍ୟର ବିଡ଼ମ୍ବନା ନୁହେଁ ତ ଆଉ କ'ଣ? ଶିକ୍ଷାର ମାନେ ନୁହେଁ ଯେ କେବଳ ଚାକିରି କରିବା। ଚାକିରି ବା ନିଯୁକ୍ତି ପଛରେ ଦୌଡ଼ିବା ଅପେକ୍ଷା ଅର୍ଜନ କରିଥିବା ଜ୍ଞାନକୁ ଉନ୍ନତ ସମାଜ ଗଠନରେ ବିନିଯୋଗ କରିବା ଶ୍ରେୟସ୍କର ହେବ।

ଆଜିର ଶିକ୍ଷା ଆମକୁ ମୁକ୍ତ କରିବା ପରିବର୍ତ୍ତେ ବନ୍ଧନ ଆଡ଼କୁ ଠେଲି ଦେଇଛି। ଜ୍ଞାନ ସମୃଦ୍ଧ ପ୍ରାଚୀନ ଭାରତରେ ସାକ୍ଷରତା ବିନା ବି ବିଦ୍ୟା ଲାଭ କରାଯାଉଥିଲା, କିନ୍ତୁ ଆଜିର ସମୟରେ ଆମେ ବିଦ୍ୟା ଲାଭ କରି ଶିକ୍ଷିତ। ଅଥଚ ଆମେ ଯେ ଜ୍ଞାନୀ ଏହା ସମ୍ପୂର୍ଣ୍ଣ ରୂପେ ଠିକ୍ ନୁହେଁ। କାହିଁକି ନା ଆମର ବିଦ୍ୟା କେବଳ ନିଯୁକ୍ତିସର୍ବସ୍ୱ ହୋଇପଡ଼ିଛି। ତେଣୁ ଯେପର୍ଯ୍ୟନ୍ତ ଶିକ୍ଷାର ଉଦ୍ଦେଶ୍ୟ ଚାକିରି ହୋଇଥିବ ସେ ପର୍ଯ୍ୟନ୍ତ ତାର ମୂଳ ମହତ୍ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ। ନିଯୁକ୍ତି ପାଇବା ଆଶାରେ ଶିକ୍ଷାଲାଭ କରିବା ଭଳି ମାନସିକତାର ପରିବର୍ତ୍ତନ ନହେଲେ ସା ବିଦ୍ୟା ଯା ବିମୁକ୍ତୟେ ନହୋଇ ସା ବିଦ୍ୟା ଯା ନିଯୁକ୍ତୟେ ହୋଇ ରହିଯିବ।

## ମାଓ କ୍ୟାମ୍ପ ଧ୍ୱଂସ, ବିପୁଳ ସାମଗ୍ରୀ ଜବତ

**ବୌଦ୍ଧ/କନ୍ଧମାଳ/ଫୁଲବାଣୀ,୧୮ ।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ମାତାକୁପା ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଯବାନଙ୍କ ଗୁଳି ମାଡ଼ରେ ଗୋଟିଏ ମାଓ କ୍ୟାମ୍ପ ଧ୍ୱଂସ ହୋଇଯାଇଥିବା ବେଳେ ମାଓବାଦୀମାନେ ଜୀବନ ବଞ୍ଚାଇବା ପାଇଁ ଛତ୍ରଭଙ୍ଗ ଦେଇଥିଲେ। କ୍ୟାମ୍ପରୁ ୧୨ଟି ଆଇଇଡି, ଗୋଟିଏ ଦେଶୀ ବନ୍ଧୁକ, ୨ଟି ଜିଲେଟିନ୍ ଷ୍ଟିକ୍, ୫୦ ମିଟର ବିଦ୍ୟୁତ୍ ତାର, ୬ଟି ବ୍ୟାଟେରୀ ସହ ବହୁ ବିସ୍ଫୋରକ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ମାତାକୁପା ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ଗତିବିଧି ନେଇ ଖବର ମିଳିବା ପରେ ପଲିସ, ଏସ୍ଓଜି, ସିଆରପିଏଫ୍ ଏବଂ ବିଏସଏଫ ଯବାନଙ୍କୁ ନେଇ କମ୍ବିଂ ଆରମ୍ଭ କରାଯାଇଥିଲା। ଡଙ୍ଗନାମୁ ଏବଂ ତଳ ଡଙ୍ଗନାମୁ ଗ୍ରାମ ଅଞ୍ଚଳରେ କମ୍ବିଂ ବେଳେ ହଠାତ୍ ମାଓବାଦୀମାନେ ସୁରକ୍ଷା କର୍ମୀଙ୍କ ଉପରକୁ ଗୁଳି ଚଳାଇଥିଲେ। ପ୍ରତିଜବାବରେ ଯବାନମାନେ ମଧ୍ୟ ପାଲଟା ଗୁଳିଚାଳନା କରିଥିଲେ। ଦୀର୍ଘ ସମୟ ଧରି ଗୁଳି ବିନିମୟ ହେବା ପରେ ମାଓବାଦୀ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ।

## ଏପ୍ରିଲ ୩୦ ସୁଦ୍ଧା ସରିବ ଶ୍ରୀମନ୍ଦିର ନାଟମଣ୍ଡପ ମରାମତି

- ହାଇକୋର୍ଟଙ୍କୁ ଅବଗତ କଲେ ଆମିକସକ୍ୟୁରୀ
- ସତ୍ୟପାଠ ଦେବାକୁ ଏଏସଆଇକୁ ନିର୍ଦ୍ଦେଶ

**କଟକ, ୧୮ ।୧ (ସମିସ):** ପୁରୀ ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣ ପ୍ରସଂଗରେ ରୁଜୁ ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ, ଗତ ନଭେମ୍ବର ୧୭ରୁ ଏଏସଆଇ ପକ୍ଷରୁ ଶ୍ରୀମନ୍ଦିର ନାଟମଣ୍ଡପର ମରାମତି କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ଏହି କାମ ଆସନ୍ତା ଏପ୍ରିଲ ୩୦ସୁଦ୍ଧା ଶେଷ ହେବ। ହାଇକୋର୍ଟଙ୍କୁ ଆଜି ଏନେଇ ଅବଗତ କରିଛନ୍ତି ଆମିକସକ୍ୟୁରୀ ଇଂ ଏନ.କେ.ମହାନ୍ତି। ନାଟମଣ୍ଡପ କାର୍ଯ୍ୟ ଅନୁଧ୍ୟାନ ପାଇଁ ଆମିକସକ୍ୟୁରୀ ଯାଇଥିବା ବେଳେ ଏଏସଆଇ ପକ୍ଷରୁ ତାଙ୍କୁ ଏହା ଅବଗତ କରାଯାଇଥିଲା। ମରାମତି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆମିକସକ୍ୟୁରୀ ନିୟମିତ ରିପୋର୍ଟ ଦେଇ ଆସୁଛନ୍ତି। ସେହିପରି ଆଇଆଇଟି ଚେନ୍ନାଇ ଦ୍ୱାରା ପ୍ରସ୍ତୁତ ନୂତନ ଏସଏସ ବକ୍ସ ବିମ୍ ଡିଜାଇନକୁ ଗତ ୧୦ ତାରିଖରେ ଅନୁମୋଦନ ମିଳିସାରିଛି ବୋଲି ଆମିକସକ୍ୟୁରୀ ଦର୍ଶାଇଥିଲେ। ଏ ପ୍ରସଂଗରେ ଏଏସଆଇକୁ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଭିଷେକ ଦାସଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ଆଗାମୀ କାର୍ଯ୍ୟପନ୍ଥା ପାଇଁ ବୈଠକ ହୋଇ ବିଭିନ୍ନ ପ୍ରକ୍ରିୟା ସ୍ଥିରୀକୃତ ହୋଇଥିବା ମଧ୍ୟ ଆମିକସକ୍ୟୁରୀଙ୍କ ପକ୍ଷରୁ କୁହାଯାଇଛି।

ପ୍ରକାଶଥାଉକି ନଭେମ୍ବର ୧୭ରୁ ଅଦ୍ୟାବଧି ହୋଇଥିବା କାର୍ଯ୍ୟର ଅନୁଧ୍ୟାନ କରିଆସୁଛନ୍ତି ଆମିକସକ୍ୟୁରୀ। ମାମଲାରୁ ପ୍ରକାଶ ଯେ ନାଟମଣ୍ଡପ ମରାମତି କାର୍ଯ୍ୟ ଆରମ୍ଭ ସମୟ ନେଇ ପୂର୍ବରୁ ଏଏସଆଇ(ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା) ସତ୍ୟପାଠକୁ ହାଇକୋର୍ଟ ଅଗ୍ରାହ୍ୟ କରି ତୁରନ୍ତ ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ହାଇକୋର୍ଟ ଗତ ନଭେମ୍ବର ୧୫ରେ ଏଏସଆଇକୁ ନିର୍ଦ୍ଦେଶ ଦେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସପ୍ତାହକୁ ଧାର୍ଯ୍ୟ ହୋଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଲୋକ କୁମାର ମହାପାତ୍ର, ଏଏସଆଇ ପକ୍ଷରୁ ଚନ୍ଦ୍ରକାନ୍ତ ପ୍ରଧାନ ମାମଲା ପରିଚାଳନା କରୁଛନ୍ତି।

## ଏସ୍‌ସି/ ଏସ୍‌ଟିଙ୍କୁ ଅଧିକାର ପ୍ରଦାନ କରିବ 'ମୋ ଜଙ୍ଗଲ ଜମି ଯୋଜନା'

### ଜଙ୍ଗଲ ଅଧିକାର କିଟ୍ ଉନ୍ମୋଚିତ

**ଭୁବନେଶ୍ୱର,୧୮ ।୧(ସମିସ):** ରାଜ୍ୟ ସରକାର ମୋ ଜଙ୍ଗଲ ଜମି ଯୋଜନା ମାଧ୍ୟମରେ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କୁ ସେମାନଙ୍କର ଅଧିକାର ପ୍ରଦାନ କରିବା ଉଦ୍ଦେଶ୍ୟ ରଖିଛନ୍ତି। ଏହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ହଲେ ଗାଁରୁ ବ୍ଲକ ପୁଣି ବ୍ଲକ ସ୍ତରରୁ ଜିଲ୍ଲାସ୍ତର ଯାଏଁ ରହିଥିବା ପ୍ରତିନିଧିମାନଙ୍କର ଗୁରୁଦାୟିତ୍ୱ ରହିଛି। ସେମାନେ ଯଦି ଏହି ଯୋଜନା ବାବଦରେ ଲୋକଙ୍କୁ ଠିକ୍ ଭାବେ ବୁଝାଇ ପାରିବେ, ତେବେ ଯୋଜନାର ସଫଳ ରୂପାୟନ ହୋଇ ପାରିବ ବୋଲି ଗୁରୁବାର ବସୁନ୍ଧରା ଦ୍ୱାରା ଅନୁସୂଚିତ ଜାତି ଓ ଜନଜାତି ସଂଗ୍ରହାଳୟ ପରିସରରେ ଏଫ୍ଆର୍ଏ (ଜଙ୍ଗଲ ଅଧିକାର ଅଧିନିୟମ) କିଟ୍ ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଏହା କହିଛନ୍ତି।

କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ପ୍ରତିଷ୍ଠାନର ଉପନିର୍ଦ୍ଦେଶକ ସନ୍ତୋଷ ରଥ ଯୋଗଦେଇ ବ୍ୟକ୍ତିଗତ ଓ ଗୋଷ୍ଠୀ ଜଙ୍ଗଲ ଅଧିକାର ପାଇଁ ଆସୁଥିବା ଦରଖାସ୍ତ କିପରି ବରଖାସ୍ତ ନ ହେବ, ସେନେଇ ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ବସୁନ୍ଧରାର ନିର୍ଦ୍ଦେଶକ ୱାଇ ଗିରି ରାଓ ଜଙ୍ଗଲ ଆଦିବାସୀଙ୍କର ଓ ଏହା ସେମାନଙ୍କର ପରିଚୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ 'ମୋ ଜଙ୍ଗଲ ଜମି ଯୋଜନା'କୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଦିଗରେ ଯେପରି କୌଣସି ଅସୁବିଧା ନ ହୁଏ ସେଥିପାଇଁ ଏହି କିଟ୍ ବଣ୍ଟାଯାଇଛି। ମୋ ଜଙ୍ଗଲ ଜମି ଯୋଜନାର ସଫଳ ରୂପାୟନ ପାଇଁ ଏହି କିଟ୍ ବିଭିନ୍ନ ଗ୍ରାମସଭାର ସଦସ୍ୟ, ଜଙ୍ଗଲ ଅଧିକାର କମିଟିର ମହିଳା ସଦସ୍ୟ, ସରପଞ୍ଚ, ଜଙ୍ଗଲ ଅଧିକାର ସାଥୀମାନଙ୍କୁ ବଣ୍ଟାଯାଇଛି। ବଣ୍ଟାଯାଇଥିବା କିଟ୍‌ରେ ଜଙ୍ଗଲ ଅଧିକାର ସାଥୀମାନଙ୍କ ପାଇଁ ୪ଟି ପୁସ୍ତିକା ରହିଛି। ଏହି ପୁସ୍ତିକା ସବୁ ସେମାନଙ୍କୁ ଜଙ୍ଗଲ ଅଧିକାର ଆଇନକୁ ଭଲ ଭାବେ ବୁଝିବାରେ ଓ ଏହାକୁ ନିଜ ଦାୟିତ୍ୱରେ ଥିବା ଗାଁଗୁଡିକରେ କାର୍ଯ୍ୟକାରୀ କରିବା ଦିଗରେ ସାହାଯ୍ୟ କରିବ।

## ରେରା ନିୟମାନୁସାରେ ଗୃହନିର୍ମାଣ ପ୍ରକଳ୍ପର ହିସାବ ରଖିବାକୁ ବ୍ୟାଙ୍କଗୁଡ଼ିକୁ ପରାମର୍ଶ

**ଭୁବନେଶ୍ୱର,୧୮ ।୧(ସମିସ):** ବ୍ୟାଙ୍କମାନେ ଗୃହ ନିର୍ମାଣ ପ୍ରକଳ୍ପଗୁଡ଼ିକର ହିସାବ ରଖିବା ବେଳେ ରେରା ନିୟମ ଅନୁପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଗୁରୁବାର ରେରା ପକ୍ଷରୁ ବିଭିନ୍ନ ସରକାରୀ ଓ ବେସରକାରୀ ବ୍ୟାଙ୍କର ପ୍ରତିନିଧୀମାନଙ୍କ ସହ ଏକ ବୈଠକ କରାଯାଇ ଏହି ପରାମର୍ଶ ଦିଆଯାଇଛି। ରେରା ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ ବୈଠକରେ ଉଦ୍‌ବୋଧନ ଦେଇ ବ୍ୟାଙ୍କମାନେ ସର୍ବଦା ରେରାର ନିୟମ ଅନୁପାଳନ କରିବାକୁ ପରାମର୍ଶ ଦେଇଥିଲେ। ରେରାର ପ୍ରଶାସନିକ ସଦସ୍ୟ ପ୍ରଦୀପ କୁମାର ବିଶ୍ୱାଳ ପ୍ରକଳ୍ପର ହିସାବ କିତାବରେ ସ୍ୱଚ୍ଛତା ରକ୍ଷା ସହ ଗୃହକ୍ରେତାମାନଙ୍କ ସ୍ୱାର୍ଥରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ନ୍ୟାୟିକ ସଦସ୍ୟ ଗୋପାଳ ଚନ୍ଦ୍ର ପଟ୍ଟନାୟକ ଆଇନର ବିଭିନ୍ନ ଦିଗ ସମେତ ଏ କ୍ଷେତ୍ରରେ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ଉପରେ ଆଲୋକପାତ କରିଥିଲେ। ଅର୍ଥ ବିଭାଗର ନିର୍ଦ୍ଦେଶିକା ଡଃ ପ୍ରଜ୍ଞାସ୍ମିତା ସାହୁ ବ୍ୟାଙ୍କମାନେ ଆବଶ୍ୟକ ସତର୍କତା ଅବଲମ୍ବନ କରିବା ସହ ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶିକା ପାଳନ କରିବାକୁ କହିଥିଲେ। ସ୍ୱତନ୍ତ୍ର ପଦାଧିକାରୀ ରବି ନାରାୟଣ ପାଢ଼ୀ ରେରାର ବିଭିନ୍ନ ନିୟମ ସଂକ୍ରାନ୍ତରେ ଏକ ବିସ୍ତୃତ ଉପସ୍ଥାପନା ରଖିଥିଲେ। ସଚିବ ବିଜୟ କୁମାର ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁଗ୍ମ ସଚିବ ଦୀପକ କୁମାର ବେଶ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ସଚିବ ପଟ୍ଟନାୟକ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

- ନକଲି ସୂଚନା ଅଧିକାର କର୍ମୀଙ୍କ ନାଁରେ ୪୦ କୋଟି ଠକେଇ

## ପ୍ରାଥମିକ ଚାର୍ଜସିଟ୍ ଦାଖଲ କଲା ଏସ୍‌ଟିଏଫ୍

### ଏସ୍‌ଟିଏଫ ମାମଲା ଆଧାରରେ ତଦନ୍ତ କରିବ ଇଡ଼ି

**ଭୁବନେଶ୍ୱର, ୧୮ ।୧ (ସମିସ):** ଆର୍‌ଟିଆଇ ଅଧିକାରୀ କହି ୪୦ କୋଟି ଠକିବା ଘଟଣାର ମୁଖ୍ୟ ଅଭିଯୁକ୍ତ କାହ୍ନୁ ଚରଣ ପ୍ରଧାନର ସହଯୋଗୀ ଲକ୍ଷ୍ମଣ ମାଢ଼ୀ ଏବଂ ଅନ୍ୟମାନଙ୍କ ନାମରେ ଏସ୍‌ଟିଏଫ୍ ପ୍ରାଥମିକ ଚାର୍ଜସିଟ୍ ଦାଖଲ କରିଛି। ୬ଶହ ପୃଷ୍ଠାର ଏହି ଚାର୍ଜସିଟ୍ ଏସ୍‌ଟିଏଫ ଭୁବନେଶ୍ୱର କୋର୍ଟରେ ଦାଖଲ କରିଛି। ଏଥିରେ ମୁଖ୍ୟ ଅଭିଯୁକ୍ତ ଭାବେ କାହ୍ନୁ ଚରଣ ଦର୍ଶାଯାଇଥିବା ବେଳେ ଅନ୍ୟମାନେ ସହଯୋଗ ଅଭିଯୁକ୍ତ ଅଛନ୍ତି। କାହ୍ନୁର ଆକାଉଣ୍ଟକୁ ୧୦ କୋଟିରୁ ଅଧିକ ଟଙ୍କା କାରବାର ହୋଇଛି। କାହ୍ନୁ କାହାକୁ ମଦ ଦୋକାନ କରାଇଦେବାକୁ କହି ତ ଆଉ କାହାକୁ ସରକାରୀ ଚାକିରି କରାଇ ଦେବାକୁ କହି ଟଙ୍କା ନେଇଛି। ତା' ବିରୋଧରେ ଏସ୍‌ଟିଏଫ୍ ନିକଟରେ ଦୃଢ଼ ପ୍ରମାଣ ଥିବାରୁ ସେ ଖସିବା ଏକପ୍ରକାର କଷ୍ଟକର ହୋଇପଡ଼ିଛି। ଏହି ମାମଲାର ତଦନ୍ତ ଚାଲିଥିବାରୁ ଏସ୍‌ଟିଏଫ୍ ଏହାର ଫାଇନାଲ ଚାର୍ଜସିଟ୍ କୋର୍ଟରେ ଦାଖଲ କରିବ। ଅପରପକ୍ଷେ ଅଭିଯୁକ୍ତର ଆକାଉଣ୍ଟରୁ କୋଟି କୋଟି ଟଙ୍କା ଟ୍ରାଞ୍ଜାକ୍‌ସନ ହୋଇଥିବାରୁ ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ହସ୍ତକ୍ଷେପ କରିଛି। ମନିଲଣ୍ଡରିଂ ଆକ୍ଟ ଆଧାରରେ ଇଡି ତଦନ୍ତ କରୁଛି।

## ଅବଶିଷ୍ଟାଂଶ...

### ଶ୍ରୀକ୍ଷେତ୍ରକୁ ଗଡ଼ିଲା...

କହିଛନ୍ତି ଯେ ରାଜ୍ୟବାସୀଙ୍କୁ ପୁରୀଧାମ ଆସି ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ଲାଭ କରିବା ପାଇଁ ଆମର ଏହି ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍‌ସେବା ଆରମ୍ଭ ହୋଇଛି। ଆପଣମାନେ ସମସ୍ତେ ଏହାର ସୁଯୋଗ ନିଅନ୍ତୁ ଓ ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରନ୍ତୁ। ମହାପ୍ରଭୁଙ୍କ ଇଚ୍ଛାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଗତକାଲି ଲୋକାର୍ପଣ ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ମନ୍ଦିରର ଆହୁରି ଶୋଭାବର୍ଦ୍ଧନ ହେବା ସହିତ ପରିବେଶକୁ ଆହୁରି ଭକ୍ତିମୟ କରିଛି। ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ପାଇଁ ସୁବିଧା ଦର୍ଶନର ବ୍ୟବସ୍ଥା କରାଯାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆପଣମାନଙ୍କ ପାଇଁ ଆରାମଦାୟକ ବସ୍‌ସେବା ଆରମ୍ଭ ହୋଇଛି। ଆପଣମାନେ ସୁବିଧାରେ ପୁରୀ ଆସି ମହାପ୍ରଭୁଙ୍କ କୃପା ଲାଭ କରିବେ ବୋଲି ମୋର ବିଶ୍ୱାସ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ସହ ମା'ମାନଙ୍କ ପାଇଁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍‌ରେ ଟିକେଟର ମୂଲ୍ୟ ମାତ୍ର ୫୦ ପ୍ରତିଶତ ରହିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସଦ୍ୟ ଆରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍ ଯୋଜନାରେ ମା'ମାନଙ୍କ ପାଇଁ ଟିକେଟ ଦାମ୍ ମାତ୍ର ୫ ଟଙ୍କା ରହିଛି ଓ ଜଗନ୍ନାଥ ଏକ୍ସପ୍ରେସରେ ମହିଳାଙ୍କ ପାଇଁ ୫୦% ରିଆତି ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏଥିସହିତ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଏବେ ଗାଁ ଗାଁ ରେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ପ୍ରସାର ପାଇଁ ପଦକ୍ଷେପ ନିଆଯାଉଛି। ଆମର ଲୋକପ୍ରିୟ ଲକ୍ଷ୍ମୀ ବସ ଯୋଜନାରେ ଆମେ ପଞ୍ଚାୟତକୁ ବ୍ଲକ ସଦର ମହକୁମା ସହିତ ଯୋଡ଼ିଛୁ। ଯୋଗାଯୋଗ କ୍ଷେତ୍ରରେ ଲକ୍ଷ୍ମୀ ବସ ଏବେ ରୂପାନ୍ତର ଆଣିଛି। ଜିଲ୍ଲା ସଦରମହକୁମାରୁ ଶ୍ରୀକ୍ଷେତ୍ରକୁ ସିଧାସଳଖ ବସ୍ ବ୍ୟବସ୍ଥା ଦ୍ୱାରା ରାଜ୍ୟର ଗମନାଗମନ ଓ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ ହେବ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ, ଭକ୍ତ ଓ ଜଗନ୍ନାଥପ୍ରେମୀଙ୍କୁ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ଲାଭକରିବାର ସୌଭାଗ୍ୟ ଅର୍ଜନ କରିବାରେ ଏହି ବସ୍‌ସେବା ସହାୟତା ପ୍ରଦାନ କରିବ। ମହାପ୍ରଭୁଙ୍କ ଆଶୀର୍ବାଦ ଓ ଆପଣମାନଙ୍କ ସହଯୋଗରେ ଓଡ଼ିଶା ବିକାଶର ଶିଖରରେ ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ବଲାଙ୍ଗିରରେ ଉପସ୍ଥିତ ଥିବା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ସାଧାରଣ ଲୋକଙ୍କ ପ୍ରତିଶ୍ରୁତି ପୂରଣ କରିବାରେ ମୁଖ୍ୟମନ୍ତ୍ରୀଙ୍କର ତୁଳନା ନାହିଁ। ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଏ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ। ମୁଖ୍ୟମନ୍ତ୍ରୀଙ୍କ ସବୁ କାର୍ଯ୍ୟକ୍ରମ ମହିଳାମାନଙ୍କୁ ଅଧିକ ସଶକ୍ତ କରୁଛି। ମୁଖ୍ୟମନ୍ତ୍ରୀଙ୍କ ସମସ୍ତ କାର୍ଯ୍ୟକ୍ରମର ମଙ୍ଗ ଧରି '୫-ଟି' ଅଧ୍ୟକ୍ଷ ସବୁ ଯୋଜନା ସଫଳ କରୁଛନ୍ତି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମଟିକୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରିଥିବା ବେଳେ ବାଣିଜ୍ୟ ଓ ପରିବହନ ପ୍ରମୁଖ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଭୂପିନ୍ଦର ସିଂହ, ଉନ୍ନୟନ କମିଶନର ଅନୁ ଗର୍ଗ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ମହାପ୍ରଭୁଙ୍କ କାର୍ଯ୍ୟରେ...

ହେଲେ ବିଶ୍ୱନିୟନ୍ତାଙ୍କ ଉଦ୍ଦେଶ୍ୟରେ ଭକ୍ତଙ୍କଠାରୁ ସଂଗୃହୀତ ଏହି ସାମଗ୍ରୀକୁ ନେଇ କେଁ ପୂରାଇବାକୁ ବିରୋଧୀ ଚେଷ୍ଟା କରିଥିଲେ। କିନ୍ତୁ ସୁଆର ମହାସୁଆର ନିଯୋଗ ସ୍ପଷ୍ଟ କରିବା ପରେ ଫେଲ୍ ମାରିଛି ସେମାନଙ୍କ ଚକ୍ରାନ୍ତ।

କୋଟି ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ହେଉଛନ୍ତି ଓଡ଼ିଆ ଜାତିର ଆତ୍ମା, ପ୍ରତିଟି ହୃଦୟର ସ୍ପନ୍ଦନ। ଆଉ ପ୍ରତ୍ୟେକ ଜୀବର ଜୀବନ ସତ୍ତା। ଦାରୁବିଗ୍ରହଙ୍କ ବିଜେସ୍ଥଳୀର ଚତୁଃପାର୍ଶ୍ୱରେ କରାଯାଇଥିବା ପରିକ୍ରମା ପ୍ରକଳ୍ପ ଲୋକାର୍ପଣରେ ସବୁ ଲୋକେ ପୁରୀ ଆସିବା ସମ୍ଭବ ନ ଥିବାରୁ ପ୍ରତି ପରିବାରରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯିବା ଲାଗି ନିଷ୍ପତ୍ତି ହୋଇଥିଲା। ସେହି ଅନୁସାରେ, ଗତ ୬ ତାରିଖରେ ଓଡ଼ିଶାର ପୁରପଲ୍ଲୀରେ ଗଡ଼ିଥିଲା ଅର୍ପଣ ରଥ। ପ୍ରତିଟି ପରିବାର ଏଥିରେ ଉଦ୍‌ବୁଦ୍ଧ ହୋଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ ଅରୁଆ ଚାଉଳ, ଗୁଆ ଓ ନଡ଼ିଆ। ପ୍ରାୟ ସପ୍ତାହେ ଧରି ଏହି କାର୍ଯ୍ୟକ୍ରମ ଗାଁଠୁ ସହର ଚାଲିଥିଲା। ତେବେ ଭକ୍ତଙ୍କର ଏହି ଭକ୍ତିଅର୍ଘ୍ୟକୁ ସସମ୍ମାନ ନିର୍ଦ୍ଦିଷ୍ଟ ଦେବପୀଠରେ ରଖାଯାଇଛି। ବୁଧବାର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହୋଇଥିବା ବେଳେ ସଂଗୃହୀତ ସାମଗ୍ରୀକୁ ନେଇ ଅଯଥା ବିବାଦ ଉଠାଇଥିଲେ ବିରୋଧୀ।

ଏହା ଜଣାପଡ଼ିବା ପରେ ପ୍ରତିକ୍ରିୟା ରଖିଛି ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ। ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ମହାପ୍ରଭୁଙ୍କ ପ୍ରତି ଭକ୍ତିଭାବ ରଖି ଅର୍ପଣ ରଥରେ ଭକ୍ତମାନେ ଚାଉଳ, ଗୁଆ ପ୍ରଦାନ କରିଛନ୍ତି। ଭକ୍ତଙ୍କ ଏହି ଭାବର ଅର୍ଘ୍ୟକୁ ମହାପ୍ରଭୁଙ୍କ କାମରେ ଲଗାଇବୁ। ସେହିପରି ନିଯୋଗ ସଭାପତି ପଦ୍ମନାଭ ମହାସୁଆର କହିଛନ୍ତି, ବିଭିନ୍ନ ପଞ୍ଚାୟତରୁ ବିଭିନ୍ନ ପ୍ରକାର ଚାଉଳ ଆସିଥିବ। ଗୋଟିଏ ପ୍ରକାର ଚାଉଳ ସେଥିରେ ନ ଥିବ। ତେଣୁ ଏଥିରେ ଅନ୍ନ ରନ୍ଧା ହୋଇପାରିବ ନାହିଁ। ବିଭିନ୍ନ ପ୍ରକାର ଚାଉଳ ମିଶି ରହିଥିବା ହେତୁ ସେଥିରେ ଆମେ ଘିଅ ଓ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରି ଖେଚେଡ଼ି ପ୍ରସ୍ତୁତ କରି ଭକ୍ତଙ୍କୁ ବର୍ଣ୍ଟନ କରିବୁ। ଗୁଆକୁ ହଡ଼ପ ନାୟକ ସେବାୟତଙ୍କୁ ପ୍ରଦାନ କରିବୁ। ସେମାନେ ମହାପ୍ରଭୁଙ୍କ ବିଡ଼ିଆ ପାନରେ ଏହି ଗୁଆ ବ୍ୟବହାର କରିବେ। କିଛି ବଳକା ଚାଉଳରେ ପିଠା କରି ଜଗନ୍ନାଥଙ୍କ ଭୋଗ କାମରେ ବ୍ୟବହାର କରିବୁ।


**TPCODL**

ଟିପି ସେଣ୍ଟ୍ରାଲ ଓଡ଼ିଶା

ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍

(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ବିଜୁ ନଗର, ରଥାଳିଟୀ ସ୍କୋୟାର, ଜେନେସାସ ଭିଲ୍ଲା, କାନନ ବିହାର ଫେଜ୍ - ୨, ସାଇ ମନ୍ଦିର, କିଟ୍ ମେନ୍ ରୋଡ୍, ନିଳାଦ୍ରୀ ବିହାର ସେକ୍ଟର - ୫ ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।

ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

**AFFIDAVIT**

By virtue of an affidavit before the Executive Magistrate, Berhampur, Ganjam. That, my correct name is **Tarini Mrudangia** which has been mention in my Aadhar Card PAN Card & Transfer Certificate, But, my name has been Mentioned as Tarini Mrudingya in my SBI Service Sheet & my name has been mentioned as Tarini Mrudingia in SBI Employee's Pension Fund. That all there name **Tarini Mrudangia, Tarini Mrudingya** and **Tarini Mrudingia** belongs to one and same person i.e. myself. For all correspondent my name should be **Tarini Mrudangia.**

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I, Mousumi Pattnayak, W/O Sailaja Charan Pattnayak, resident of Plot no - 3269, Kotitirtha lane, Old town, Bhubaneswar. Dist- Khurda, Odisha. PIN-751002, declare by this affidavit CF no.16, dtd.18.01.2023 that now onwards I shall be known as Moushumi Pattnayak for all future purposes.

**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-81-23

**କାର୍ଯ୍ୟର ବିବରଣୀ :** (କ) ଖୋର୍ଦ୍ଧା ରୋଡ୍ ମଣ୍ଡଳର କାଳିଜାଈ ପାସେଞ୍ଜର ହଲ୍ଟ (PH) ଠାରେ 02 bay ପ୍ଲାଟଫର୍ମ ସେଲ୍ଟରଗୁଡ଼ିକ ସହିତ ଲୋ ଲେଭେଲ (LL) ରୁ ହାଇ ଲେଭେଲ (HL) ପର୍ଯ୍ୟନ୍ତ ପ୍ଲାଟଫର୍ମକୁ ଉପର ଉଠାଇବା ସମ୍ବନ୍ଧୀୟ ବିଦ୍ୟୁତୀକରଣ ଏବଂ (ଖ) ଖୋର୍ଦ୍ଧା ରୋଡ୍ ମଣ୍ଡଳର ଛତ୍ରପୁର କୋର୍ଟ ପାସେଞ୍ଜର ହଲ୍ଟ (PH) ଠାରେ 02 bay ପ୍ଲାଟଫର୍ମ ସେଲ୍ଟରଗୁଡ଼ିକ ସହିତ ଲୋ ଲେଭେଲ (LL) ରୁ ହାଇ ଲେଭେଲ (HL) ପର୍ଯ୍ୟନ୍ତ ପ୍ଲାଟଫର୍ମକୁ ଉପର ଉଠାଇବା ସମ୍ବନ୍ଧୀୟ ବିଦ୍ୟୁତୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 11,26,388.90, **EMD :** ₹ 22,500/-

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-82-23

**କାର୍ଯ୍ୟର ବିବରଣୀ :** ହରିଦାସପୁର-ପାରାଦ୍ୱୀପ ନୂଆ ରେଳ ଲିଙ୍କରେ 09 ଷ୍ଟେସନ ଠାରେ ଅଣସଂରକ୍ଷିତ ଟିକେଟିଙ୍ଗ୍ ସିଷ୍ଟମ୍ (UTS) ର ବ୍ୟବସ୍ଥା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 4,47,486.06, **EMD :** ₹ 9,000/-

ଶେଷ ହେବା ଅବଧି : 6 ମାସ (ଉଭୟ ଟେଣ୍ଡର ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.05.02.2024ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣିଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ଖୋର୍ଦ୍ଧା ରୋଡ୍

PR-997/O/23-24

**AFFIDAVIT**

By virtue of an affidavit (No. 199, dated18.01.2024) sworn in before the Executive magistrate, Champua, Dist- Keonjhar, I JAYSUKH LAL CHAWDA, S/o- Nathu Narayan Chowda and Janabai Chowda, resident of At/Po- Champua, P.S.- Champua, Dist- Keonjhar, Pin - 758041, have changed my name as JOYSUKH LAL CHOWDA for all future purposes hence forth.

**AFFIDAVIT**

I, Hemanta Mandal, S/o-Late Debendra Mandal, resident of Ward-09, Kuchiladangar, Po-Tara pur, Ps-Bhograi, Dist-Balasore, Pin-756036 Odisha, declare by affidavit No.136 dtd-11/01/2024 that now I shall be known as HEMANTA KUMAR MANDAL for all future purposes.


### OFFICE OF THE PANCHAYAT SAMITI, SADAR, BALASORE

i-590

DIST- BALASORE

Notice No. 161 / Dated 17.01.2024

Sealed Quotations are invited from Suppliers of "Execution of **Construction of Pavilion near Vigyan Bhawan at Fakir Mohan Autonomous College, Balasore**". The detail information of the Sealed Quotation process is made vailable in Balasore Dist. Website i.e. http//www.baleswar.nic.in. Last time and date for receipt of quotations is 5.00PM, 24.01.2024 by Regd. Post/ Speed Post/ Courier or sealed box kept in Sadar Block, Balasore.

OIPR-19153/11/0012/2324

Block Development Officer, Sadar, Balasore

---

B-1629

Mail ID: - eepwd.bgr@rediffmail.com eepwd.bgr@gmail.com Ph. No. 06652-232374

GOVERNMENT OF ODISHA
OFFICE OF THE SUPERINTENDING ENGINEER,
BOLANGIR (R&B) DIVISION: BOLANGIR
BID IDENTIFICATION No: BGR R&B/ 38/ 2023-24
No. 176 / Dtd. 12.01.20274

1. The Superintending Engineer, Bolangir (R&B) Division, Bolangir on behalf of the Governor of Odisha invites percentage rate bid in **Single** cover system in ONLINE MODE for construction of building work detailed in the table below from eligible contractors.
2. Nature of work : Building Work
3. No of tender : 1 Nos. Building Work
4. Tender cost : Rs. 6,000/- (Tender paper cost )
5. Class of Contractor : "D" and "C" Registered With CDMS)
6. Date & Time of sale & Receipt of Bids : From Dt. 19.01.24,11.00 A.M Dt. 29.01.24 up to 5.00 P.M
7. Date of opening bid : Dt. 30.01.24 at 11.30 A.M
8. The bidders have to participate in ONLINE bidding only. Further details can be seen from the website: http://tendersodisha.gov.in.

OIPR-34028/11/0033/2324

Superintending Engineer Bolangir (R&B) Division

---

B-1627

ID: ee.randbjyp@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE
e-Procurement Notice
Bid Identification No. S.E (R&B)-16/2023-24/JYP(K)
No. 184, Date 12.12.2024

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Building Works as mentioned in DTCN.
2. No. of Works : 5 Nos.
3. Estimated Cost : Rs. 87.46 lakhs
4. Period of completion : seven Months
5. Date & Time of Bidding : From 11.00 hours of 22.01.2024 Up-to 17.00 hours of 06.02.2024
6. Last date & time for receipt of bids in portal : 17.00 hours of 06.02.2024.
7. Bids received online shall be opened on : 11.00 hours of 07.02.2024.
8. Name and address of the officer inviting Bid : Superintending Engineer , Jeypore (R&B) Division, Jeypore

Further details can be seen from the www.tendersodisha.gov.in

OIPR-34027/11/0019/2324

Superintending Engineer Jeypore (R&B) Division

---

CAD-3454

Email: itdagnp@nic.in

GOVERNMENT OF ODISHA
OFFICE OF THE PROJECT ADMINISTRATOR
INTEGRATED TRIBAL DEVELOPMENT AGENCY, GUNUPUR
E-Procurement Notice
Bid Identification No: ITDAGNP – Online –07 / 2023-24

No: 76 / VII-89/2023 Date: 10.01.2024

1 Name of the Work : Construction of Building Works
2 Total No. of Works : 01 No.(Percentage rate tender)
3 Estimated Cost : As mentioned in Col. 3 of Annexure
4 Class of Contractor : As mentioned in Col. 5 of Annexure
5 Period of Completion : As mentioned in Col. 4 of Annexure
6 EMD : As mentioned in Col. 6 of Annexure
7 Paper Cost : As mentioned in Col. 7 of Annexure
8 Other details:

| Procurement Officer | Bid Identification No. | Availability of Tender online for Bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Project Administrator, I.T.D.A, Gunupur | ITDAGNP Online-07/2023-24 | 19.01.2024 at 10.00 A.M. | 02.02.2024 up to 5.00 P.M. | 02.02.2024 up to 1.00 P.M. | 08.02.2024 at 11.00 Hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Further details can be seen from the website: www.tendersorissa.gov.in.

OIPR-26072/11/0014/2324

Project Administration, I.T.D.A, Gunupur

---

### OFFICE OF THE NOTIFIED AREA COUNCIL, KONARK

C-2373

email: nackonark@gmail.com, Phone No.: 06758-236826

KONARK NAC

**INVITATION FOR BID**
**E-PROCUREMENT NOTICE**
No. 199 Dt. 18.01.2024
Bid Reference No.- KNK-NAC-7(12)-2023-24
Bid Identification No.- 2024-ORULB-99790
**DETAILED TENDER CALL NOTICE**

The Executive Officer on behalf of Konark N.A.C, Konark invites Bids on percentage basis in online mode according to norm of e-procurement.

1. Type of works: - Development works as per NIT
2. Total No Works: -12Nos
3. Tendered Value of Work: -Rs. 6.00 Lakhs to 10.00 Lakhs.
4. Period of Completion: - 60 days.
5. Date and time Schedule
   Submission Start: -From 11.00AM on 19.01.2024
   Prebid Meeting: -At 12.00Noon on Dt 25. 01.2024
   Submission End: -At 5.00PM on Dt 01.02.2024
6. Opening of Bid in Online: -From 03.00 PM On Dt 02.02.2024

Further details and necessary documents can be seen from the procurement Portal i.e www.tendersorissa.gov.in. and www.nackonark.in

OIPR-13174/11/0021/2324

Executive Officer Konark N.A.C.

---

A-1237

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE CHIEF ENGINEER & BASIN MANAGER,
SUBARNAREKHA & BUDHABALANGA BASIN,
AT/PO:- LAXMIPOSI, DIST:-MAYURBHANJ
Mail. Id cebmsbb2019@gmail.com
Government of Odisha "e" PROCUREMENT NOTICE
Bid Identification No. 33/ 23-24 of CEBM, SBB, Laxmiposi

| | | |
|---|---|---|
| i | Name of Works | 1. Construction of water courses for balance ayacut of Maa Kichakeswari Panipanchayat of JRMC<br>2. Construction of Gulmuhana Sub-Minor off-taking from Gulmuhana Minor at RD 1438 M and service road |
| ii | Estimated Cost (Lakh) | 1. Rs. 110.49 Lakh<br>2. Rs. 374.65 Lakh |
| iii | Class of Contractor | 1. A" & "B" Class Contractor<br>2. "A" Class Contractor |
| iv | E.M.D. | 1.Rs. 1,10,500/-<br>2.Rs. 3,74,700/- |
| v | Period of Completion | 1. 12 (Twelve) Calendar Months<br>2. 18 (Eighteen) Calendar Months |
| vi | Date & Time of availability of bid document in the portal | 18.01.2024 at 10.00 AM |
| vii | Last date/time for receipt of bid in the portal | 01.02.2024 up to 5.00 PM |
| vii | Name & Address of the O.I.T | Chief Engineer & Basin Manager, O/O the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal **https://tendersodisha.gov.in**

OIPR-32074/11/0050/2324

Chief Engineer & Basin Manager Subarnarekha & Budhabalanga Basin, Laxmiposi

ସକାଳ
THE SAKALA
www.sakalaepaper.com

## 'ଆପ୍' ଛାଡ଼ିଲେ ଅଶୋକ ତନୱର



ଚଣ୍ଡିଗଡ଼, ୧୮ ।୧ (ଏଜେନ୍ସି): ବିରୋଧୀ ମେଣ୍ଟ 'ଇଣ୍ଡିଆ'ରେ କଂଗ୍ରେସ ସହ ମେଣ୍ଟକୁ ବିରୋଧ କରି ଅଶୋକ ତନୱର ଆମ୍ ଆଦମୀ ପାର୍ଟି (ଆପ୍) ରୁ ଇସ୍ତଫା ଦେଇଛନ୍ତି । ସେ ହରିୟାଣା ନିର୍ବାଚନ ପ୍ରଚାର କମିଟିର ଅଧ୍ୟକ୍ଷ ଥିଲେ । ସେ ମାତ୍ର ୨୨ ମାସ ଭିତରେ ଆପ୍ ଛାଡ଼ିଛନ୍ତି । ୨୦୨୨ ଏପ୍ରିଲ ୪ରେ ସେ ଆପ୍‌ରେ ସାମିଲ ହୋଇଥିଲେ । ତନୱର ୨୦ ତାରିଖରେ ବିଜେପିରେ ସାମିଲ ହେବେ । ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଉପସ୍ଥିତିରେ ପଦ୍ମ ଧରିବେ । ତନୱର ନିଜ ଇସ୍ତଫା ପତ୍ର ଆମ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ନିକଟକୁ ପଠାଇ ଦେଇଛନ୍ତି । କଂଗ୍ରେସ ସହ ଆପ୍ ନିକଟତର ହେବାକୁ ଦେଖି ନୈତିକତା ଦୃଷ୍ଟିରୁ ସେ ଇସ୍ତଫା ଦେଇଥିବା କହିଛନ୍ତି ।

● ସଂସଦ ସୁରକ୍ଷା ତ୍ରୁଟି ମାମଲା

## ନିଲମ୍‌ଙ୍କ ଜାମିନ ଆବେଦନ ଖାରଜ

ନୂଆଦିଲ୍ଲୀ, ୧୮ ।୧ (ଏଜେନ୍ସି): ସଂସଦ ସୁରକ୍ଷା ତ୍ରୁଟି ମାମଲାରେ ଅଭିଯୁକ୍ତ ନିଲମଙ୍କୁ ଝଟ୍‌କା ଲାଗିଛି । ଗୁରୁବାର ତାଙ୍କ ଜାମିନ ଆବେଦନକୁ ଦିଲ୍ଲୀର ପଟିଆଲା ହାଉସ କୋର୍ଟ ଖାରଜ କରିଦେଇଛନ୍ତି । ଦିଲ୍ଲୀ ପୁଲିସ ଜାମିନକୁ ବିରୋଧ କରିଥିଲା । ହରିୟାଣା ଜିନ୍ଦର ନିଲମଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲାଗିଥିବା କୁହାଯାଇଥିଲା । ତାଙ୍କ ବିରୋଧରେ ୟୁଏପିଏ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଏହି ମାମଲାରେ ଆଜୀବନ ଜେଲ୍ ଦଣ୍ଡଠାରୁ ନେଇ ଫାଶୀ ଦଣ୍ଡ ମଧ୍ୟ ହୋଇପାରେ । ନିଲମ ଏବଂ ତାର ସହଯୋଗୀ ସଂସଦ ସୁରକ୍ଷା ଉଲ୍ଲଙ୍ଘନ କରି ଦେଶର ଏକତା ଏବଂ ସାର୍ବଭୌମତ୍ୱକୁ ବିପଦରେ ପକାଇବାକୁ ପ୍ରୟାସ କରିଛନ୍ତି । ତାଙ୍କ ବିରୋଧରେ ୟୁଏପିଏର ଧାରା ୧୬ (ଆତଙ୍କବାଦ) ଏବଂ ୧୮ (ଆତଙ୍କବାଦୀ ଷଡ଼ଯନ୍ତ୍ର) ଲଗାଯାଇଛି । ସେହିପରି ଗିରଫ ୨୯ ଘଣ୍ଟା ପରେ କୋର୍ଟରେ ଉପସ୍ଥାପନକୁ ବିରୋଧ କରି ନିଲମ ଜାମିନ ଆବେଦନ କରିଥିଲେ । ଉଭୟ ପକ୍ଷର ଯୁକ୍ତି ଶୁଣି କୋର୍ଟ ରାୟକୁ ସଂରକ୍ଷିତ ରଖିଥିଲେ । ଏହି ମାମଲାରେ ୬ ଜଣଙ୍କୁ ଗିରଫ କରାଯାଇଛି । ନିଲମ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ରହିଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

## ଅବସରନେଲେ ଭାରତର ଆମେରିକା ରାଷ୍ଟ୍ରଦୂତ ତରନଜିତ ସିଂହ ସାନ୍ଧୁ

ୱାଶିଂଟନ, ୧୮ ।୧ (ଏଜେନ୍ସି): ଭାରତର ଆମେରିକା ରାଷ୍ଟ୍ରଦୂତ ତରନଜିତ ସିଂହ ସାନ୍ଧୁ ଅବସରଗ୍ରହଣ କରିଛନ୍ତି । ସେ କୂଟନୈତିକ ଭାବେ ୩୫ ବର୍ଷ ସେବା ଦେଇଛନ୍ତି । ତାଙ୍କ ସମ୍ମାନରେ ଆମେରିକା ବ୍ୟବସାୟ ଜଗତ ସହ ଜଡ଼ିତ ଲୋକ ୟୁଏସ ଇଣ୍ଡିଆ ବିଜନେସ କାଉନସିଲରେ ଏକ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି । ଏଥିରେ ହ୍ୱାଇଟ ହାଉସ, ବିଦେଶ ବିଭାଗର ବରିଷ୍ଠ ଅଧିକାରୀଙ୍କ ବ୍ୟତୀତ କର୍ପୋରେଟ ଜଗତର ଅନେକ ପ୍ରମୁଖ ବ୍ୟକ୍ତି ସାମିଲ ହୋଇଥିଲେ । ସନ୍ଧୁ ୪ ଥର ଆମେରିକାରେ ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିଥିଲେ । ଗତ କିଛି ବର୍ଷ ହେଲା ଆମେରିକା-ଭାରତ ସମ୍ବନ୍ଧ ନୂଆ ଶିଖର ଛୁଇଁଛି । ଏଥିରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ସେ ଜଣେ ଭଲ ମଣିଷ ଭାବେ ନାମ କମାଇଛନ୍ତି ବୋଲି କାର୍ଯ୍ୟକ୍ରମରେ ସାମିଲ ଅତିଥି କହିଥିଲେ ।

● ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା

## ଅଯୋଧ୍ୟାକୁ ଓଡ଼ିଶାରୁ ଗଡ଼ିପାରେ ୧୦ ସ୍ୱତନ୍ତ୍ର 'ଆସ୍ଥା' ଟ୍ରେନ୍

ନୂଆଦିଲ୍ଲୀ,୧୮ ।୧(ଏଜେନ୍ସି): ଜାନୁଆରୀ ୨୨ରେ ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ । ଏହାପରେ ଅଯୋଧ୍ୟାକୁ ସାରା ଦେଶରୁ ଭକ୍ତଙ୍କ ସୁଅ ଛୁଟିବ । ଦେଶର କୋଣ-ଅନୁକୋଣରୁ ଶ୍ରଦ୍ଧାଳୁ ଅଯୋଧ୍ୟାରେ ପହଞ୍ଚିବେ । ଏହାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଭାରତୀୟ




ରେଳବାଇ ଅଯୋଧ୍ୟାକୁ 'ଆସ୍ଥା' ସ୍ପେଶାଲ ଟ୍ରେନ୍ ଚଳାଚଳ ଆରମ୍ଭ କରାଇବ । ଏସବୁ ଟ୍ରେନ୍ ଦେଶର ୬୬ଟି ସ୍ଥାନରୁ ସିଧାସଳଖ ରେଳପଥରେ ଅଯୋଧ୍ୟା ସହ ଯୋଡ଼ିହେବ । ତେବେ ଓଡ଼ିଶାରୁ ମଧ୍ୟ ଅଯୋଧ୍ୟାକୁ 'ଆସ୍ଥା' ସ୍ପେଶାଲ ଟ୍ରେନ୍ ଚଳାଇବାକୁ ଦାବି ଜୋର ଧରିଛି । ମିଳିଥିବା ସୂଚନାନୁସାରେ ଓଡ଼ିଶାରୁ ଅଯୋଧ୍ୟାକୁ ପାଖାପାଖି ୧୦ଟି ସ୍ୱତନ୍ତ୍ର 'ଆସ୍ଥା' ଟ୍ରେନ୍ ଚାଲିପାରେ । ଏହି ଟ୍ରେନଗୁଡିକ ରାଜ୍ୟର ପୁରୀ, ଭୁବନେଶ୍ୱର, କଟକ, ରାୟଗଡ଼ା , ସମ୍ବଲପୁର ଏବଂ ବାଲେଶ୍ୱରରୁ ଚାଲିପାରେ ।

ପ୍ରତ୍ୟେକ 'ଆସ୍ଥା' ସ୍ପେଶାଲ ଟ୍ରେନରେ ୨୨ଟି କୋଚ୍ ରହିବ । 'ଆସ୍ଥା' ଟ୍ରେନ୍ ମାଧ୍ୟମରେ ଶ୍ରଦ୍ଧାଳୁ ସହଜରେ ଅଯୋଧ୍ୟାରେ ପହଞ୍ଚି ପାରିବେ । ଯାତ୍ରୀଙ୍କ ସଂଖ୍ୟା ଓ ଚାହିଦାକୁ ଦେଖି ପରବର୍ତ୍ତୀ ସମୟରେ ଟ୍ରେନ୍ ସଂଖ୍ୟା ବଢ଼ାଯିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି । ସମଗ୍ର ଦେଶରେ ପ୍ରାୟ ୨୦୦ଟି 'ଆସ୍ଥା' ସ୍ପେଶାଲ ଟ୍ରେନ୍ ଚଳାଚଳ କରିବ । ଏହି ଟ୍ରେନ୍ ଆରମ୍ଭ ଷ୍ଟେସନରୁ ଅଯୋଧ୍ୟା ମଧ୍ୟରେ ସ୍ୱଳ୍ପ ସ୍ଥାନରେ ରହଣୀ କରିବ ।

## ବିଲ୍‌କିସ୍ ବାନୋ ମାମଲା; ସୁପ୍ରିମକୋର୍ଟ ଗଲେ ୫ ଦୋଷୀ



ନୂଆଦିଲ୍ଲୀ, ୧୮ ।୧ (ଏଜେନ୍ସି): ବିଲ୍‌କିସ୍ ବାନୋ ମାମଲାର ୧୧ ଦୋଷୀଙ୍କ ମଧ୍ୟରୁ ୫ ଜଣ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସମସ୍ତେ ଆତ୍ମ ସମର୍ପଣ ପାଇଁ ଅଧିକ ସମୟ ମାଗିଛନ୍ତି । ଏମାନଙ୍କ ଓକିଲ କହିଛନ୍ତି ଯେ ଆତ୍ମସମର୍ପଣ କରିବାକୁ ୨ ସପ୍ତାହ ସମୟ ଦିଆଯାଇଥିଲା । ଏହି ଅବଧି ୨୨ ତାରିଖରେ ଶେଷ ହେଉଛି । ତେଣୁ ଆବେଦନ ଉପରେ ଜରୁରୀ ଶୁଣାଣି କରିବାର ଆବଶ୍ୟକତା ରହିଛି । ଏହି ପାଞ୍ଚ ଦୋଷୀଙ୍କ ମଧ୍ୟରେ ଗୋବିନ୍ଦଭାଇ ନଇ, ପ୍ରଦୀପ ମୋରଧିୟା, ବିପିନ ଚନ୍ଦ୍ର ଯୋଶୀ, ରମେଶ ଚନ୍ଦନା ଏବଂ ମିତେଶ ଭଟ୍ଟ ସାମିଲ ଅଛନ୍ତି । କିଏ ଝିଅ ବିବାହ ତ ଆଉ କିଏ ପାଦ ଅସ୍ତ୍ରୋପଚାର, ମାତାପିତାଙ୍କ ଯତ୍ନ, ଫସଲ ଅମଳ କାରଣ ଦର୍ଶାଇ ଅବଧି ବୃଦ୍ଧି କରିବାକୁ ନିବେଦନ କରିଛନ୍ତି । ଗତ ୮ ତାରିଖରେ ସୁପ୍ରିମକୋର୍ଟ ବିଲ୍‌କିସ୍ ବାନୋ ଗଣଦୁଷ୍କର୍ମର ସମସ୍ତ ଦୋଷୀଙ୍କ ସମୟ ପୂର୍ବରୁ ମୁକ୍ତି ନିଷ୍ପତ୍ତିକୁ ରଦ୍ଦ କରିଦେଇଥିଲେ ଏବଂ ଗୁଜରାଟ ସରକାରଙ୍କୁ ଭର୍ତ୍ସନା କରିଥିଲେ ।

ବାରୁଦ ସୁଡ଼ଙ୍ଗରେ ବିସ୍ଫୋରଣ

## ଅଗ୍ନିବୀର ସହିଦ; ୨ ଯବାନ ଆହତ

ଶ୍ରୀନଗର, ୧୮ ।୧ (ଏଜେନ୍ସି): ଜମ୍ମୁ-କାଶ୍ମୀର ରାଜୌରିର ନୌସେରା କ୍ଷେତ୍ର ଅନ୍ତର୍ଗତ ପାକିସ୍ତାନ ସୀମା ନିକଟରେ ଥିବା ଏକ ବାରୁଦ ସୁଡ଼ଙ୍ଗରେ ଗୁରୁବାର ସକାଳେ ବିସ୍ଫୋରଣ ହୋଇଛି । ଏଥିରେ ଅଗ୍ନିବୀର ଅଜୟ ସିଂହ ସହିଦ ହୋଇଛନ୍ତି । ସେ ଲୁଧିୟାନାର ବାସିନ୍ଦା । ସେହିପରି ସିପାହୀ ବଲୱନ୍ତ ଏବଂ ନାଏବ ସୁବେଦାର ଧରମିନ୍ଦର ସିଂହ ମଧ୍ୟ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ 'ଫରୱାଡ ପୋଷ୍ଟ'ରେ ପାଟ୍ରୋଲିଂ କରୁଥିବା ସମୟରେ ଏହି ବିସ୍ଫୋରଣ ହୋଇଥିଲା । ଏହାର ସୂଚନା ମିଳିବା ପରେ ଅନ୍ୟ ଯବାନଙ୍କୁ ଘଟଣାସ୍ଥଳକୁ ପଠା ଯାଇଥିଲା । ପ୍ରାଥମିକ ଚିକିତ୍ସା ଦେଇ ଆହତଙ୍କୁ ଏୟାରଲିଫ୍ଟ କରି ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା । ଅନ୍ୟପକ୍ଷରେ ସାମ୍ବା ଜିଲ୍ଲାକୁ ଲାଗିଥିବା ଅନ୍ତର୍ଜାତୀୟ ସୀମାରେ ବାରୁଦ ସୁଡ଼ଙ୍ଗର ସନ୍ଧାନ ମିଳିଛି । ପୁଲିସ ଏବଂ ସୁରକ୍ଷାବାହିନୀର ମିଳିତ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଲାସୀ ଅଭିଯାନ ଆରମ୍ଭ କରିଛି । ଉକ୍ତ ଅଞ୍ଚଳକୁ ଘେରଉ କରିଦିଆଯାଇଛି । ସନ୍ଧାନୀ କୁକୁର ସହାୟତାରେ ଅଭିଯାନ ଚାଲିଛି ।



## ମନ୍ଦିର ସଫାକଲେ ଅଭିନେତା ଜ୍ୟାକି ଶ୍ରଫ୍



ମୁମ୍ବାଇ, ୧୮ ।୧ (ଏଜେନ୍ସି): ବଲିଉଡ ଅଭିନେତା ଜ୍ୟାକି ଶ୍ରଫ୍‌ଙ୍କ ଏକ ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓରେ ସେ ମୁମ୍ବାଇର ଏକ ପ୍ରାଚୀନ ରାମ ମନ୍ଦିରର ପାହାଚ ସଫା କରୁଥିବା ଦେଖାଯାଉଛି । ଏହା ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି । ଲୋକେ ଅଭିନେତାଙ୍କୁ ଭୂୟସୀ ପ୍ରଶଂସା କରୁଛନ୍ତି । ବଲିଉଡର ପରିବେଶବିତ୍ ଭାବେ ପରିଚିତ ଜ୍ୟାକି ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇ ମନ୍ଦିରର ପାହାଚ ସଫା କରିଥିଲେ । ତାଙ୍କ ସହିତ ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ପତ୍ନୀ ଅମୃତା ଫଡନାଭିସ ମଧ୍ୟ ମନ୍ଦିରରେ ଉପସ୍ଥିତ ଥିଲେ । ପ୍ରଥମ ସମସ୍ତେ ଏହାକୁ ଅଯୋଧ୍ୟାର ରାମ ମନ୍ଦିର ଭାବି ଥିଲେ । କିନ୍ତୁ ପରେ ଏହା ମୁମ୍ବାଇର ବୋଲି ଜଣାପଡ଼ିଥିଲା । ୨୨ ତାରିଖରେ ରାମ ମନ୍ଦିରରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ଦିର ସଫା କରିବାର ଅଭିଯାନ ଆରମ୍ଭ କରିଥିଲେ । ଏହି ଅଭିଯାନରେ ସାଧାରଣ ଲୋକଙ୍କଠାରୁ ସେଲିବ୍ରିଟିଙ୍କ ପର୍ଯ୍ୟନ୍ତ ସାମିଲ ହେଉଛନ୍ତି ।

# ଇରାନ ଉପରେ ପାକିସ୍ତାନର ଏୟାରଷ୍ଟ୍ରାଇକ

## ୪ ଶିଶୁ, ୩ ମହିଳାଙ୍କ ସମେତ ୯ ମୃତ

ଇସଲାମାବାଦ, ୧୮ ।୧ (ଏଜେନ୍ସି):

ଦୁଇ ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ ଏବଂ ଇରାନ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି । ଇରାନର ଆକ୍ରମଣ ପରେ ପାକିସ୍ତାନ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ବୁଧବାର ରାତିରେ ଇରାନର ସିସ୍ତାନରେ ଥିବା ବଲୁଚ ଲିବରେସନ ଆର୍ମି (ବିଏଲଏ)ର ଠିକଣା ଉପରେ ପାକିସ୍ତାନ ଏୟାରଷ୍ଟ୍ରାଇକ କରିଛି । ଏହି ଆକ୍ରମଣରେ ଆତଙ୍କବାଦୀ ନିପାତ ହୋଇଥିବା ଦାବି କରାଯାଉଛି । ପାକିସ୍ତାନ ବିଦେଶ ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସବୁ ବିପଦରୁ ଦେଶକୁ ସୁରକ୍ଷା ଦେବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏହି ଅଭିଯାନର ସଫଳତା ସେନାର ସାମର୍ଥ୍ୟକୁ ଦର୍ଶାଉଛି ବୋଲି ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ମମତାଜ ବଲୁଚ କହିଛନ୍ତି । ଅନ୍ୟପକ୍ଷରେ ଇରାନ ଏହି ଆକ୍ରମଣକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ପାକିସ୍ତାନ କୂଟନୀତିଜ୍ଞଙ୍କୁ ସମନ ଜାରି କରିଛି । ଆକ୍ରମଣରେ ୪ ଶିଶୁ, ୩ ମହିଳାଙ୍କ ସହିତ ୯ ଜଣଙ୍କ ମୃତ୍ୟୁ ହୋଇଛି ବୋଲି କୁହାଯାଇଛି । ଏମାନଙ୍କ ମଧ୍ୟରେ ଇରାନର କୌଣସି ନାଗରିକ ସାମିଲ ନାହାନ୍ତି । ଏହା ମଧ୍ୟରେ ପାକିସ୍ତାନର କାମଚଳା ପ୍ରଧାନମନ୍ତ୍ରୀ ବିଶ୍ୱ ଅର୍ଥନୈତିକ ସମ୍ମିଳନୀରୁ ଦେଶକୁ ଫେରିଛନ୍ତି । ଏହା ପୂର୍ବରୁ ମଙ୍ଗଳବାର ରାତିରେ ପାକିସ୍ତାନ ବଲୁଚିସ୍ତାନରେ ଇରାନ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ କରିଥିଲା । ଆତଙ୍କବାଦୀ ସଂଗଠନ ଜୈଶ-ଅଲ-ଅଦଲ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଇଥିଲା । ଏହାକୁ ନେଇ ଦୁଇ ଦେଶ ମୁହାଁମୁହିଁ ହୋଇଥିଲେ ।

ଇରାନର ବିଦେଶ ମନ୍ତ୍ରୀ ଅମିର ଅବଦୋଲ୍ଲାହିୟନ ନିଜ ପାକିସ୍ତନ ସମକକ୍ଷ ଜଲିଲ ଅବାସ ଜିଲାନୀଙ୍କ ସହ ଫୋନ୍‌ରେ କଥା ହୋଇଥିଲେ । ଇରାନର ଆତଙ୍କବାଦୀ ସଂଗଠନ ବିରୋଧରେ ଆକ୍ରମଣ କରାଯାଇଥିବା କହିଥିଲେ । ଏଥିରେ ପାକିସ୍ତାନର କୌଣସି ନାଗରିକଙ୍କ ଜୀବନ ଯାଇ ନ ଥିବା କହିଥିଲେ । ତେବେ ଜିଲାନି କହିଥିଲେ ଯେ କୌଣସି ଦେଶ ଏଭଳି ବିପଜ୍ଜନକ ପଥରେ ଯିବା ଅନୁଚିତ । ଏହା ଉପରେ ଜବାବୀ କାର୍ଯ୍ୟାନୁଷ୍ଠାନ ନେବାର ଅଧିକାର ରହିଛି । ଏହାର ୨୪ ଘଣ୍ଟା ପରେ ପାକିସ୍ତାନ ବାୟୁସେନା ଇରାନରେ ଆକ୍ରମଣ କରିଥିଲା । ଏହି ଅଭିଯାନର ନାମ 'ମାର୍ଗ ବାର ସରମାଚର' ଦିଆଯାଇଥିଲା । ବଲୁଚ ବିଚ୍ଛିନ୍ନତାବାଦୀଙ୍କ ୭ଟି ଠିକଣାକୁ ନିଶାଣ କରାଯାଇଥିଲା । ଇରାନ ସୀମାରୁ ୪୮ କିମି ଭିତରକୁ ଯାଇ ଏୟାରଷ୍ଟ୍ରାଇକ କରାଯାଇଥିଲା । ଏଥିପାଇଁ ଲଢୁଆ ବିମାନ ଏବଂ ଡ୍ରୋନ ବ୍ୟବହାର କରାଯାଇଥିଲା ।

ଆମେରିକୀୟ ଜାହାଜ ଉପରେ ହୁତି ବିଦ୍ରୋହୀଙ୍କ ଡ୍ରୋନ୍ ଆକ୍ରମଣ

## ଯୁଦ୍ଧଜାହାଜ ପଠାଇଲା ଭାରତ



ସାନା,୧୮ ।୧(ଏଜେନ୍ସି): ଆରବ ସାଗରର ୟେମେନ୍ ଉପକୂଳରେ ହୁତି ବିଦ୍ରୋହୀ ପୁଣି ଆଉ ଏକ ଜାହାଜ ଉପରେ ଆକ୍ରମଣ କରିଛନ୍ତି । ଏହି ଆକ୍ରମଣ ୟେମେନ୍‌ର ଆଦେନ୍ ବନ୍ଦରଠାରୁ ୬୦ ନଟିକାଲ ମାଇଲ୍ ଦୂରରେ ହୋଇଛି । ଏଥିରେ ହୁତି ବିଦ୍ରୋହୀମାନେ ଆଦେନ୍‌ଠାରେ ଥିବା ଏକ ଆମେରିକୀୟ ଜାହାଜକୁ ଟାର୍ଗେଟ୍ କରିଛନ୍ତି । ଆମେରିକା ହୁତିମାନଙ୍କୁ ଆତଙ୍କବାଦୀ ସଂଗଠନ ତାଲିକାରେ ଯୋଡିବାର କିଛି ଘଣ୍ଟା ପରେ ଏହି ଆକ୍ରମଣ ହୋଇଥିଲା । ହୁତି ବିଦ୍ରୋହୀମାନେ ବୁଧବାର କହିଛନ୍ତି ଯେ ସେମାନେ ୟେମେନ୍ ନିକଟରେ ଆମେରିକାର ଜାହାଜ ଉପରେ ଡ୍ରୋନ୍ ସାହାଯ୍ୟରେ ଆକ୍ରମଣ କରିଥିଲେ । ବ୍ରିଟେନର ସାମୁଦ୍ରିକ ବାଣିଜ୍ୟ ଅପରେସନ୍ସ (ୟୁକେଏମଟିଓ) ସୁରକ୍ଷା ଏଜେନ୍ସି କହିଛି ଯେ ଡ୍ରୋନ୍ ଆଡେନ୍ ଉପକୂଳରେ ଜାହାଜକୁ ଟାର୍ଗେଟ କରିଛି ।

ଏହି ଆକ୍ରମଣ ଯୋଗୁ ଜାହାଜର କିଛି ଅଂଶରେ ନିଆଁ ଲାଗିଯାଇଥିଲା । ହୁତି ସାମରିକ ମୁଖପାତ୍ର ୟାହିଆ ସାରେ କହିଛନ୍ତି ଯେ ସେମାନଙ୍କର ନୌସେନା ବାହିନୀ ଆଡେନ୍ ଉପକୂଳରେ ମିସାଇଲ୍ ଏବଂ ଡ୍ରୋନ୍ ସାହାଯ୍ୟରେ ଜେନକୋ ପିକାର୍ଡି ନାମକ ଏକ ଆମେରିକୀୟ ଜାହାଜ ଉପରେ ଆକ୍ରମଣ କରିଥିଲା । ପାଲେଷ୍ଟାଇନବାସୀଙ୍କ ସମର୍ଥନରେ ଏବଂ ଆମ ଦେଶ ବିରୋଧରେ ଆମେରିକୀୟ ଏବଂ ବ୍ରିଟିଶ ଆକ୍ରୋଶର ଜବାବରେ ଆମର ନୌସେନା ଜାହାଜ ଜେନକୋ ପିକାର୍ଡୋକୁ ଟାର୍ଗେଟ କରି କରିଥିଲା । ଜାହାଜ ଉପରେ ଏହି ଆକ୍ରମଣ ବିଳମ୍ବିତ ରାତ୍ରିରେ ହୋଇଥିଲା । ଆକ୍ରମଣ ସୂଚନା ମିଳିବାମାତ୍ରେ ଭାରତୀୟ ନୌସେନା ଆଇଏନଏସ୍ ବିଶାଖାପାଟଣାକୁ ସହାୟତା ନିମନ୍ତେ ପଠାଇଥିଲା । ୧୮ ଜାନୁୟାରୀ ୧୨ଟା ୩୦ ମିନିଟ୍‌ରେ ଭାରତୀୟ ଯୁଦ୍ଧ ଜାହାଜ ସମୁଦ୍ରରେ ଉକ୍ତ ଜାହଜକୁ ଠାବ କରିଥିଲା । ସେତେବେଳେକୁ ଜାହଜରୁ ନିଆଁ ଲିଭି ସାରିଥିଲା । ତେବେ ଏହି ଆକ୍ରମଣ ଯୋଗୁ ଜାହଜର ବିଶେଷ କ୍ଷୟକ୍ଷତି ହୋଇ ନାହିଁ । ଜାହାଜ ଏବେ ପରବର୍ତ୍ତି ବନ୍ଦର ଅଭିମୁଖେ ମୁହାଁଇଛି । ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକେ ସଲିଭାନ୍ ଏକ ବିବୃତ୍ତିରେ କହିଛନ୍ତି ଯେ ଲୋହିତ ସାଗର ଏବଂ ଆଡେନ୍ ଉପକୂଳରେ ଯାତାୟାତ କରୁଥିବା ଅନ୍ତର୍ଜାତୀୟ ସାମୁଦ୍ରିକ ଜାହାଜ ଉପରେ ହୁତିମାନଙ୍କ କ୍ରମାଗତ ଆକ୍ରମଣକୁ ଦୃଷ୍ଟିରେ ରଖି ହୁତିକୁ ଆତଙ୍କବାଦୀ ସଂଗଠନ ତାଲିକାରେ ଯୋଡିବା ନିଷ୍ପତ୍ତି ନିଆଯାଇଛି ।

**ହୁତିକୁ ଆତଙ୍କବାଦୀ ସଂଗଠନ ତାଲିକାରେ ଯୋଡ଼ିଲା ଆମେରିକା**

୨୦୨୩ ଶେଷ ହେବାପୂର୍ବରୁ ହୁତି ବିଦ୍ରୋହୀମାନେ ଲୋହିତ ସାଗରରେ ବାଣିଜ୍ୟକ ପୋତମାନଙ୍କୁ ସେମାନଙ୍କ ଟାର୍ଗେଟ କରିଆସୁଛନ୍ତି । ସେମାନେ ବିଶେଷ କରି ଇସ୍ରାଏଲ ଲିଙ୍କ ଥିବା ପଣ୍ୟବାହୀ ଜାହଜକୁ ଅଧିକ ଟାର୍ଗେଟ କରୁଛନ୍ତି । ଆମେରିକା ସେନା ବୁଧବାର ୟେମେନରେ ହୁତି ବିଦ୍ରୋହୀଙ୍କ ଉପରେ ଚତୁର୍ଥ ଥର ଆକ୍ରମଣ କରିଥିଲା । ସମୁଦ୍ରରେ ଜାହଜଙ୍କ ଉପରେ ହୁତି ବିଦ୍ରୋହୀ ଓ ସମୁଦ୍ର ଲୁଟେରାଙ୍କ ଆକ୍ରମଣର ପ୍ରଭାବ ଭାରତ ଉପରେ ମଧ୍ୟ ପଡୁଛି । ଉଭୟ ଗୋଷ୍ଠୀ ଅନେକବାର ଭାରତ ଆସୁଥିବା ପଣ୍ୟବାହୀ ଜାହଜମାନଙ୍କୁ ଟାର୍ଗେଟ କରିଛନ୍ତି ।

ସ୍ୱାସ୍ଥ୍ୟ ମନ୍ତ୍ରାଳୟର ନୂଆ ନିର୍ଦ୍ଦେଶ

# ଆଣ୍ଟିବାୟୋଟିକ୍ସକୁ ପ୍ରୋତ୍ସାହନ ଦିଅନ୍ତୁନି ଡାକ୍ତର

ନୂଆଦିଲ୍ଲୀ, ୧୮ ।୧ (ଏଜେନ୍ସି):

ଦେଶରେ ଆଣ୍ଟିବାୟୋଟିକ ଔଷଧର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି । ଏହା ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଏହାକୁ ଦୃଷ୍ଟିରେ ରଖି ଆଣ୍ଟୋବାୟୋଟିକ ବ୍ୟବହାରକୁ ପ୍ରୋତ୍ସାହନ ନ ଦେବା ପାଇଁ କେନ୍ଦ୍ର ସରକାର ଡାକ୍ତରମାନଙ୍କୁ କହିଛନ୍ତି । ଯଦି ରୋଗୀଙ୍କୁ ଏହା ଦିଆଯାଉଛି ତେବେ ତାହାର କାରଣ ଦର୍ଶାଇବାକୁ କୁହାଯାଇଛି । ଏହି ନିୟମକୁ ବାଧ୍ୟତାମୂଳକ କରାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଅଧିନରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ (ଡିଜିଏଚ୍‌ଏସ୍) ପକ୍ଷରୁ ଏ ନେଇ ଭାରତର ସମସ୍ତ ଫାର୍ମାସିଷ୍ଟ ଆସୋସିଏସନକୁ ଚିଠି ଲେଖାଯାଇଛି । ଏଥିରେ ଡାକ୍ତରଙ୍କ ପ୍ରେସ୍‌କ୍ରିପ୍‌ସନ ବିନା ଆଣ୍ଟିବାୟୋଟିକ ନ ଦେବାକୁ ଫାର୍ମାସିଷ୍ଟଙ୍କୁ ନିବେଦନ କରାଯାଇଛି । ଏହି ଆଦେଶକୁ କଠୋର ଭାବେ କାର୍ଯ୍ୟକାରୀ କରିବାକୁ କୁହାଯାଇଛି । ଆଣ୍ଟିବାୟୋଟିକର ଅପବ୍ୟବହାର ଏବଂ ମାତ୍ରାଧିକ ବ୍ୟବହାରକୁ ବନ୍ଦ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଏହି ଔଷଧ ଅଧିକ ନେଇ ମନୁଷ୍ୟର ରୋଗ ପ୍ରତିରୋଧକ କ୍ଷମତା ତଥା ଡ୍ରଗ୍-ରେସିଷ୍ଟାଣ୍ଟ ପାଥୋଜେନ ହ୍ରାସ ପାଉଛି ।

ଭାରତରେ ଆଣ୍ଟିବାୟୋଟିକର ବ୍ୟବହାର ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଭାରତରେ ୨୦୦୦ ମସିହାରେ

**ଲେଖିଲେ କାରଣ ଦର୍ଶାଇବାକୁ ପଡ଼ିବ**

**୨୦୧୯ ରେ ଯାଇଥିଲା ୧୩ ଲକ୍ଷ ଲୋକଙ୍କ ଜୀବନ**



ଦିନକୁ ୩.୨ ବିଲିୟନ ଡୋଜ୍, ୨୦୧୧ରେ ୪.୭୫ ବିଲିୟନ ଡୋଜ, ୨୦୧୯ରେ ୫.୦୭ ବିଲିୟନ ଡୋଜ୍ ଆଣ୍ଟିବାୟୋଟିକ ବ୍ୟବହାର କରାଯାଇଥିଲା । ଦେଶରେ ଆଜିଥ୍ରୋମାଇସନ ୫୦୦ ମିଲିଗ୍ରାମ ସର୍ବାଧିକ ବ୍ୟବହାର ହେଉଛି । ଦିନକୁ ୩୮.୪ କୋଟି ଡୋଜ୍ ନିଆଯାଉଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟରେ ଚିଠିରେ କୁହାଯାଇଛି ଯେ ଆଣ୍ଟିମାଇକ୍ରୋବାୟଲ ରେସିଷ୍ଟାନ୍ସ (ଏଏମଆର) ବିଶ୍ୱର ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ପାଇଁ ବଡ଼ ବିପଦ ପାଲଟିବାରେ ଲାଗିଛି । ୨୦୧୯ରେ ଏଏମଆର ଯୋଗୁଁ ୧୩ ଲକ୍ଷ ଲୋକଙ୍କ ଜୀବନ ଯାଇଥିଲା । ଏହା ବ୍ୟତୀତ ଔଷଧର ପ୍ରତିରୋଧ କ୍ଷମତା ଜନିତ ସଂକ୍ରମଣ ଯୋଗୁଁ ୫୦ ଲକ୍ଷ ଲୋକ ପ୍ରାଣ ହରାଇଥିଲେ ।

ସୂଚନାଯୋଗ୍ୟ ଯେ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ସାଧାରଣ ରୋଗ ଭଲ ହେବା ପାଇଁ ମାସ ମାସ ଲାଗି ଯାଉଥିଲା । କିନ୍ତୁ ଆଣ୍ଟିମାଇକ୍ରୋବାୟଲ ଡ୍ରଗ୍ସ (ଆଣ୍ଟିବାୟୋଟିକ, ଆଣ୍ଟିଫଙ୍ଗଲ ଏବଂ ଆଣ୍ଟିଭାଇରାଲ)ର ବ୍ୟବହାର ଯୋଗୁଁ ଏପରି ରୋଗ ଶୀଘ୍ର ଭଲ ହେଇ ଯାଉଥିଲା । ଜୀବାଣୁକୁ ମାରିବା ପାଇଁ ଆଣ୍ଟିବାୟୋଟିକ ବ୍ୟବହାର କରାଯାଉଥିଲା । କିନ୍ତୁ ବାରମ୍ବାର ଏହି ଔଷଧ ନେଲେ ଜୀବାଣୁ ଉକ୍ତ ରୋଗ ବିରୋଧରେ ପ୍ରତିରୋଧୀ କ୍ଷମତା ବିକଶିତ କରି ନେଇଥାଏ । ଏହା ପରେ ରୋଗୀ ଠିକ୍ ହେବା କାଠିକର ହୋଇ ଯାଇଥାଏ । ଏହାକୁ ଏଏମଆର କୁହାଯାଏ ।

ଭାରତରେ ସମସ୍ତ ଆଣ୍ଟିବାୟୋଟିକକୁ ଏଚ ଏବଂ ଏଚ୧ ଶ୍ରେଣୀରେ ରଖାଯାଇଛି । ଏହାକୁ ଡାକ୍ତରଙ୍କ ପ୍ରେସକ୍ରିପସନ ବିନା ଔଷଧ କିଣା ଯାଇପାରିବ ନାହିଁ । ଏହା ସତ୍ତ୍ୱେ ଲୋକେ ମେଡିକାଲ ଷ୍ଟୋରରୁ ବେଧଡ଼କ ଭାବେ ଏହି ଔଷଧ କିଣି ଚାଲିଛନ୍ତି । ସ୍ୱାସ୍ଥ୍ୟକର୍ମୀଙ୍କଠାରୁ ନେଇ କ୍ୱାକଙ୍କ ପର୍ଯ୍ୟନ୍ତ ସମସ୍ତେ ଏହାକୁ ପ୍ରୋତ୍ସାହନ ଦେଉଛନ୍ତି । ଏଥିପାଇଁ ସାଧାରଣ ଜୀବାଣୁ ସୁପରବଗ୍ ପାଲଟି ଯାଉଛି । ଫଳରେ ସାଧାରଣ ସଂକ୍ରମଣ ଜନିତ ରୋଗ ଭଲ ହେବା ପାଇଁ ଅନେକ ସମୟ ଲାଗୁଛି । ଏଥିପାଇଁ ନିମୋନିଆ, ଟିବି, ରକ୍ତ ବିଷାକ୍ତ ଏବଂ ଗୋନୋରିଆ ଭଳି ରୋଗର ଚିକିତ୍ସା କଷ୍ଟସାଧ୍ୟ ହୋଇଯାଇଛି । ଆଇସିଏମଆର ଅନୁଯାୟୀ ନିମୋନିଆ, ସେପ୍ଟିସିମିଆ ରୋଗରେ ବ୍ୟବୃତ ହେଉଥିବା କାର୍ବେପନେମ ଉପରେ କଟକଣା ଲଗାଇ ଦିଆଯାଇଛି । କାରଣ ଏହି ଔଷଧ ଏବେ ଜୀବାଣୁ ଉପରେ କୌଣସି ପ୍ରଭାବ ପକାଇ ପାରୁନାହିଁ ।

# ଇଡିରେ ପୁଣି ହାଜର ହେଲେନି କେଜ୍ରିୱାଲ

## ବିଜେପି ମୋତେ ଗିରଫ କରିବାକୁ ଚାହୁଁଛି: ଅରବିନ୍ଦ

ନୂଆଦିଲ୍ଲୀ, ୧୮ ।୧ (ଏଜେନ୍ସି):

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ପୁଣି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନିକଟରେ ହାଜର ହୋଇନାହାନ୍ତି । ଏହାକୁ ମିଶାଇ ଏଜେନ୍ସି ତାଙ୍କୁ ଚାରି ଥର ସମନ ଜାରି କଲାଣି । ସେ ଗୁରୁବାର ହାଜର ନ ହୋଇ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କ ସହ ତିନି ଦିନିଆ ଗୋଆ ଗସ୍ତରେ ଯାଇଛନ୍ତି । ସମନକୁ ନେଇ କେଜ୍ରିୱାଲ କହିଛନ୍ତି ଯେ ବିଜେପି ତାଙ୍କୁ ଗିରଫ କରିବାକୁ ଚାହୁଁଛି । ଲୋକସଭା ନିର୍ବାଚନରେ ପ୍ରଚାର ନ କରିବା ପାଇଁ ଏହି ଷଡ଼ଯନ୍ତ୍ର କରାଯାଉଛି । ଇଡି ଚତୁର୍ଥ ନୋଟିସ ପଠାଇ ୧୮ କିମ୍ବା ୧୯ ତାରିଖରେ ଉପସ୍ଥିତ ହେବାକୁ କହିଥିଲା । ବେଆଇନ ଭାବେ ଏହି ଚାରୋଟି ନୋଟିସ ଜାରି କରାଯାଇଛି । ଇଡି ଏଭଳି ନୋଟିସ ପଠାଇଲେ କୋର୍ଟ ତାହାକୁ ଖାରଜ କରିଦେଉଛନ୍ତି । ରାଜନୈତିକ ପ୍ରତିଶୋଧ ନେବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ଗତ ଦୁଇ ବର୍ଷ ହେଲା ଏହି ମାମଲାର ଯାଞ୍ଚ ଚାଲିଛି । କିନ୍ତୁ ଏ ପର୍ଯ୍ୟନ୍ତ କିଛି ମିଳିନାହିଁ । ଲୋକସଭା ନିର୍ବାଚନର ୨ ମାସ ପୂର୍ବରୁ କାହିଁକି ଡକାଯାଉଛି । ବିଜେପି ଇଡିକୁ ଚଳାଉଛି ।



**ଇଡି ନୋଟିସ୍ ବେଆଇନ**

**ବିଜେପି ଏଜେନ୍ସିକୁ ଚଳାଉଛି**

**ବିଜେପିରେ ସାମିଲହେଲେ ମାମଲା ବନ୍ଦ ହୋଇଯିବ**

ଆପ୍ ପକ୍ଷରୁ କୁହାଯାଇଛି ଯେ କେଜ୍ରିୱାଲ ଏଜେନ୍ସିକୁ ଚିଠି ଲେଖିଥିଲେ । ଏଥିରେ ବେଆଇନ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଥିବାରୁ ସମନ ପ୍ରତ୍ୟାହାର କରିବାକୁ କୁହାଯାଇଥିଲା । ଏହି ମାମଲାରେ କେଜ୍ରିୱାଲ ଅଭିଯୁକ୍ତ ନାହାନ୍ତି ବୋଲି ମଧ୍ୟ କୁହାଯାଇଥିଲା । ଏହା ସତ୍ତ୍ୱେ ବାରମ୍ବାର କାହିଁକି ସମନ ପଠାଯାଉଛି? କେଜ୍ରିୱାଲଙ୍କୁ ଗିରଫ କରିବାକୁ ପ୍ରୟାସ କରାଯାଉଛି । ଦୁର୍ନୀତିଗ୍ରସ୍ତ ନେତା ବିଜେପିରେ ସାମିଲ ହୋଇଗଲେ ତାଙ୍କ ମାମଲା ବନ୍ଦ କରିଦିଆଯାଉଛି । ଆପ୍ କୌଣସି ଦୁର୍ନୀତି କରିନାହିଁ । ଦଳର କୌଣସି ନେତା ବିଜେପିରେ ସାମିଲ ହେବେନାହିଁ ।

● ଦୁର୍ଘଟଣାରେ ଛାତ୍ର ମୃତ୍ୟୁ

# ପରିବାର ପକ୍ଷରୁ ରାସ୍ତାରୋକ



**କଟକ,୧୮ ।୧(ସମିସ):** ତାଳଦଣ୍ଡା କେନାଲ୍ ରାସ୍ତାରେ ଆଜି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ବଡ଼ ଭାଇ(ଛାତ୍ର)ର ମୃତ୍ୟୁ ହୋଇଥିବା ବେଳେ ସାନ ଭାଇ ଗୁରୁତର ହୋଇଛନ୍ତି । ଆଜି ସ୍କୁଲକୁ ୨ଜଣ ଛାତ୍ର ଆସୁଥିବା ବେଳେ ଏହି ଦୁର୍ଘଟଣାର ଶିକାର ହୋଇଥିଲେ । ତାଳଦଣ୍ଡା ଉନ୍ନୟନ କାର୍ଯ୍ୟ ଚାଲିଥିବା ବେଳେ କେତେକ ଗାଡି ଜୋର୍‌ଜବରଦସ୍ତ ଉକ୍ତ ରାସ୍ତାରେ ଯିବା ଆସିବା କରୁଛନ୍ତି । ନିର୍ମାଣ ସଂସ୍ଥା ପକ୍ଷରୁ ନୋ ଏଣ୍ଟ୍ରି ଫଳକ ଲଗାଯାଇଥିଲେ ମଧ୍ୟ ଦ୍ରୁତ ଗତିରେ ଗାଡି ଗୁଡିକ ଆସି ଦୁର୍ଘଟଣା ଘଟାଉଛନ୍ତି । ଆଜି ଦୁର୍ଘଟଣା ଘଟାଇଥିବା କାର୍‌ଟି ପଳାଇଥିବା ବେଳେ ଏପର୍ଯ୍ୟନ୍ତ କାର୍ ଓ ଡ୍ରାଇଭର ପତ୍ତା ମିଳି ପାରିନାହିଁ ।

ଚାଉଳିଆଗଞ୍ଜ ତଳସାହିର ନୃସିଂହ ଚରଣ ସାହୁଙ୍କ ଦୁଇ ପୁଅ ଚାଉଳିଆଗଞ୍ଜ ସ୍ଥିତ କୁଞ୍ଜବିହାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର । ଆଜି ତାଙ୍କର ବଡପୁଅ ସତ୍ୟପ୍ରକାଶ(୧୭)ଓ ସାନ ପୁଅ ସାଇକେଲ ଯୋଗେ ତାଳଦଣ୍ଡା କେନାଲ ରାସ୍ତା ଦେଇ ସ୍କୁଲକୁ ଯିବା ସମୟରେ ଅଜଣା କାର୍ ଦ୍ରୁତଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା । ଉଭୟେ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କୁ ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ଏସସିବିରେ ସତ୍ୟପ୍ରକାଶଙ୍କ ମୃତ୍ୟୁ ଘଟିଥିଲା । ତାଙ୍କ ସାନଭାଇ ଏବେ ଗୁରୁତର ଅବସ୍ଥାରେ ଚିକିତ୍ସାଧିନ ରହିଛନ୍ତି । ଛାତ୍ର ଦ୍ୱୟଙ୍କୁ ଏକ କାର୍ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା । ଏହି ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖା ଦେଇଥିଲା । ପ୍ରତିବାଦରେ ଅଞ୍ଚଳବାସୀ ଦୀର୍ଘ ସମୟ ଧରି ରାସ୍ତାରୋକ କରିଥିଲେ । ଚାଉଳିଆଗଞ୍ଜ ଥାନା ଅଧିକାରୀ ଓ ଜୋନ୍-୫ ଏସିପିଙ୍କ ବୁଝାଶୁଝା ପରେ ରାସ୍ତା ଅବରୋଧ ହଟିଥିଲା । ୪୨ ନମ୍ବର୍ କର୍ପୋରେଟର ମୀନା ସାହୁ ଘଟଣାସ୍ଥଳରେ ପହଞ୍ଚି ଏହି ରାସ୍ତାରେ ବ୍ୟାରିକେଟ, ଲାଇଟ୍ ଓ ସିସି କ୍ୟାମେରା ଲଗାଯିବାକୁ ଦାବି କରିଥିଲେ । ଏଥିସହିତ ରାସ୍ତା ନିର୍ମାଣ ସରି ନଥିବା ବେଳେ ରାସ୍ତା କେମିତି ଖୋଲାଗଲା ଏହାକୁ ନେଇ ପ୍ରଶ୍ନ କରିଥିଲେ ।

## ଯୁବତୀ ଉଦ୍ଧାର

**କଟକ,୧୮ ।୧(ସମିସ):** ଯୋବ୍ରା ବ୍ୟାରେଜ୍‌ରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିବା ଯୁବତୀଙ୍କୁ ଆଜି ଉଦ୍ଧାର କରାଯାଇଛି । କୌଣସି କାରଣରୁ ଯୁବତୀ ଜଣକ କାନ୍ଦି କାନ୍ଦି ବ୍ୟାରେଜ୍ ରାସ୍ତାରେ ଜଗତପୁର ଆଡକୁ ଯାଉଥିଲେ । ହଠାତ୍ ବ୍ରିଜ୍ ମଝିରେ ନଦୀକୁ ଡେଇଁ ପଡ଼ିଥିଲେ । ଡେଇଁଥିବା ସ୍ଥାନରେ ଅଳ୍ପ ପାଣିଥିବାରୁ ଘଟଣାସ୍ଥଳରେ ଥିବା ମତ୍ସ୍ୟଜୀବୀମାନେ ଯୁବତୀଙ୍କୁ ନଦୀ ଭିତରୁ ଉଦ୍ଧାର କରିଥିଲେ । ଏହାପରେ ସ୍ଥାନୀୟ ଜନସାଧରଣ ଜଗତପୁର ଥାନା ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଥାନାକୁ ନେଇଥିଲା । ଯୁବତୀଙ୍କ ପରିଚୟ ଜଣାପଡ଼ିଥିବା ବେଳେ କେଉଁ କାରଣରୁ ଆତ୍ମହତ୍ୟା ଉଦ୍ୟମ କରିଥିଲେ ତାହା ସ୍ପଷ୍ଟ ହୋଇନାହିଁ ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



**ନିଶ୍ଚିନ୍ତକୋଇଲି,୧୮ ।୧(ସମିସ):** ନଟକାଇ ସ୍ଥିତ ବଲ୍ଲଭୀଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ୍ରମେ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଟକଙ୍କ ତତ୍ତ୍ୱାବଧାନରେ +୨ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ନିମନ୍ତେ ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଛି । କାର୍ଯ୍ୟକ୍ରମ ପରିଚାଳକ ଅଧ୍ୟାପକ ସୁବ୍ରତ କିଶୋର ସ୍ୱାଇଁଙ୍କ ପୌରହିତ୍ୟରେ ଉକ୍ତ ଶିବିରକୁ ଅଧକ୍ଷା ନିବେଦିତା ଦାଶ ଉଦଘାଟନ କରିଥିଲେ । ଏହି ଉଦଘାଟନ ଉତ୍ସବରେ ଅଧ୍ୟାପିକା ଡ. ରୀତା ଷଡଙ୍ଗୀ, ନିରୂପମା ସ୍ୱାଇଁ, ପ୍ରଭାତୀ ଭୂୟାଁ, ସୁପ୍ରଭା ଜେନା, ସବିତା ସାମଲ, କ୍ଷୀରୋଦ ନନ୍ଦ ପ୍ରମୁଖ ଯୋଗଦେଇଥିଲେ । ଏଥିରେ ପ୍ରଶିକ୍ଷିକା ଭାବେ ଭାଗ୍ୟଲକ୍ଷ୍ମୀ ପଣ୍ଡା ଓ ଶୁଭ୍ରା ସଂଗୀତା ମଲିକ ନିୟୋଜିତ ହୋଇଛନ୍ତି । ଏହି ଶିବିରରେ ମୋଟ ୨୩୩ ଜଣ ଛାତ୍ରୀଙ୍କୁ ୮ଟି ଗ୍ରୁପରେ ଭାଗ କରାଯାଇ ପର୍ଯ୍ୟାୟ କ୍ରମେ ୧୮ ରୁ ୩୧ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଅଧ୍ୟାପକ ସୁପ୍ରିୟା ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## କୃଷି ବିଜ୍ଞାନ କେନ୍ଦ୍ରର ପ୍ରଶିକ୍ଷଣ ଉଦ୍‌ଯାପିତ

**ଟାଙ୍ଗୀ,୧୮ ।୧(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ କୃଷି ବିଜ୍ଞାନ କେନ୍ଦ୍ର କଟକ ସନ୍ଥପୁର ପରିସରରେ ପାଞ୍ଚଦିନିଆ କୃଷିମିତ୍ର ଦକ୍ଷତା ପ୍ରଶିକ୍ଷଣ ଉଦଯାପିତ ହୋଇଯାଇଛି ।




ତାଲିମ ସଂଯୋଜକ ତଥା ମୁଖ୍ୟ ପ୍ରଶିକ୍ଷକ ଭାବେ ଉଦ୍ୟାନ ବିଶେଷଜ୍ଞ ଡ. ତୁଷାର ରଞ୍ଜନ ସାହୁ, ମୃତ୍ତିକା ବିଶେଷଜ୍ଞ ଡ. ଦିଲ୍ଲିପ ରଞ୍ଜନ ଷଡ଼ଙ୍ଗୀ, ଗୃହ ବିଜ୍ଞାନ ବିଶେଷଜ୍ଞ ଡ. ସୁଜାତା ସେଠୀ ଓ କୃଷି ପାଣିପାଗ ବିଶେଷଜ୍ଞ ଡ. ଦେବାଶିଷ ଜେନା ପ୍ରମୁଖ ଯୋଗଦାନ କରି ବିହନ ଚୟନ, ବିହନ ବିଶୋଧନ, ଖାଦ୍ୟ ସାର, ଛତୁ, ଚାଷ ପାଣିପାଗ ଓ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଆଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଉଦଯାପନୀ ଉତ୍ସବରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ରଞ୍ଜନ ମହାନ୍ତ ଯୋଗଦେଇ ଜ୍ଞାନକୌଶଳ ଉପରେ ଆଲୋକପାତ କରିବା ସହ କୃଷିମିତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଶାନ୍ତ ପ୍ରଧାନ, ସତ୍ୟରଞ୍ଜନ ରାଉତ ଓ କ୍ଷୀରୋଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

ଫରକ ପଡି ନ ଥିଲା ପୁଲିସର 'ତଡ଼ିପାର୍'

# ଗ୍ୟାଙ୍ଗ୍‌ଷ୍ଟର୍ ସକିଲ୍ ସମେତ ୭ ଗିରଫ

କଟକ/ଫୁଲନଖରା,୧୮ ।୧(ସମିସ)





କୁଖ୍ୟାତ ଅପରାଧି ତଥା ଗ୍ୟାଙ୍ଗଷ୍ଟର୍ ସକିଲ୍ ଅହମ୍ମଦ ଓରଫ୍ ସକିଲ୍(୨୮)କୁ ପୁଣି ଥରେ କମିଶନରେଟ୍ ପୁଲିସ ଗିରଫ କରିଛି । ଜେଲ୍‌ରୁ ଜାମିନ୍‌ରେ ମୁକୁଳି କଟକ ସହରରେ ଆତଙ୍କ ସୃଷ୍ଟି କରୁଥିବା ସକିଲ୍‌କୁ ଦୀର୍ଘ ଦେଢ଼ ମାସ ହେବ କମିଶନରେଟ୍ ପୁଲିର ସ୍ପେଶାଲ୍ ସ୍କ୍ୱାଡ୍ ପିଛା କରିଥିଲା । ତା'ର ରହଣୀ, ଗନ୍ତବ୍ୟସ୍ଥଳୀ ଓ ଗତିବିଧିକୁ ନେଇ ପୁଲିସ ଖୋଳତାଡ ଆରମ୍ଭ କରିଥିଲା । ସଦର ଥାନା ପୁଲିସ ଏକ ବିଶେଷ ସୂତ୍ରରୁ ସୂଚନା ପାଇ ଗତକାଲି ବିଳମ୍ବିତ ରାତିରେ କାଜିପାଟଣାସ୍ଥିତ ଇନ୍ଦ୍ରାଣୀ କଲୋନୀ ପଡ଼ିଆରେ ସେ ଡକାୟତି ଯୋଜନା କରୁଥବା ବେଳେ ଚଢଉ କରିଥିଲା । ସକିଲ୍ ଏବଂ ଅନ୍ୟ ୬ଜଣ ସହଯୋଗୀଙ୍କୁ ମିଶାଇ ମୋଟ ୭ଜଣଙ୍କୁ ଗିରଫ କରିଛି ପୁଲିସ । ସେମାନେ ହେଲେ, ସକିଲ୍‌ର ମୁଖ୍ୟ ସହଯୋଗୀ ବକ୍ସିବଜାର ମସ୍ତାନ୍‌ରୋଡର ଅବଦୁଲ୍ କାଦିର୍ ଓରଫ୍ କାଦିର୍(୩୨)ଙ୍କ ସମେତ ଜଗତସିଂପୁର କ୍ରିଷ୍ଣାନନ୍ଦପୁରର ଏସ୍.କେ ନଦିମ୍(୨୯), ଗତିରାଉତପାଟଣାର ଶ୍ରୀନାଥ ରାଉତ(୪୧), ଭୁବନେଶ୍ୱର ପାତ୍ରପଡାର ହିମାଂଶୁଶେଖର ସାହୁ(୩୫), ବାଣପୁର ମୁସଲିମ୍ ସାହିର ସୟଦ୍ ଅବଦୁଲ୍ ସୋଫିୟାନ୍(୨୯) ଏବଂ ବାରଙ୍ଗ ମାଧୁପର ଅଞ୍ଚଳର ପ୍ରଦୀପ୍ ସାହୁ ଓରଫ୍ ପଦିଆ(୪୧) । ସେମାନଙ୍କ ନିକଟରୁ ୨ଟି ୭.୬୫ଏମ୍.ଏମ୍ ପିସ୍ତଲ୍, ୭ରାଉଣ୍ଡ ଅଫୁଟା ଗୁଳି, ୨ଟି ଖଣ୍ଡା, ଗୋଟିଏ ଖେଳଣା ବନ୍ଧୁକ, ୯ଟି ମୋବାଇଲ୍, ଗୋଟିଏ ମହିନ୍ଦ୍ରା ଥର୍ ଏବଂ ଗୋଟିଏ ଆଇ-୨୦ହୁଣ୍ଡାଇ୍ କାର୍ ଜବତ କରାଯାଇଛି ।

● କାଜିପାଟଣା ଇନ୍ଦିରାକଲୋନୀ ପଡ଼ିଆରେ କରୁଥିଲେ ଡକାୟତି ଯୋଜନା
● ସଦର ଥାନା ପୁଲିସ ଓ ସ୍ପେଶାଲ୍ ସ୍କ୍ୱାଡ୍‌ର ଅଚାନକ ଚଢ଼ଉ
● ୨ଟି ବନ୍ଧୁକ, ୭ ରାଉଣ୍ଡ ଗୁଳି, ୨ଟି ଖଣ୍ଡା ସହିତ ଗାଡି ଓ ମୋବାଇଲ୍ ଜବତ

ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗ୍ୟାଙ୍ଗଷ୍ଟର୍ ସକିଲ୍ ବିଭିନ୍ନ ଅପରାଧିକ ମାମଲାରେ ଜେଲ୍ ଯାଇ ଜାମିନ୍‌ରେ ଆସିବା ପରେ ତାକୁ ତଡିପାର୍ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ସେ ପୁଲିସର ନିର୍ଦ୍ଦେଶକୁ ଖାତିର୍ ନକରି କଟକ ସହର ମଧ୍ୟକୁ ଅବାଧ ପ୍ରବେଶ କରି ବିଭିନ୍ନ ଅପରାଧିକ ଯୋଜନା କରୁଥିଲା । ଗତକାଲି ରାତିରେ ସକିଲ୍ ଏକ ମହିନ୍ଦ୍ରା ଥର୍‌ରେ ଆସି ଇନ୍ଦ୍ରାଣୀ କଲୋନୀ ପଡ଼ିଆର ଏକ ଅନ୍ଧାରୁଆସ୍ଥାନରେ ଆଡ୍ଡା ଜମାଇଥିଲା । ତା ସହିତ ଅନ୍ୟ ୬ ସହଯୋଗୀ ସେଠାରେ ଉପସ୍ଥିତ ରହି ଡକାୟତି ଯୋଜନା କରୁଥିଲେ । ତାଙ୍କ ନିକଟରେ ମାରଣାସ୍ତ୍ର ଗଚ୍ଛିତ ରହିଥିଲା । ଏସ୍‌ଆଇ ବିକ୍ରମ ବେହେରା ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସ୍ୱତନ୍ତ୍ର ଟିମ୍ ଜରିଆରେ ସେଠାରେ ପହଞ୍ଚି ଅତର୍କିତ ଚଢଉ କରି ସେମାନଙ୍କୁ ଗିରଫ କରିଥିଲେ । ପୂର୍ବରୁ ସକିଲ୍ ୨ବ୍ୟବସାୟୀଙ୍କୁ ୧୫ଲକ୍ଷ ଦାଦାବଟି ମାଗି ଗିରଫ ହୋଇଥିଲା । ନିକଟରେ କଟକର ୨ ଜଣ ବ୍ୟବସାୟୀଙ୍କୁ ସକିଲ୍ ୨୦ଲକ୍ଷ ଟଙ୍କା ଦାଦାବଟି ମାଗିଥିବା ବେଳେ ଉଭୟ ବ୍ୟବସାୟୀଙ୍କ ପକ୍ଷରୁ ପୁଲିସ ନିକଟରେ ଅଭିଯୋଗ ହୋଇଥିଲା । କମିଶନରେଟ୍ ପୁଲିସ ଏହି ଘଟଣାକୁ ଗୁରୁତର ସହକାରେ ନେଇ ତଦନ୍ତ ଚଳାଇଥିଲା । ସ୍ପେଶାଲ୍ ସ୍କ୍ୱାଡ୍‌କୁ ସଜାଗ କରାଯାଇଥିଲା ।

ଏହି ଘଟଣା ସମ୍ପର୍କରେ ଡିସିପି ପିନାକ୍ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ସକିଲ୍ ହେଉଛି ଜଣେ ପେଶାଦାର୍ ଅପରାଧି । ତା'ଉପରେ ପୁଲିସ ସବୁବେଳେ ନଜର ରଖିଥିଲା । ସକିଲ୍ ନାଁରେ କଟକ ଯୁପିଡିର ବିଭିନ୍ନ ଥାନାରେ ୪୦ଟି ସଂଗୀନ ମାମଲା ରହିଛି । ୨୦୨୦ ମସିହାରେ କମିଶନରେଟ୍ ପୁଲିସ ତାକୁ ୩ମାସ ପର୍ଯ୍ୟନ୍ତ ଏନ୍‌ଏସ୍‌ଏ(ଜାତୀୟ ନିରାପତ୍ତା ଆଇନ)ରେ ବୁକ୍ କରିଥିଲା । ସେହିପରି ଗିରଫ ହୋଇଥିବା ନଦିମ୍ ନାଁରେ ୫ଟି, ଶ୍ରୀନାଥ୍ ନାଁରେ ୧୨ଟି, ହିମାଂଶୁ ନାଁରେ ୨ଟି, ସୟଦ୍ ଅବଦୁଲ୍ ନାଁରେ ୩ଟି, କାଦିର୍ ନାଁରେ ୧୫ଟି ଓ ପଦିଆ ନାଁରେ ୪ଟି ସଂଗୀନ ମାମଲା ରହିଛି । ଏମାନେ ସକିଲ୍ ଗ୍ୟାଙ୍ଗ୍‌ର ରହି ବିଭିନ୍ନ ଅପରାଧମୂଳକ କାର୍ଯ୍ୟକଳାପରେ ଲିପ୍ତ ରହିଥିଲେ । ପୁଲିସ ଏବେ ଘଟଣାର ଅଧିକ ତଦନ୍ତ କରୁଥିବା ସଦର ଥାନା ପୁଲିସ କହିଛି ।



ବୋର୍ଡ ହାଇସ୍କୁଲର ୧୯୭୭ ବ୍ୟାଚ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

## ସେକ୍ଟର ଅଫିସରଙ୍କ ତାଲିମ ଶିବିର

**ଆଠଗଡ,୧୮ ।୧(ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା ପାଇଁ ଆଠଗଡ଼ ଉପଖଣ୍ଡର ସମସ୍ତ ସେକ୍ଟର ଅଫିସରଙ୍କ ତାଲିମ ଶିବିର ଆଠଗଡ ପଞ୍ଚାୟତ ସମିତିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ତାଲିମ ଶିବରରେ ଆଠଗଡ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା ଯୋଗଦେଇ ସେକ୍ଟର ଅଫିସରଙ୍କ ଅଧୀନରେ ଥିବା ସମସ୍ତ ବୁଥର ସ୍ଥିତି ପରଖି, ନିହାତି ଆବଶ୍ୟକ ସୁବିଧା ସୁଯୋଗ ଅଛି କି ନାହିଁ ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ସମ୍ବେଦନଶୀଳ, ଅତି ସମ୍ବେଦନଶୀଳ ବୁଥ ଗୁଡିକୁ ପ୍ରାରମ୍ଭିକ ଚିହ୍ନଟ ପୂର୍ବକ ସଚେତନ ରହିବା ନିମିତ୍ତ ସୂଚିତ କରାଯାଇଥିଲା । ଆଠଗଡ ବିଧାନସଭା ଓ ବଡମ୍ବା ବିଧାନସଭା ଅନ୍ତର୍ଗତ ସମସ୍ତ ସେକ୍ଟର ଅଫିସରଙ୍କ ସମେତ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର ମଲ୍ଲିକ, ସମସ୍ତ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ । ନିର୍ବାଚନ ସେକ୍ସନର ବରିଷ୍ଠ କିରାଣୀ ସୂର୍ଯ୍ୟମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦେୟମୁକ୍ତ ପାଠଶାଳାର ଶୁଭାରମ୍ଭ



**କଟକ,୧୮ ।୧(ସମିସ):** ଏସଏସ ଫାଉଣ୍ଡେସନ ପକ୍ଷରୁ ଅବହେଳିତ ଶିଶୁମାନଙ୍କ ଉଜ୍ୱଳ ଭବିଷ୍ୟତ ପାଇଁ ୧୩ ନମ୍ବର ତାରିଣୀ ବସ୍ତିରେ ବାସ କରୁଥିବା ପିଲାମାନଙ୍କ ପାଇଁ ଏକ ଦେୟମୁକ୍ତ ପାଠଶାଳାର ଶୁଭାରମ୍ଭ ହୋଇଛି । ଉଦଘାଟନୀ ଦିବସ ରେ ସମାଜସେବୀ ଙ୍ଗ ପ୍ରଦୀପ ବେହେରା, ସମାଜସେବୀ ତାପସ ସାମଲ, ସଞ୍ଜୟ ପରିଡ଼ା, ଶିଶିର ସାହୁ, ସନ୍ତୋଷ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ୩୨ ଜଣ ପିଲାଙ୍କୁ ପାଠ୍ୟ ଉପକରଣ ସହ ଟିଫିନ୍ ବକ୍ସ ଦିଆ ଯାଇଥିଲା । ଆଗାମୀ ଦିନରେ ବିଭିନ୍ନ ଜିଲ୍ଲାରେ ଏସ ଏସ ଫାଉଣ୍ଡେସନ ପରିବାର ତରଫରୁ ଅବହେଳିତ ଶିଶୁ ମାନଙ୍କ ପାଇଁ ଏମିତି ପାଠଶାଳା ଖୋଲାଯିବ ବୋଲି ସଭାପତି ପ୍ରଜ୍ଞା ସାମନ୍ତରାୟ ସୂଚନା ଦେଇଛନ୍ତି ।

## ରାଣୀହାଟ ସ୍କୁଲରେ ସୃଜନଶୀଳତା ଉତ୍ସବ

**କଟକ,୧୮ ।୧(ସମିସ):** ରାଣୀହାଟ ଉଚ୍ଚବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜଶୀଳତା ଉତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଜଷ୍ଟିସ୍ ଦୁର୍ଗାପ୍ରସନ୍ନ ଚୌଧୁରୀ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ପଲ୍ଲବୀ ମହାଜନ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଦାମ ଚରଣ ନାଥ ଉଦ୍‌ବୋଧନ ଦେଇଥିଲେ । ଶିକ୍ଷୟିତ୍ରୀ ଯାମିନୀ ପରିଜା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ କିଶୋର ନନ୍ଦ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ବରିଷ୍ଠ ଶିକ୍ଷକ ଅମୀୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସାହିତ୍ୟ ସୃଜନର ବିଭିନ୍ନ ବିଭାଗ ତଥା କଳା, ଚିତ୍ରାଙ୍କନ, କବିତା, ଗଳ୍ପ, ସ୍ଲୋଗାନ୍ ଓ ପୁସ୍ତକ ସମୀକ୍ଷା ଆଦି କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯାଇଥିଲା । ଜିଜ୍ଞାସା ବିଭାଗର ଶିକ୍ଷକ ବୁଦ୍ଧେଶ୍ୱର ଜେନାଙ୍କ ତତ୍ତ୍ୱାବଧାନରେ ଗ୍ରୀନ୍ ହାଉସର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ବିଭିନ୍ନ ବିଜ୍ଞାନ ପ୍ରକଳ୍ପକୁ ପ୍ରଦର୍ଶିତ କରାଯାଇଥିଲା । କୌଶଳୀ ବିଭାଗର ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା ୟଲୋ ହାଉସର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । କ୍ରୀଡାଙ୍ଗନ ବିଭାଗର ଶିକ୍ଷକ ଶୁଭ୍ରାଂଶୁଶେଖର ବେହେରା ବ୍ଲୁ ହାଉସ ପକ୍ଷରୁ ଛାତ୍ରଛାତ୍ରୀମାନେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯାଇଥିଲା । ବିଦ୍ୟାଳୟର ସହାୟକ ଶିକ୍ଷକ ଦେବପ୍ରସାଦ ତ୍ରିପାଠୀ ଓ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ଅମୀୟ ମହାପାତ୍ର ଧନ୍ୟବାଦ ଦେଇଥିଲେ ।



## ବାବା ଗୋଦାବରୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଫୁଲନଖରା,୧୮ ।୧(ସମିସ):** କଟକ ସଦର ବ୍ଲକ ଉରାଳୀ ଗ୍ରାମପଞ୍ଚାୟତ ନଛିପୁର ବଢ଼େଇସାହି ଗ୍ରାମ୍ୟ କମିଟି ଓ ଗୋଦାବରୀ ଉନ୍ନୟନ ପରିଷଦ ମିଳିତ ଆନୁକୂଲ୍ୟରେ ଶ୍ରୀ ଶ୍ରୀ ବାବା ଗୋଦାବରୀଙ୍କ ବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ପିତୃ ପୁରୁଷରୁ ପୂଜା କରି ଆସୁଥିବା ପୂଜକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରତ୍ୟେହ ସକାଳ ବେଳା ରାମଖେଚେଡି ଓ ସଂଧ୍ୟା ସମୟରେ ବାଲଭୋଗ ବାବାଙ୍କୁ ଅର୍ପଣ କରିଥାନ୍ତି । ଏତଦ୍ ବ୍ୟତୀତ ସମସ୍ତ ସଂକ୍ରାନ୍ତିରେ ବହୁ ଦୂରଦୂରାନ୍ତରୁ ଭକ୍ତମାନେ ଆସି ବାବାଙ୍କୁ ଗଞ୍ଜେଇ ଭୋଗ ପ୍ରଦାନ ପୂର୍ବକ ନିଜର ମନସ୍କାମନା କରିଥାଆନ୍ତି । ମକର ସଂକ୍ରାନ୍ତିରୁ ଆରମ୍ଭ ହୋଇଥିବା ଚର୍ତୁଦିବସ ବ୍ୟାପୀ ଏହି ଯଜ୍ଞରେ ପ୍ରତ୍ୟେହ ସଂଧ୍ୟାରେ ନାମ ସଂକୀର୍ତ୍ତନ, ଭଜନ ଓ ଆଧ୍ୟାତ୍ମିକ ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସମାଜସେବୀ ପ୍ରମୋଦ ମହାପାତ୍ରଙ୍କ ପୌରହିତ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଶିକ୍ଷାବିତ୍ ଲକ୍ଷ୍ମୀଧର ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ଜୋନ୍-୪ ଏସିପି ଚନ୍ଦନ ଘଡେଇ, ଶିଳ୍ପପତି କାଜଲ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟା ଆଶାଲତା ବେହେରା, ଗ୍ରାମ୍ୟ କମିଟି ସଭାପତି ବାବାଜି ମୁଦୁଲି, ସଂପାଦକ ପୀତବାସ ବରାଳ ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ । ଗୋଦାବରୀ ଗୋସେଇଁ କମିଟି ସଂପାଦକ ଆନନ୍ଦ ଚନ୍ଦ୍ର ପାଲ ମଞ୍ଚ ପରିଚାଳନା କରିଥିଲେ । ଏହି ସଭାରେ ପଡୋଶୀ ଗ୍ରାମ୍ୟ କମିଟି ମୁରବୀ, ସାମ୍ବାଦିକ ଓ ଆରକ୍ଷୀ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଦ୍ୟାଳୟସ୍ତରୀୟ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ।

# ୨୦ରୁ ରେଭେନ୍ସାରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

କଟକ,୧୮ ।୧(ସମିସ)



ଆସନ୍ତା ଜାନୁଆରୀ ୨୦ ତାରିଖରୁ ଫେବୃଆରୀ ୫ ପର୍ଯ୍ୟନ୍ତ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ । ଜାନୁଆରୀ ୨୦ ରୁ ୨୨ ତାରିଖ ପର୍ଯ୍ୟନ୍ତ ଇତିହାସ ବିଭାଗ ଦ୍ୱାରା ଓଡ଼ିଶା ଇତିହାସ କଂଗ୍ରେସର ୪୩ତମ ଅଧିବେଶନ ହେବ । ଉକ୍ତ ଅଧିବେଶନର ପ୍ରଥମ ସମ୍ପାନରେ ଓଡ଼ିଶା ଇତିହାସ କଂଗ୍ରେସ ପକ୍ଷରୁ ଓଡ଼ିଶାର ପ୍ରତ୍ନତତ୍ତ୍ୱ ବିଭାଗର ବିଭିନ୍ନଦିଗ ଉପରେ ଆଲୋଚନା କରାଯିବ । ଏଥିରେ ୫୦ ଜଣ ଗବେଷକ ସନ୍ଦର୍ଭ ପାଠ କରିବେ । ଦ୍ୱିତୀୟ ସମ୍ପାନରେ ଆଦିବାସୀ ସଂସ୍କୃତି ପ୍ରସଙ୍ଗ ଉପରେ ଆଧାରିତ ଏଥିରେ ଜେଏନୟୁ, ଆଇଆଇଟି ଭଳି ଶିକ୍ଷାନୁଷ୍ଠାନରୁ ଭାରତର ବିଶିଷ୍ଟ ଶିକ୍ଷାବିତ୍ ମାନେ ଓ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିମାନେ ଯୋଗଦେବେ । ଏହି ସମ୍ପାନରେ ଓଡ଼ିଶାର ଆଦିବାସୀ ଭାଷା ଓ ସଂସ୍କୃତି ଉପରେ ସ୍ୱତନ୍ତ୍ର ଆଲୋକପାତ କରାଯିବ ।

ସେହିଭଳି ଜାନୁଆରୀ ୩୦ ଓ ୩୧ରେ ଏକ ସ୍ୱତନ୍ତ୍ର ଭାଷା- ସାହିତ୍ୟ-ସଂସ୍କୃତିଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ ହେବ । ଓଡ଼ିଆଭାଷାର ଐତିହ୍ୟ-ବର୍ତ୍ତମାନ-ଭବିଷ୍ୟତ, ପ୍ରଯୁକ୍ତି, ନିଯୁକ୍ତି ଓ ଅନୁବାଦ କ୍ଷେତ୍ରରେ ଓଡ଼ିଆ ଭାଷାର ପରିସର, ଜଗନ୍ନାଥ ଚେତନା, ଗୀତିକାବ୍ୟ-ଲୋକନାଟ୍ୟ ପରମ୍ପରା ଭଳି ପ୍ରଦର୍ଶନଧର୍ମୀ କଳା, ଜଗନ୍ନାଥଙ୍କୁ ନେଇ ଚିତ୍ର ପ୍ରଦର୍ଶନୀ, ଲୋକ ଉପକରଣ ପ୍ରଦର୍ଶନୀ ଏହି ଭାଷା ସଂପାନର ମୁଖ୍ୟ ଆକର୍ଷଣ । ଏଥିରେ ଓଡ଼ିଆ ସାହିତ୍ୟର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବେ । ଫେବୃଆରୀ ୪ ଓ ୫ରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଓଡ଼ିଆ ଚଳଚ୍ଚିତ୍ର ଏବଂ ଓଡ଼ିଆ ନାଟକ ସଂପାନରେ ଚଳଚ୍ଚିତ୍ର ଓ ମଞ୍ଚନାଟ୍ୟ ଇତିହାସ ଉପରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ବିଭିନ୍ନ ଦଶନ୍ଧିର ଶ୍ରେଷ୍ଠ ଚଳଚ୍ଚିତ୍ର ପ୍ରଦର୍ଶନ, ନାଟକ ପ୍ରଦର୍ଶନ, ସାକ୍ଷାତକାର, ଆଲୋଚନାଚକ୍ର ଏହି ସଂପାନର ଗୁରୁତ୍ୱପୂର୍ଣ୍ଣ ଦିଗ ମଞ୍ଚ ତଥା ଚଳଚ୍ଚିତ୍ର ଜଗତକୁ ମହତ୍ତ୍ୱପୂର୍ଣ୍ଣ ଅବଦାନ ଦେଇଥିବା ବ୍ୟକ୍ତିବିଶେଷ ଏହି ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । କୁଳସଚିବ କାହ୍ନୁ ଚରଣ ମଲ୍ଲିକ, ପିଜି କାଉନସିଲ ଅଧ୍ୟକ୍ଷା ଡ. ଲୁନା ସାମନ୍ତ, ଡ. ସୁଦର୍ଶନ ମିଶ୍ର ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ଭୋଟର ସଚେତନତା କାର୍ଯ୍ୟକ୍ରମ ଆରମ୍ଭ



**ସହରାଞ୍ଚଳରେ ୩୪ ଦିନ ତାଲିମ ଦେବ ଇଭିଏମ୍ ଓ ଭିଭିପାଟ୍ ଭ୍ୟାନ୍**

**କଟକ,୧୮ ।୧(ସମିସ):** ଭୋଟରଙ୍କୁ ସଚେତନ କରାଇବା ପାଇଁ ଇଲେକ୍ଟ୍ରୋନିକ ଭୋଟିଂ ମେସିନ (ଇଭିଏମ୍) ଓ ଭୋଟର ଭେରିଫାଏବୁଲ ପେପର ଅଡିଟ୍ ଟ୍ରାଏଲ୍‌ସ( ଭିଭିପ୍ୟାଟ୍) ଭ୍ୟାନ୍ ସହରାଞ୍ଚଳରେ ୩୪ ଦିନ ଧରି ପରିଭ୍ରମଣ କରିବ । ବାରବାଟୀ-କଟକ, ଚୌଦ୍ୱାର-କଟକ ଓ ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ଏହି ଭ୍ୟାନ ପହଞ୍ଚି ସାଧାରଣ ଲୋକଙ୍କୁ ତ୍ରୁଟିଶୂନ୍ୟ ଓ ସୁରକ୍ଷିତ ଭୋଟ ଉପରେ ସଚେତନ କରାଇବ । ସ୍ଥାନୀୟ ସିଏମସି କାର୍ଯ୍ୟାଳୟ ବିଜୁଭବନଠାରେ ପୂର୍ବାହ୍ନରେ ସିଏମସି କମିଶନର ନିଖିଲ ପୱନ କଲ୍ୟାଣଙ୍କ ଦ୍ୱାରା ଦୁଇଟି ଭ୍ୟାନ ଉଦଘାଟିତ ହୋଇଯାଇଛି । ଉପରୋକ୍ତ ନିର୍ବାଚନ ମଣ୍ଡଳୀଗୁଡିକର ସମସ୍ତ ମତଦାନ କେନ୍ଦ୍ର ଅଞ୍ଚଳରେ ଏହି ଭ୍ୟାନ୍ ପହଞ୍ଚି ଭିଭିପ୍ୟାଟ୍‌ରେ ଥିବା ସ୍ୱଚ୍ଛ ପରଦାରେ ମୁଦ୍ରିତ କାଗଜ ଚିରିକୁଟିରେ ଜଣେ ଭୋଟରଙ୍କ ମନୋନୀତ ପ୍ରାର୍ଥୀଙ୍କ କ୍ରମିକ ସଂଖ୍ୟା, ନାମ ଏବଂ ଚିହ୍ନକୁ ୭ ସେକେଣ୍ଡ ପାଇଁ ପ୍ରଦର୍ଶିତ କରିବାର ବ୍ୟବସ୍ଥା ରହିଛି । ଇଭିଏମ ଜରିଆରେ ଭୋଟରମାନେ କିଭଳି ସୁରକ୍ଷିତ ଭୋଟିଂ କରିପାରିବେ ସେ ସଂପର୍କରେ ଭୋଟରମାନଙ୍କୁ ପ୍ରଶିକ୍ଷିତ କରାଯିବ । ଏଥିପାଇଁ ଏକାଧିକ ଦକ୍ଷ ଅଧିକାରୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି ବୋଲି ସିଏମସି ଅତିରିକ୍ତ କମିଶନର ସୋନା ଟୁଡୁ ପ୍ରକାଶ କରିଛନ୍ତି ।

# ଜଳିଗଲା ଚଳନ୍ତା ସ୍କୁଟି; ବର୍ତ୍ତିଲେ ୨ ଜଣ

**ମାହାଙ୍ଗା, ୧୮।୧(ସମିସ):** ମାହାଙ୍ଗା ଥାନା ଅଧୀନ କୁମୁଡା ଜୟପୁର ଫାଣ୍ଡି ମଧୁପୁର ନିକଟରେ ଏକ ଚଳନ୍ତା ସ୍କୁଟି ଗାଡିରେ କୌଣସି କାରଣବଶତଃ ନିଆଁ ଲାଗିଯିବା ଫଳରେ ଗାଡିଟି ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଥିବାବେଳେ ଦୁଇ ଜଣ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ। ପ୍ରକାଶ ଯେ, ଅପରାହ୍ନ ୪ଟା ସମୟରେ ସାଲେପୁର ଅଞ୍ଚଳର ଦୁଇ ଜଣ ବ୍ୟକ୍ତି ମଧୁପୁର ଗ୍ରାମରୁ ନିଜ ବନ୍ଧୁ ଘରୁ ସ୍କୁଟି ଗାଡିରେ ନିଜ ଘରକୁ ଫେରୁଥିବା ସମୟରେ ମଧୁପୁର-ଜୟପୁର ରାସ୍ତା ମଝିରେ ସ୍କୁଟି ଗାଡିଟି କୌଣସ କାରଣବଶତଃ ନିଆଁ ଲାଗିଯାଇଥିଲା। ଫଳରେ ଗାଡି ଚାଳକ ଓ ପଛରେ ବସିଥିବା ବ୍ୟକ୍ତିଜଣକ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବର ପାଇ କୁଆଁପାଳ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଗାଡିଟି ସମ୍ପୂର୍ଣ୍ଣ ପୋଡି ଯାଇଥିଲା।

# ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବୈଠକ

**ନିଶ୍ଚିନ୍ତକୋଇଲି, ୧୮।୧(ସମିସ):** ସାଲେପୁର ଜୋନ୍ ତଥା ନିଶ୍ଚିନ୍ତକୋଇଲି, ମାହାଙ୍ଗା ଓ ସାଲେପୁର ବ୍ଲକର ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ସଂଘର ସଭାପତି ରଜନୀକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ପ୍ରଥମେ ଆସନ୍ତା ୨୧ ତାରିଖରେ ହେବାକୁ ଥିବା ରାଜ୍ୟ ସଂଘର ବୈଠକରେ କର୍ମକର୍ତ୍ତାମାନେ ଯୋଗଦେବା ନିମନ୍ତେ ସ୍ଥିର କରାଯାଇଥିଲା। ଏଥିରେ ଉପଦେଷ୍ଟା ଧ୍ରୁବଚରଣ ପ୍ରଧାନ, ସମ୍ପାଦକ ଗୋଲକ ଚନ୍ଦ୍ର ବାରିକ, କୈଳାସ ବଳବନ୍ତରାୟ, ଅଲେଖ ଦାସ, ମଥୁରାନନ୍ଦ ସାମଲ, ଅଲେଖ ସାହୁ, ଝରିସୁନ୍ଦର ମଲିକ, ସନାତନ ପ୍ରଧାନ, ବସନ୍ତ ସ୍ୱାଇଁ, ସୁବଳ ଚରଣ ମହାନ୍ତି, ଗୋପବନ୍ଧୁ ମହାନ୍ତି, ଗୋଲକବିହାରୀ ନାୟକ, ଶିଶିର ପ୍ରଧାନ, ନାରାୟଣ ରାଉତ ପ୍ରମୁଖ ଯୋଗଦେଇ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଆଲୋଚନା କରିଥିଲେ।

# ଅଧ୍ୟାପକଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

**ବାଙ୍କୀ, ୧୮।୧(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ସ୍ୱର୍ଗତ ବନମାଳୀ ଦାଶଙ୍କ ଏକାଦଶାହ ପାଳନ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ସଭାପତିତ୍ୱ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, +୨ ଅଧ୍ୟକ୍ଷ ରାଜକିଶୋର ପାଲ୍, ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି, ରାଜନୀତି ବିଜ୍ଞାନ ବିଭାଗୀୟ ମଖ୍ୟ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ପ୍ରାଧ୍ୟାପକ ସମୀର ମହାପାତ୍ର, ଅଧ୍ୟାପକ ଆଶିଷ ପାଢ଼ୀ, ପ୍ରାଧ୍ୟାପକ ପ୍ରମୋଦ ପଣ୍ଡା, ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ଡ. ଲୀନାରାଣୀ ପ୍ରଧାନ, ଅଧ୍ୟାପକ ତୁଷାର ନାୟକ ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ଦାଶଙ୍କ ବନ୍ଧୁ ବତ୍ସଳତା ଓ ଛାତ୍ର ବତ୍ସଳତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଦାଶଙ୍କ ଆତ୍ମାର ସଦଗତି ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

# ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ



**ଚୌଦ୍ୱାର, ୧୮।୧(ସମିସ):** ଚୌଦ୍ୱାର ପୌରପାଳିକା ଗୋବିନ୍ଦଜୀଉ ପାଟଣାସ୍ଥିତ ଶ୍ରୀଶ୍ରୀ ରାସବିହାରୀଜୀଉ ମନ୍ଦିରରେ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ତୈଳିକ ବୈଶ୍ୟ ସମାଜର ସଭାପତି ଦୟାନିଧି ସାହୁ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପଣ୍ଡିତ ଚିତ୍ତ ରଞ୍ଜନ ତ୍ରିପାଠୀ, ବଟ କିଶୋର କର, ବିନୋଦ ଚନ୍ଦ୍ର ପଣ୍ଡା, ତପନ ତ୍ରିପାଠୀ ପ୍ରମୁଖ ମାନସ ପାରାୟଣ କରିଥିଲେ। କର୍ତ୍ତା ରବୀନ୍ଦ୍ର ସାହୁ, ମାନସ ସାହୁ, ମିଳନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହରେକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ୯ ଦିନ ଧରି ଚାଲିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ଇଭିଏମ୍ ସଚେତନତା ରଥର ଶୁଭାରମ୍ଭ



**ମାହାଙ୍ଗା, ୧୮।୧(ସମିସ):** ମାହାଙ୍ଗା ବ୍ଲକ ପ୍ରଶାସନ ପକ୍ଷରୁ ଆଜି ଇଭିଏମ ସଚେତନତା ରଥର ଶୁଭାରମ୍ଭ ହୋଇଛି। ବିଡିଓ ଅମୀୟ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିଥିଭାବେ ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ରଥ ୫୮ ଦିନ ଧରି ମାହାଙ୍ଗା ବ୍ଲକର ୩୭ଟି ପଞ୍ଚାୟତରେ ୧୮୫ଟି ବୁଥରେ ପରିକ୍ରମା କରି ଲୋକଙ୍କୁ ସଚେତନ କରିବ। ଏଥିରେ ଏବିଡିଓ ଜ୍ଞାନରଞ୍ଜନ ପଣ୍ଡା, ଜିପିଓ ଜନ୍ମେଜୟ ରାଉତଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଅଚଳ ଅବସ୍ଥାରେ ୟୁନାନୀ ସ୍ୱାସ୍ଥ୍ୟକେନ୍ଦ୍ର

**ସାଲେପୁର, ୧୮।୧(ସମିସ)**



ସାଲେପୁର ବ୍ଲକର ନଇଗୁଆଁ ପଞ୍ଚାୟତର ବାଲିଆଠାରେ ୧୯୯୧ ମସିହାରୁ ପ୍ରତିଷ୍ଠିତ ଥିବା ସରକାରୀ ୟୁନାନୀ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ଲୋକଙ୍କ ସେବାରେ ଲାଗିପାରୁନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏଠାରେ ସାଧାରଣ ଲୋକଙ୍କ ଚିକିତ୍ସା ପାଇଁ ପ୍ରାଚୀନ ଚିକିତ୍ସା ପଦ୍ଧତି ଅନୁଯାୟୀ ବିଭିନ୍ନ ଚେରମୂଳିରୁ ପ୍ରସ୍ତୁତ ଔଷଧ ଗୁଡ଼ିକ ରୋଗୀମାନଙ୍କୁ ବିନା ମୂଲ୍ୟରେ ଯୋଗାଇ ଦିଆଯାଉଥିଲା। ବିଶେଷ କରି ଗରିବ ଅସହାୟ, ଆଦିବାସୀ ହରିଜନ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ଉପକୃତ ହେଉଥିଲେ। ବର୍ତ୍ତମାନ ଏଠାରେ ୟୁନାନୀ ଡାକ୍ତର ନାହାଁନ୍ତି। ଏଠାରେ ଡେପୁଟେସନ୍‌ରେ ଥିବା ଜଣେ ଡାକ୍ତର ୨୦୨୩ ମସିହା ଡିସେମ୍ବର ମାସରୁ ସରକାରୀ ଚାକିରୀରୁ ଅବସର ନେଇଛନ୍ତି। ତାଙ୍କ ପଦରେ କାହାକୁ ଏଠାରେ ନିଯୁକ୍ତି ଦିଆଯାଇନାହିଁ। ସେହିପରି ଦୀର୍ଘ ବର୍ଷ ଧରି ଏଠାରେ ଫାର୍ମାସିଷ୍ଟ ପଦ ଖାଲିପଡ଼ିଛି। କେବଳ ଜଣେ ୱାଚ୍‌ମ୍ୟାନଙ୍କ ଉପସ୍ଥିତିରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁଥିଲାବେଳେ ଲୋକମାନେ ଆବଶ୍ୟକୀୟ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ଡାକ୍ତରଙ୍କ ପରାମର୍ଶ ପାଇପାରୁ ନାହାଁନ୍ତି। ସ୍ଥାନୀୟ ଲୋକମାନେ ଏହାର ଘର ଏବଂ ପରିସରକୁ ନିଜ ବ୍ୟବହାରରେ ଲଗାଇଛନ୍ତି।

ଏଠାରେ ତୁରନ୍ତ ଜଣେ ଆୟୁର୍ବେଦିକ କିମ୍ବା ହୋମିଓପ୍ୟାଥି ଡାକ୍ତର ନିଯୁକ୍ତି କରିବା ସହ ଫାର୍ମାସିଷ୍ଟ ନିଯୁକ୍ତି କରାଯିବା ଉପରେ ସ୍ଥାନୀୟ ନଇଗୁଆଁର ପୂର୍ବତନ ସରପଞ୍ଚ ତଥା ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଜେଡି ନେତା ଚିତ୍ତରଞ୍ଜନ ମହାନ୍ତି ଦାବି କରିଛନ୍ତି।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**କିଶନନଗର, ୧୮।୧(ସମିସ):** କଟକ ପାରାଦ୍ୱୀପ ରାସ୍ତାର ରାମକୁମାରପୁର ନିକଟରେ ଅଜଣା ଗାଡି ଧକ୍କାରେ କିଶନନଗର ଥାନା ଅଧୀନସ୍ଥ ନାନପୁର ପାଇକଣ ଗ୍ରାମର ଆଲୋକ ଭୋଇ (୪୦)ଙ୍କ ମୃତ୍ୟୁ ହୋଇଛି। ସୂଚନାରୁ ଜଣାପଡ଼ିଛି ବୁଧବାର ବିଳମ୍ବିତ ରାତିରେ ଆଲୋକ ନିଜ ବାଇକ୍‌ରେ ନିଜ ଘର ପାଇକଣକୁ ଫେରୁଥିବା ବେଳେ ଅଜଣା ଗାଡି ରାମକୁମାରପୁର ନିକଟରେ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ ଉକ୍ତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ମେଡିକାଲ ପଠାଇ ତଦନ୍ତ ଆରମ୍ଭ କରିଛି।

# ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ନିଶ୍ଚିନ୍ତକୋଇଲି, ୧୮।୧(ସମିସ)**

ବରାଦୋ ପଞ୍ଚାୟତ ସ୍ଥିତ ପାଟପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ କୁସୁମଲତା ମହାପାତ୍ରଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଦିପ୍ତୀମୟୀ ବରାଳ, ମୁଖ୍ୟବକ୍ତା ଭାବେ ସମାଜସେବୀ ଚୌଧୁରୀ ତ୍ରୈଲୋକ୍ୟରଞ୍ଜନ ନନ୍ଦ, ସମ୍ମାନିତ ଅତିଥି ଭାବେ ସିଆରସିସି ରାଜକିଶୋର ନାୟକ, ଗୁରୁକୂଳ ସ୍କୁଲର ଅଧ୍ୟକ୍ଷ ଅଜୟ ବେହେରା, ସ୍କୁଲ ପରିଚାଳନା କମିଟି ସଭାପତି ସ୍ନେହଲତା ପଣ୍ଡା, ପ୍ରଧାନଶିକ୍ଷୟିତ୍ରୀ ସୀମା ନନ୍ଦ, ଯୁବ ସମାଜସେବୀ ବୈକୁଣ୍ଠନାଥ ସେଠୀ, ସାଗର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ମାମିନା ବେହେରାଙ୍କ ନେତୃତ୍ୱରେ କମିଟିର ସମସ୍ତ ସଭ୍ୟ ସଭ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତ ବର୍ଷ ସାଇରାମ ଭାରତୀ, ଆଶୁତୋଷ ବାରିକ, ସ୍ମୃତିରେଖା ସ୍ୱାଇଁ ଓ ଉଷାଶ୍ରୀ କର ଚାମ୍ପିଅନ ପୁରସ୍କାର ପାଇଥିଲେ। ଅମୀୟପ୍ରସାଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନ ବିହନ ଉତ୍ପାଦନ ପ୍ରଶିକ୍ଷଣ ଶିବିର

**ମାହାଙ୍ଗା, ୧୮।୧(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତରେ ଥିବା ଫୋରଏସଫୋରଆର ସିଡ ଫାର୍ମ ଉତ୍ପାଦନ କେନ୍ଦ୍ର ପରିସରରେ ଜାତୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ଜିଏକେ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉନ୍ନତମାନର ଧାନ ବିହନ ଉତ୍ପାଦନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତର ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତ୍ରିପୁରା, ମିଜୋରାମ, ନାଗାଲାଣ୍ଡ, ମଣିପୁର, ମେଘାଳୟ କୃଷି ବିଜ୍ଞାନ କେନ୍ଦ୍ରର ୨୦ଜଣ କୃଷି ବୈଜ୍ଞାନିକ ଅଟାରୀ ଜୋନର କୃଷି ଅଧିକାରୀ ଡ. ଏକେ ମହାନ୍ତିଙ୍କ ସୁପାରିଶରେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କମ୍ପାନୀର ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ବଳବନ୍ତରାୟ, ଦୀନବନ୍ଧୁ ନାୟକ, ସୂର୍ଯ୍ୟନାରାୟଣ ଦ୍ୱିବେଦୀ, ଜୟଶ୍ରୀ ରାଉତ, ହେମନ୍ତ ରାଉତ, କମଳଲୋଚନ ମଲ୍ଲ, ଧନେଶ୍ୱର ସ୍ୱାଇଁ ପ୍ରମୁଖ ଭାଗ ନେଇଥିଲେ।



# ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

**ଟାଙ୍ଗୀ, ୧୮।୧(ସମିସ):** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ବିଭିନ୍ନ କଲେଜମାନଙ୍କରେ ଓଡ଼ିଆ ଭାଷା ଭିତ୍ତିକ ବିଭିନ୍ନ ପ୍ରତିଯୋଗିତା କରାଯାଉଛି। ଏହି ପରିପ୍ରେକ୍ଷୀରେ ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନୂଆ ଓ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ.ସଚ୍ଚିଦାନନ୍ଦ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମୁଖ୍ୟଅତିଥି ଭାବେ କଲେଜର ପ୍ରତିଷ୍ଠାତା ଅଜୟ ଦେ ମୁଖ୍ୟବକ୍ତା ଭାବେ ଶିଶୁ ଚଳଚ୍ଚିତ୍ର ନିର୍ମାତା ତ୍ରିଲୋଚନ ଖୁଣ୍ଟିଆ, ସମ୍ମାନିତ ଅତିଥିଭାବେ ନେହେରୁ ଯୁବ କେନ୍ଦ୍ର କଟକର ଉପନିର୍ଦ୍ଦେଶକ ଅଶୋକ ଦାଶ, ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ପୂର୍ବତନ ସରପଞ୍ଚ ସୁବୋଧ ସାମଲ, ଶିକ୍ଷାବିତ ପର୍ଶୁରାମ ବେହେରା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା, ରମେଶ ଚନ୍ଦ୍ର ବେଉରା ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ହସ୍ତାକ୍ଷର ଓ କବିତା ଲିଖନ ପ୍ରତିଯୋଗିତା କରାଯାଇଥିଲା। ସଂସ୍କୃତି ଅଧିକାରୀ ସୀତରଶ୍ମୀ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।



# କୁଳିଆ କେଏନ୍ ବିଦ୍ୟାପୀଠର ବାର୍ଷିକ ଉତ୍ସବ





**ନିଶ୍ଚିନ୍ତକୋଇଲି, ୧୮।୧(ସମିସ):** କୋଲଣପୁର ପଞ୍ଚାୟତ କୁଳିଆ ଠାରେ ଥିବା କାଶିପୁର ମୁକ୍ତେଶ୍ୱର ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷ୍ମୀହୀରା ଲାବଣ୍ୟବତୀ ବେହେରା, ମୁଖ୍ୟବକ୍ତା ଭାବେ ଶିକ୍ଷକ ନେତା ପ୍ରେମାନନ୍ଦ ଜେନା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଗୋପବନ୍ଧୁ ସେଠୀ, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ବାରିକ, ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ସରୋଜ ପ୍ରଧାନଙ୍କ ସଂଯୋଜନାରେ ଚଳିତ ବର୍ଷ ରାଜ୍ୟସ୍ତରରେ କ୍ରୀଡ଼ାରେ ସଫଳତା ପାଇଁ ୪ ଜଣ ଛାତ୍ରଛାତ୍ରୀ ଏବଂ ବାର୍ଷିକ କ୍ରୀଡ଼ାରେ ଚାମ୍ପିଅନ ହୋଇଥିବା ଜ୍ୟୋତିରଞ୍ଜନ ବାରିକ, ଗାୟତ୍ରୀ ମୁଦୁଲି, ବିଶ୍ୱପ୍ରକାଶ ପଲେଇ ଓ ରାଣୀ ସାମଲଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ଲିନା ରାଉତଙ୍କ ନେତୃତ୍ୱରେ ଶିକ୍ଷକ ଉପେନ୍ଦ୍ର ସ୍ୱାଇଁ, ସସ୍ମିତା ପରିଡ଼ା, ସୁମିତା ପଣ୍ଡା, ସୁଶ୍ରୀ ସଙ୍ଗୀତା ମହାପାତ୍ର, ଶୁଭଲକ୍ଷ୍ମୀ ସାମଲ, ସବିତା ଲେଙ୍କା, ରାଜଲକ୍ଷ୍ମୀ ସାହୁ, ରବୀନ୍ଦ୍ର ରାଉତ, ରବୀନ୍ଦ୍ର ଗୋଛାୟତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ବ୍ୟାୟାମ, ଯୋଗ ଏବଂ ନୃତ୍ୟ, ଗୀତ ପରିବେଷଣ କରାଯାଇଥିଲା।

# ଅନ୍‌ଲାଇନ୍ ଠକାମିର ଶିକାର ହେଲେ ମହିଳା

**ସାଲେପୁର, ୧୮।୧(ସମିସ):** ପାର୍ସଲ ଠକାମୀର ଶିକାର ହୋଇଛନ୍ତି ସାଲେପୁର ଅଞ୍ଚଳର ଜଣେ ମହିଳା। ଚାରିଦିନ ତଳେ ସାଲେପୁର ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର ପ୍ରିୟଦର୍ଶିନୀ ପ୍ରଧାନଙ୍କ ନିକଟକୁ ସାଲେପୁର ବ୍ରାଞ୍ଚର ସାଡୋ ଫ୍ଲେକ୍ସ ନାମକ ଏକ ପାର୍ସଲ ଏଜେନ୍ସିରୁ ଏକ ଫୋନ୍ କଲ୍ ଆସିଥିଲା। ଏଥିରେ କୁହାଗଲା ଆପଣ ଅର୍ଡର କରିଥିବା ପାର୍ସଲ କେଉଁଠାରେ ରିସିଭ୍ କରିବେ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ପ୍ରିୟଦର୍ଶିନୀ କୌଣସି ସାମଗ୍ରୀ ପାଇଁ ଅର୍ଡର କରି ନ ଥିଲେ। ତାଙ୍କ ନିକଟକୁ କିଭଳି ଫୋନ୍ ଆସିଲା, ତାହା ଏକ ଆଶ୍ଚର୍ଯ୍ୟର କଥା। ଅପର ପକ୍ଷରେ ପ୍ରିୟଦର୍ଶିନୀ ଭାବିଲେ ଯେ କାଳେ ତାଙ୍କ ପୁଅ ଅର୍ଡର କରିଥିବ, ତେଣୁ ସେ ନିଜ ଠିକଣା ଦେଇଥିଲେ। ପାର୍ସଲକୁ ରିସିଭ୍ କଲେ ସତ ହେଲେ ପାର୍ସଲ ଭିତରେ ଚିରା ପ୍ୟାଣ୍ଟ ସାଙ୍ଗକୁ ଏକ ଚିରା କପଡ଼ା ଥିଲା। ଯାହାର ଅର୍ଡର ମୂଲ୍ୟ ଥିଲା ୫୯୯ ଟଙ୍କା। ଏହା ଦେଖି ପ୍ରିୟଦର୍ଶିନୀ ସଙ୍ଗେ ସଙ୍ଗେ ପାର୍ସଲ ଏଜେନ୍ସିର କର୍ମଚାରୀଙ୍କୁ ଅଟକାଇ ଟଙ୍କା ଫେରସ୍ତ କରିବାକୁ କହିବାରୁ ବହୁ କଷ୍ଟରେ କର୍ମଚାରୀ ଜଣକ ଟଙ୍କା ଫେରସ୍ତ କରି ପାର୍ସଲଟିକୁ ନେଇଯାଇଥିଲେ। ସୂଚନା ମୁତାବକ ମହିଳା ଜଣକ ଅର୍ଡର କରି ନ ଥିବା ବେଳେ ତାଙ୍କ ପାଖକୁ କିଭଳି ପାର୍ସଲ ଏଜେନ୍ସିରୁ ଫେକ୍ ଫୋନ୍ ଆସିଲା, ତାହା ତଦନ୍ତ ସାପେକ୍ଷ। ଏହି ଘଟଣାର ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ସାମନାକୁ ଆସିବ ଓ ଆଗାମୀ ଦିନରେ କେହି ପାର୍ସଲ ଠକାମୀର ଶିକାର ହେବେ ନାହିଁ ବୋଲି ମହିଳା ଜଣକ ପ୍ରକାଶ କରିଛନ୍ତି।



# ରାଜ୍ୟସ୍ତରୀୟ ମରିଚିଆ ଫୁଟବଲ କପ; ସେମିରେ ବୋଧପୁର

**ବାରଙ୍ଗ, ୧୮।୧(ସମିସ)**



ବାରଙ୍ଗ ମରିଚିଆ ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ମରିଚିଆ କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବୋଧପୁର କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ୟୁଥ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ୨୮ତମ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ବଛା ବଛା ୧୬ଟି ଅଂଶଗ୍ରହଣ କରିଛନ୍ତି। ପ୍ରଥମ ପ୍ରିକ୍ୱାଟର ଫାଇନାଲ ମ୍ୟାଚ ବରାହୀପୁର କ୍ଲବ ସହିତ ନରଣପୁର କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ନରଣପୁର କ୍ଲବ ୧-୦ ଗୋଲରେ ବରାହୀପୁରକୁ ହରାଇ କ୍ୱାର୍ଟର ଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଥିବା ବେଳେ ଦ୍ୱିତୀୟ ପ୍ରିକ୍ୱାଟର ମ୍ୟାଚଟି ପ୍ରତାପନଗରୀ କ୍ଲବ, ସହିତ ବୋଧପୁର କ୍ଲବ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଟାଏବ୍ରେକର ଜରିଆରେ ବୋଧପୁର କ୍ଲବ ୫-୪ ଗୋଲରେ ପ୍ରତାପନଗରୀକୁ ହରାଇ ସେ ମଧ୍ୟ କ୍ୱାଟର ଫାଇନାଲ ପ୍ରବେଶ କରିଥିଲା। ପରେ ପରେ ବୋଧପୁର ସହିତ ନରଣପୁର କ୍ଲବ ମଧ୍ୟରେ କ୍ୱାଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା। ହଜାର ହଜାର ସଂଖ୍ୟାରେ ଦର୍ଶକ ଖେଳକୁ ଉପଭୋଗ କରିଥିଲେ। ଏଥିରେ ବୋଧପୁର ଦଳ ୩-୦ ଗୋଲରେ ନରଣପୁରକୁ ହରାଇ ଦ୍ୱିତୀୟ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ମୁଖ୍ୟଅତିଥିଭାବେ ଦାଢାପାଟଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ତପନ ସେଠୀ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ବସନ୍ତ ମହାପାତ୍ର ଓ ମରିଚିଆ ଗ୍ରାମ କମିଟିର ସଭାପତି ରୋହିତ ରାଉତଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ, ସଭ୍ୟା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ୟୁଥ ସ୍ପୋର୍ଟସ କ୍ଲବ ମରିଚିଆର ସଭାପତି ତପନ କୁମାର ଚକ୍ରବର୍ତ୍ତୀ ଓ କ୍ଲବର ସମସ୍ତ ସଦସ୍ୟମାନେ ଏହି ଟୁର୍ଣ୍ଣାମେଣ୍ଟର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ମ୍ୟାଚ ଗୁଡ଼ିକୁ ରେଫେରୀ ଦୈତାରୀ କାରୁଆ, ପ୍ରଦିପ୍ତ ମହାନ୍ତି, ଜିତୁ ଦାସ ପରିଚାଳନା କରିଥିବାବେଳେ ରଙ୍କନିଧି ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ତିଗିରିଆ, ୧୮।୧(ସମିସ):** ତିଗିରିଆ ବ୍ଲକ ଅଧୀନ ପାଞ୍ଚଗାଁ ମିନି ଷ୍ଟାଡିୟମ ଠାରେ ପାଞ୍ଚଗାଁ ଆଞ୍ଚଳିକ ଆଥେଲେଟିକ ଆସୋସିଏସନ ଦ୍ୱାରା ଆୟୋଜିତ ୧ମ ଅକ୍ଷୟ ମଲ୍ଲିକ ଓ ସଦାଶିବ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଢେଙ୍କାନାଳର ପପୁଲାର କ୍ଲବକୁ ୫-୩ ଗୋଲ ବ୍ୟବଧାନରେ ପରାସ୍ତ କରି ଆଠଗଡ଼ ଫୁଟବଲ କ୍ଲବ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳରେ ଅତିଥି ରୂପେ ପାଞ୍ଚଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ନିରନ ଦଳେଇ, ଆଇନଜୀବୀ ସୁରେଶ ସାହୁ, ମୋହନ ପ୍ରଧାନ, ପ୍ରଦ୍ୟୁମ୍ନ ଦାଶ, ଜିତେଶ ପ୍ରଧାନ ପ୍ରମୁଖ ଯୋଗଦେଇ ଉଭୟ ଦଳରେ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରୀ ଅରୁଣ ନାୟକ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଦେବରାଜ ସ୍ୱାଇଁ ଓ ସର୍ବେଶ୍ୱର ସେଠୀ ସହଯୋଗ କରିଥିଲେ।

# ନରସିଂହପୁରରେ ଜାତୀୟ ଦକ୍ଷତା ଦିବସ

**ନରସିଂହପୁର, ୧୮।୧(ସମିସ):** ଭାରତ ସରକାରଙ୍କ ନେହେରୁ ଯୁବକେନ୍ଦ୍ର କଟକ ଜିଲ୍ଲା ଆନୁକୂଲ୍ୟରେ ଜାତୀୟ ଦକ୍ଷତା ଦିବସ ପାଇକପଡ଼ାପାଟଣା ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରଫେସର କୁଳମଣି ବାରିକ, ମୁଖ୍ୟବକ୍ତା ଯୁବ ଉଦ୍ୟୋଗୀ ସରୋଜ କୁମାର ସାହୁ, ମହିଳା ସଂଗଠିକା ଗୋଲାପରାଣୀ ପାତ୍ର, ଅନ୍ନପୂର୍ଣ୍ଣା ପଟ୍ଟନାୟକ ଅତିଥିଭାବେ ଯୋଗଦେଇଥିଲେ। ମା' ତାରିଣୀ ମହିଳା ଓ ଶିଶୁ ବିକାଶ କେନ୍ଦ୍ରର ସଭାପତି ଦେବଦତ୍ତ ମଳୟ କୁମାର ବରାଳଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଓ ଚାନ୍ଦୁଆ ପ୍ରଦର୍ଶିତ ହୋଇଥିଲା। ଏଥିରେ ୨୦ଜଣ ଯୁବକ ଯୁବତୀ ଓ ୩୦ ଜଣ ମହିଳା ବିଭିନ୍ନ ବର୍ଗର ଯୋଗଦେଇଥିଲେ।

## ଡାହାଣୀ ସନ୍ଦେହରେ ମହିଳାଙ୍କୁ ଦୁଷ୍କର୍ମ, ହତ୍ୟା

**ବାରିପଦା,୧୮ ।୧(ସମିସ):** ଡାହାଣୀ ସନ୍ଦେହରେ ଜଣେ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ନେଇ ଝାରପୋଖରିଆ ଥାନାରେ ଅଭିଯୋଗ ହୋଇଛି । ମୃତ ମହିଳା ହେଲେ, ଲହଣ୍ଡାକୋଚା ଗାଁର ବୋଲାଇ ମୁର୍ମୁଙ୍କ ସ୍ତ୍ରୀ ମିନତି । ଏ ସଂପର୍କରେ ବୋଲାଇ ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଗତ ବିଳମ୍ବିତ ରାତିରେ ବୋଲାଇଙ୍କ ଭାଇ ଓ ପୁତୁରା ମିଳିତ ଭାବେ ଏକ ଟାଙ୍ଗିଆରେ ମିନତିଙ୍କୁ ହାଣି ହତ୍ୟା କରିଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି । ଆଜି ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା । ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏହି ଘଟଣାରେ ପୁଲିସ ଜଣକୁ ଅଟକ ରଖି ପଚରାଉଚରା ଚଳାଇଛି । ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ କହିଛନ୍ତି, ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି ।

## ପୁଲିସ ପଞ୍ଝାରେ ୮ ଏଟିଏମ ଲୁଟେରା

**ବାଲେଶ୍ୱର,୧୮ ।୧(ସମିସ):** ବାଲେଶ୍ୱର ଜିଲ୍ଲା ପୁଲିସ୍‌କୁ ଗୋଟିଏ ବଡ଼ ସଫଳତା ମିଳିଛି । ବାଲେଶ୍ୱର ଓ ମୟୂରଭଞ୍ଜରେ ଏଟିଏମ୍ ମେସିନ୍ କାଟି ଟଙ୍କା ଲୁଟୁଥିବା ଏକ ଗ୍ୟାଙ୍ଗ୍‌କୁ ପୁଲିସ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ, ସଞ୍ଜୟ କୁମାର ଜେନା (୨୧), ଧର୍ମେନ୍ଦ୍ର ବାରିକ(୨୨), କାଳନ୍ଦୀ ବୈଠା(୩୭), ରାକେଶ ସାହୁ(୨୬), ବାଦଲ ମାଝୀ (୬୦), ଦିବ୍ୟାଙ୍ଗ ବିଜୟ ଦାସ(୩୦), ଧର୍ମପଦ ଦାସ(୨୩) ଓ ମନୋରଞ୍ଜନ ନାୟକ ।



- ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଦିବ୍ୟାଙ୍ଗ
- ତେଲଙ୍ଗା କଟୁରୀ, ଗ୍ୟାସ୍ ସିଲିଣ୍ଡର ସହ ବିଭିନ୍ନ ସାମଗ୍ରୀ ଜବତ

ଏମାନଙ୍କ ଘର ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର, ରେମୁଣା ଏବଂ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଥାନା ଅଞ୍ଚଳରେ । ଆଜି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କଠାରୁ ବିଭିନ୍ନ ମାରଣାସ୍ତ୍ର ସମେତ ଲୁଟ୍‌ରେ ବ୍ୟବହୃତ ଗ୍ୟାସ୍ କଟର୍, ଟାଙ୍କି, ତେଲେଙ୍ଗା କଟୁରି, ୮ ଟି ମୋବାଇଲ ସହ ବିଭିନ୍ନ ଯନ୍ତ୍ରପାତି ଜବତ ହୋଇଛି । ଗତ ନଭେମ୍ବରରେ ରସାଲପୁର ଏବଂ ଚଳିତ ମାସରେ ରେମୁଣା ଥାନା ଅର୍ନ୍ତଗତ ଦୁର୍ଗାଦେବୀ ଏବଂ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅର୍ନ୍ତଗତ କୁଆମରା ଅଞ୍ଚଳରେ ହୋଇଥିବା ଏଟିଏମ୍ ଲୁଟ୍ ଘଟଣାରେ ଏମାନଙ୍କ ସଂପୃକ୍ତି ରହିଛି ବୋଲି ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି । ଏ ନେଇ ସଦର ଥାନା ଏବଂ ରେମୁଣା ଥାନାରେ ଦୁଇଟି ମାମଲା ମଧ୍ୟ ରୁଜୁ ହୋଇଛି ।

ଗତବର୍ଷ ନଭେମ୍ବର ୨୮ ତାରିଖରେ ରସାଲପୁର, ଚଳିତ ମାସ ୪ ତାରିଖରେ ରେମୁଣା ଥାନା ଅର୍ନ୍ତଗତ ଦୁର୍ଗାଦେବୀ ମାର୍କେଟ ଏବଂ ୬ ତାରିଖରେ ମୟୂରଭଞ୍ଜ ଜିଲ୍ଲା ଖୁଂଟା ଥାନା ଅର୍ନ୍ତଗତ କୁଆମ ଠାରେ ଥିବା ଏଟିଏମ୍ ମେସିନ୍‌ରୁ ଲୁଟ୍ ଉଦ୍ୟମ କରିଥିଲେ । ଲୁଟେରାମାନେ ଗ୍ୟାସ୍ କଟର୍ ସାହାଯ୍ୟରେ ଏଟିଏମ୍ ମେସିନ୍ ତାଡ଼ି ଟଙ୍କା ଲୁଟିବାକୁ ଚେଷ୍ଟା କରିଥିଲେ । ଏ ସଂପର୍କରେ ସଂପୃକ୍ତ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଥାନାରେ ଅଭିଯୋଗ ହେବାରୁ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏସ୍‌ପିଙ୍କ ନିର୍ଦ୍ଦେଶରେ ସଦର ଏସଡିପିଓ ଏବଂ ନୀଳଗିରି ଏସଡିପିଓଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଏହାର ତଦନ୍ତ କରୁଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଦର ଏସଡିପିଓ ଡ. ଶଶାଙ୍କ ଶେଖରା ବେହୁରିଆ, ନୀଳଗିରି ଏସଡିପିଓ ସରୋଜ କୁମାର ଉପାଧ୍ୟାୟ, ରେମୁଣା ଥାନା ଅଧିକାରୀ ଆର୍ତତ୍ରାଣ ସେଠୀ, ସଦର ଥାନା ଅଧିକାରୀ ଜୟନ୍ତ କୁମାର ବେହେରା, ଏଏସଆଇ ବବି ମିଶ୍ର ଉପସ୍ଥିତ ଥିଲେ ।

## ରାମ ମନ୍ଦିରର ୬ ଡାକ ଟିକଟ ଜାରିକଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୧୮ ।୧ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ନୂଆଦିଲ୍ଲୀରେ ଶ୍ରୀରାମ ଜନ୍ମଭୂମି ମନ୍ଦିରର ୬ଟି ସ୍ମାରକ ଡ଼ାକ ଟିକଟ ଜାରି କରିଛନ୍ତି । ଏହା ମଧ୍ୟରେ ଭଗବାନ ଗଣେଶ, ହନୁମାନ, ଜଟାୟୁ ମାଆ ଶବରୀଙ୍କ ଟିକଟ ସାମିଲ ରହିଛି । ପ୍ରଧାନମନ୍ତ୍ରୀ ମୋଟ ଏହା ସହିତ ସାରା ବିଶ୍ୱରେ ଭଗବାନ ରାମଙ୍କ ଉପରେ ଜାରି ହୋଇଥିବା ଡ଼ାକ ଟିକଟର ପୁସ୍ତକ ଉନ୍ମୋଚନ କରିଛନ୍ତି । ଏହି ପୁସ୍ତକରେ ଜାତିସଂଘ, ଆମେରିକା, ନ୍ୟୁଜିଲାଣ୍ଡ, ସିଙ୍ଗାପୁର, କାନାଡ଼ା ଭଳି ୨୦ରୁ ଅଧିକ ଦେଶର ଟିକଟ ସାମିଲ ରହିଛି । ଏହି ଅବସରରେ ମୋଦୀ ଦେଶବିଦେଶର ରାମଭକ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ସ୍ମାରକ ଡ଼ାକ ଟିକଟ ଯୁବପିଢ଼ୀଙ୍କୁ ଭଗବାନ ରାମ ଏବଂ ତାଙ୍କ ଜୀବନୀ ସମ୍ପର୍କରେ ତଥ୍ୟ ପ୍ରଦାନ କରିବ । ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ପ୍ରଭୂ ଶ୍ରୀରାମଙ୍କ ଉପରେ ଆଧାରିତ ଓଡ଼ିଆ ଭଜନକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି । ଏହି ଗୀତ 'ଅଯୋଧ୍ୟା ନଗରୀ ନାଚେ ରାମଙ୍କୁ ପାଇ'କୁ ନମିତା ଅଗ୍ରୱାଲ ଗାଇଛନ୍ତି । ସରୋଜ ରଥ ସଙ୍ଗୀତ ରଚନା କରିଛନ୍ତି । ମୋଦୀ କହିଛନ୍ତି ଯେ ଭାରତର ପ୍ରତ୍ୟେକ ପ୍ରାନ୍ତରେ ପ୍ରଭୁ ଶ୍ରୀରାମଙ୍କ ପ୍ରତି ଭକ୍ତି ରହିଛି । ପ୍ରତ୍ୟେକ ଭାଷାରେ ଭଗବାନ ରାମଙ୍କୁ ସମର୍ପିତ ଅନେକ ଭଜନ ଦେଖିବାକୁ ମିଳିବ ।

## ଘରେ ନିଆଁଲାଗି ୫ ଜୀବନ୍ତ ଦଗ୍ଧ

**ନୂଆଦିଲ୍ଲୀ, ୧୮ ।୧ (ଏଜେନ୍ସି):** ଦିଲ୍ଲୀର ପିତମପୁରା ଅଞ୍ଚଳର ଏକ ଘରେ ଗୁରୁବାର ରାତିରେ ନିଆଁ ଲାଗିଯାଇଛି । ଏହି ଦୁର୍ଘଟଣାରେ ୫ ଜଣ ଲୋକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ଆଉ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ୮ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଛି । ଏବେ ତଲାସୀ ଅଭିଯାନ ଜାରି ରହିଛି । ପୁଲିସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ ।


**MODERN PUBLIC SCHOOL**
MEGHADAMBARU, BALASORE-756056, ODISHA
A CBSE Affiliated School Invites Application for the following Posts for the Session 2024-2025

| POST | SUBJECT | QUALIFICATION |
|---|---|---|
| PGT | MATHS, PHY, CHEM, BIO, ENG | M.Sc./M.A with M.Ed or B.Ed |
| TGT | MATHS, PHY, CHEM, BIO, SST (GEO), ENG, HINDI | M.Sc./M.A/B.Sc./B.A with B.Ed |
| | COMPUTER SCIENCE | MCA or Equivalent |
| PRT | MATHS, EVS, SST, ENG | M Sc./M.A/B. Sc./B.A with B.Ed/D.EL.Ed. |
| PRE-PRT | Pre-Primary Teacher (Mother Teacher) | Graduate with NTT |
| LAB ASST. | COMPUTER SCIENCE | MCA/BCA or Equivalent |
| HOSTEL WARDEN (MALE / FEMALE) | | B.Sc/B.Com/B.A. Ex -Serviceman/Retired Military person is preferred. |

Preference will be given to candidates with good academic records, good communication skills and work experience. **Last date of Application : 24.01.2024**. Only shortlisted Candidates will be called for interview through WhtsApp/E-mail or Phone call by 27.01.2024. A written test will be conducted on 28.01.2024 (Sunday) at 9:00 AM followed by viva-voce (Applicable for Qualified Candidates in Written Test). Salary is as per Govt. Scale or Negotiable. Email : modern.public@gmail.com.
For any Query, Contact : 90789 66640 (4:00 PM to 8:00 PM). PRINCIPAL


## ଝାଡୁ ଓ ଷ୍ଟ୍ରବେରୀ ପରେ ବଜାରକୁ ଆସୁଛି କୋଟିଆ ମହୁ

**କୋରାପୁଟ,୧୮ ।୧(ସମିସ):** ଓଡ଼ିଶା-ଆନ୍ଧ୍ର ସୀମା କୋଟିଆ ଅଞ୍ଚଳରୁ ଉତ୍ପାଦିତ ଝାଡୁ ଓ ଷ୍ଟ୍ରବେରୀ ପରେ ଏବେ ବଜାରରେ ମିଳିବାକୁ ଯାଉଛି କୋଟିଆ ମହୁ । ଓରମାସ, ଉଦ୍ୟାନ କୃଷି ବିଭାଗ ଓ ଲକ୍ଷ୍ନୌସ୍ଥିତ ଏନବିଆରଆଇ ସହଯୋଗରେ କୋଟିଆ ପଞ୍ଚାୟତର ମାଥାଲାମ୍ବରେ ମହୁ ଉତ୍ପାଦନ କରିବାରେ ସଫଳ ହୋଇଛନ୍ତି ହନି ଉତ୍ପାଦକ ଗ୍ରୁପ । କିଲୋ ପ୍ରତି ବର୍ତ୍ତମାନ ୩୫୦ ଟଙ୍କାରେ ବିକ୍ରି ଆରମ୍ଭ ହୋଇଥିବା ବେଳେ ଆସନ୍ତା ଦିନରେ ଏହାକୁ ବିଶ୍ୱ ବଜାରରେ ପ୍ରବେଶ କରାଯିବ । କୋରାପୁଟର ଅନ୍ୟ ଉତ୍ପାଦ ପରି ଏହି ଉତ୍ପାଦକୁ ମଧ୍ୟ ଫ୍ଲିପ୍‌କାର୍ଟ, ଆମାଜନ୍ ଭଳି ଇ-କମର୍ସ ସାଇଟ୍‌ରେ ଉପଲବ୍ଧ କରାଯିବ । ଏନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ଚାଲିଛି । ଗତବର୍ଷ ମିଶନ ଶକ୍ତି, ଓର୍‌ମାସ ଓ ଏନବିଆରଆଇ ମହୁ ଚାଷ ସମ୍ପର୍କିତ ଚାରିଦିନିଆ କର୍ମଶାଳା ଆୟୋଜନ କରିଥିଲା । ଏଥିରେ କୋରାପୁଟ, ଦଶମନ୍ତପୁର, ସେମିଳିଗୁଡ଼ା, ପଟାଙ୍ଗି, ଲମତାପୁଟ ଓ ବୈପାରୀଗୁଡ଼ା ବ୍ଲକର ୪୦ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଯୋଗଦେଇଥିଲେ । ଡିସେମ୍ବର ମାସରେ ପ୍ରତି ବ୍ଲକକୁ ଭାଗ କରି ୨୦୦ ମହୁ ବାକ୍ସ ପ୍ରଦାନ କରାଯାଇଥିଲା । ଅନ୍ୟ ବ୍ଲକରେ ଏବେ ମହୁ ଅମଳ ଚାଲିଥିବା ବେଳେ ପଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତ ଅନ୍ତର୍ଗତ ମାଥଲାମ୍ବର ମହିଳା ଉତ୍ପାଦନ ଗୋଷ୍ଠୀ ସିଂହ ଭାଗ ମହୁ ଉତ୍ପାଦନ କରିଥିଲେ । ଦଶମନ୍ତପୁର ବ୍ଲକ ଝଲାଗୁଡ଼ାର ମହିଳାମାନେ ମଧ୍ୟ ଉତ୍ପାଦନରେ ପଛରେ ପଡ଼ିନାହାନ୍ତି ।



### କୋଲାବ ଉତ୍ପାଦ ମାର୍କାରେ ହେବ ବିକ୍ରି

ଏ ସଂପର୍କରେ ଓରମାସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋଶନ କାର୍ତ୍ତିକ କହିଛନ୍ତି ଯେ କୋଲାବ ଉତ୍ପାଦ ମାର୍କା (ବ୍ରାଣ୍ଡ) ରେ ମହୁ ବଜାରରେ ପ୍ରବେଶ କରିବ । ଏହା ପୂର୍ବରୁ ମଧ୍ୟ କୋରାପୁଟରେ ମହୁ ମିଳୁଥିଲା । କିନ୍ତୁ ବର୍ତ୍ତମାନ କୋଟିଆର ମାଥଲାମ୍ବରୁ ଉତ୍ପାଦିତ ହୋଇଛି । ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଉତ୍ପାଦକ ଗୋଷ୍ଠୀ ଏହାକୁ ଉତ୍ପାଦନ କରିଛନ୍ତି । ତେଣୁ ଏହାର ଚାହିଦା ବଢ଼ିବ ବୋଲି ଆଶା କରାଯାଉଛି । ମହୁ କିଲୋ ପିଛା ୩୫୦ଟଙ୍କାରେ ବିକ୍ରି କରିବାକୁ ଯୋଜନା କରାଯାଇଛି । ଆସନ୍ତା ଦିନରେ ଏହାର ମୂଲ୍ୟ ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି ।


**PRAYASH VIDYAMANDIR**
TANDARA, KOREI, JAJPUR

Join Us ! WE ARE HIRING |

PRAYASH VIDYA MANDIR a CBSE school committed to academic excellence, state-of-the-art facilities with an outstanding learning environment, invites APPLICATION from trained and experienced candidates with bright academic career, proficiency in co-curricular activities, proficiency in computer, excellent communication skills for the following posts.

**TEACHING**
1. PGT/TGT: All subjects
2. ART & CRAFT TEACHER
3. DANCE / MUSIC TEACHER (FEMALE)
4. YOGA TEACHER
5. IT/COMPUTER SCIENCE TEACHER

**PRINCIPAL/VICE-PRINCIPAL**

**NON-TEACHING**
1. Front office Executive / Receptionist
2. Librarian
3. Data Entry Operator / DTP
4. Lab Assistant
5. Nurse
6. Hostel Warden / Supervisor
7. Student Counsellor
8. HR Manager

Qualification & Experience strictly as per CBSE Norms. *Salary as per the Central Government [Kendriya Vidyalaya/ Navodaya Vidyalaya Samiti (NVS)] Scale.* Eligible candidates may apply by sending their BIODATA/ Resume to *vidyamandirprayash@gmail.com* on or before 30/01/2024. Only shortlisted candidates will be called for interview.







## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୧୯ ● ପାଉଣ୍ଡ ୧୦୫.୨୧
- ୟୁରୋ ୯୦.୭୯ ● ୟେନ୍ ୦.୫୬

## ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୭୦୦ (ନୂଆଦିଲ୍ଲୀ)
- ରୁପା : ୭୫,୯୦୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୧,୬୮୬.୦୦
- ନିଫ୍ଟି ୨୧,୪୬୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



### ସୁନ୍ଦରଗଡ଼ରେ ୧୬୦୦ ମେଗାୱାଟ୍‌ର ତାପଜ ବିଦ୍ୟୁତ୍ ପ୍ଲାଣ୍ଟ ପ୍ରତିଷ୍ଠା ପ୍ରସ୍ତାବ

# ଇକ୍ୟୁଟି ନିବେଶକୁ ମଞ୍ଜୁରୀ

**ଏସ୍‌ଇସିଏଲ୍, ଏମ୍‌ସିଏଲ୍ ସ୍ଥାପନ କରିବେ କାରଖାନା**

**ନୂଆଦିଲ୍ଲୀ,୧୮ା୧(ଏଜେନ୍ସି)**

ମହାନଦୀ ବେସିନ୍ ପାୱାର୍ ଲିମିଟେଡ୍ (ଏମବିପିଏଲ) ଜରିଆରେ ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ପକ୍ଷରୁ ସୁନ୍ଦରଗଡ଼ରେ ୧୬୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ତାପଜ ବିଦ୍ୟୁତ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଗୁରୁବାର ଦୁଇଟି ତାପଜ ବିଦ୍ୟୁତ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଇକ୍ୟୁଟି ନିବେଶ ପ୍ରସ୍ତାବକୁ ମଞ୍ଜୁର କରିଛି। ପ୍ରଥମ



ପ୍ରକଳ୍ପ ଭାବେ ସାଉଥ୍ ଇଷ୍ଟର୍ଣ୍ଣ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏସଇସିଏଲ) ଏବଂ ଏମପିପିଜିସିଏଲର ଯୌଥ ଉଦ୍ୟୋଗ ଆକାରରେ ୧୦୬୬୦ ମେଗାୱାଟ୍ ତାପଜ ବିଦ୍ୟୁତ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଏଠାରେ ସୂଚନାଯୋଗ୍ୟ ଯେ, ଏମବିପିଏଲ୍ ହେଉଛି ଏମସିଏଲର ଏକ ସହଯୋଗୀ କମ୍ପାନୀ।

ଏମବିପିଏଲ୍ ଜରିଆରେ ଆନୁମାନିକ ୧୫,୯୪୭ କୋଟି ଟଙ୍କା (୨୦% ସଠିକତା)ର ପ୍ରକଳ୍ପ ପୁଞ୍ଜିବ୍ୟୟ ସହିତ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ପ୍ରସ୍ତାବିତ ୨୦୮୦୦ ମେଗାୱାଟ୍ ସୁପର୍ କ୍ରିଟିକାଲ ତାପଜ ବିଦ୍ୟୁତ କେନ୍ଦ୍ର ପାଇଁ ଏମସିଏଲ ଦ୍ୱାରା ୪,୭୮୪ କୋଟି ଟଙ୍କାର ଇକ୍ୟୁଟି ପୁଞ୍ଜିନିବେଶ ହେବ। ୨୦୮୦୦ ମେଗାୱାଟ୍ ସୁପର-କ୍ରିଟିକାଲ୍ ତାପଜ ବିଦ୍ୟୁତ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଏମସିଏଲର ଏସପିଭି ଏମବିପିଏଲକୁ ଅନୁମତି। କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍) ଦେଶକୁ ଶସ୍ତା ବିଜୁଳି ଯୋଗାଇବା ଉଦ୍ଦେଶ୍ୟରେ ଏହାର ସହାୟକ ସଂସ୍ଥା ଜରିଆରେ ଦୁଇଟି ପିଟ୍ ହେଡ୍ ତାପଜ ବିଦ୍ୟୁତ ପ୍ଲାଣ୍ଟ ସ୍ଥାପନ କରିବ।

# ବଜାଜ୍ ଆଣିଲା କାର୍ଗୋ ଇଲେକ୍ଟ୍ରିକ୍ ତିନିଚକିଆ ଯାନ

**ଭୁବନେଶ୍ୱର, ୧୮ା୧(ସମିସ):** କମ୍ପାନୀ ବଜାଜ୍ ଅଟୋ ଲିମିଟେଡ୍ ଭୁବନେଶ୍ୱର ଏବଂ କଟକଠାରେ ଏହାର କାର୍ଗୋ ଇଲେକ୍ଟ୍ରିକ୍ ତିନିଚକିଆ ଯାନ-ଏକ୍ସଏଲ୍ କାର୍ଗୋ ଇ-ଟେକ୍ ୧୨.୦କୁ ଉନ୍ମୋଚିତ କରିଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମେୟର୍ ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ବଜାଜ୍ ଅଟୋର ମ୍ୟାନେଜର ସେଲ୍ସ ଡି.କେ. ଦ୍ୱିବେଦୀ, ମ୍ୟାନେଜର ସର୍ଭିସ୍ ସ୍ୱଦେଶ ନାୟକ, ଚନ୍ଦନ ମହାପାତ୍ର ଏବଂ ମ୍ୟାନେଜର ଆନ୍ତଃସହର ବ୍ୟବସାୟ ଅନନ୍ତ ପଣ୍ଡାଙ୍କ ଉପସ୍ଥିତିରେ ଇ-ଯାନର ଉନ୍ମୋଚନ କରାଯାଇଥିଲା। ଏହାର ବଜାର ମୂଲ୍ୟ (ଏକ୍ସ ଶୋ' ରୁମ୍ ଭୁବନେଶ୍ୱର ଓ କଟକ) ୩,୯୭,୮୩୩ ଟଙ୍କା ରହିଛି। ବଜାଜ୍ କାର୍ଗୋ ଇଲେକ୍ଟ୍ରିକ୍ ତିନିଚକିଆ ଯାନ ଏହାର ଆର୍ ଆଣ୍ଡ ଡି




ସେଣ୍ଟରରେ ତିଆରି ଏବଂ ଡିଜାଇନ୍ ହେବା ସହିତ କମ୍ପାନୀର ୱାଲୁଜ୍ ସ୍ଥିତ ପ୍ଲାଣ୍ଟରେ ନିର୍ମାଣ କରାଯାଇଛି। ନୂତନ ଯାନଗୁଡିକ ଉଚ୍ଚ କ୍ଷମତା ସମ୍ପନ୍ନ ଭାର ଉଠାଇବାର କ୍ଷମତା ସହିତ ସ୍ଥାୟୀତ୍ୱ ପାଇଁ ପାଇଁ ଡିଜାଇନ୍ କରାଯାଇଛି। କାର୍ଗୋ ଇଲେକ୍ଟ୍ରିକ୍ ତିନିଚକିଆ ଯାନଗୁଡିକ ଆଇପି୬୭;ରେଟେଡ୍ ଉନ୍ନତ ଲି-ଆୟନ ବ୍ୟାଟେରି, ଟୁ-ସ୍ପିଡ୍ ଅଟୋମେଟିକ୍ ଟ୍ରାନ୍ସମିସନ୍ ଏବଂ ଏକ ସ୍ଥାୟୀ ଚୁମ୍ବକୀୟ ସିଙ୍କ୍ରୋନସ୍(ପିଏମ୍‌ଏସ୍) ମୋଟର ସହିତ ସଜ୍ଜା ହୋଇଛି ଯାହାକି ଯାନଗୁଡିକୁ ଏକ ଉତ୍କୃଷ୍ଟ ପରିସର ପ୍ରଦାନ କରିବାକୁ ସକ୍ଷମ କରିଥାଏ। ଏହା ଯେକୌଣସି ୧୬-ଏଏମ୍‌ପି,୨୨୦ ଇଲେକ୍ଟ୍ରିକାଲ୍ ଆଉଟ୍‌ଲେଟ୍‌ରରେ ବ୍ୟାଟେରି ଚାର୍ଜ କରିପାରିବ।

# ରଘୁନାଥପୁରରେ ଇଭୋସ୍ ବିଲ୍ଡକନ୍ ନିର୍ମାଣ କରିବ ୪୨ ମହଲା




**ଭୁବନେଶ୍ୱର, ୧୮ା୧(ସମିସ):** ଇଭୋସ୍ ବିଲ୍ଡକନ୍ ଭୁବନେଶ୍ୱରର ରଘୁନାଥପୁରଠାରେ ଏହାର ନୂତନ ବାସଗୃହ ପ୍ରକଳ୍ପ ଘୋଷଣା କରିଛି। ପ୍ରଖ୍ୟାତ ଆର୍କିଟେକ୍ଟ ସଞ୍ଜୟ ପୁରୀଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ଏହି ବିଳାସପୂର୍ଣ୍ଣ ପ୍ରକଳ୍ପ ଫୋର୍ବ୍ସ ପତ୍ରିକାରେ ପ୍ରକାଶିତ। ଏହି ପ୍ରକଳ୍ପ ୪୨ ମହଲା ବିଶିଷ୍ଟ ଚାରି ଟାୱାର ଏବଂ ୨୮.୫ ଲକ୍ଷ ବର୍ଗଫୁଟ ଅଞ୍ଚଳରେ ପରିବ୍ୟାପ୍ତ। ସିଙ୍ଗାପୁରର ଟେକ୍ଟୋନିକ୍ସର ଲ୍ୟାଣ୍ଡସ୍କେପ ଆର୍କିଟେକ୍ଟମାନେ ଏହି ପ୍ରକଳ୍ପରେ ପ୍ରକୃତିକୁ ଐଶ୍ୱର୍ଯ୍ୟ ସହିତ ନିରବଚ୍ଛିନ୍ନ ଭାବରେ ମିଶ୍ରଣ କରି ଏକ ଅତୁଳନୀୟ ଜୀବନ୍ତ ଅନୁଭୂତି ସୃଷ୍ଟି କରିଛନ୍ତି। ଏହି ପ୍ରକଳ୍ପରେ ୩ ଓ ୪ ବେଡରୁମ୍ ବିଶିଷ୍ଟ ଆବାସିକ ଘର ରହିଛି। ଏଥିରେ ଲ୍ୟାଣ୍ଡସ୍କେପ୍ ପୋଡିୟମ ଡେକ୍, କଲ୍ୟାଣ ପୁଲ୍, ଯୋଗ ଡେକ୍, ସାମାଜିକ ମଣ୍ଡପ, ଚେସ୍ କୋର୍ଟ ଏବଂ ବୁଲେୱାର୍ଡ ବ୍ରିଜ୍ ଆଦି ରହିବ। ଏହାବ୍ୟତୀତ ଫିଟନେସ୍ ସେଣ୍ଟର, ଥିଏଟର, ଇନ୍‌ଡୋର ପ୍ଲେ ଏରିଆ, କିଡ୍ସ ପ୍ଲେ ରୁମ୍,ଲାଇବ୍ରେରୀ ଏବଂ କୋ-ୱାର୍କିଂ ସ୍ପେସ୍ ଆଦି ରହିବ ଯାହା ଏହାର ବାସିନ୍ଦାଙ୍କୁ ଏକ ଶାନ୍ତ ଓ ସୌନ୍ଦର୍ଯପୂର୍ଣ୍ଣ ଅନୁଭୂତି ପ୍ରଦାନ କରିବ ବୋଲି ଇଭୋସ୍ ଏମ୍‌ଡି କଳିଙ୍ଗକେଶରୀ ରଥ କହିଛନ୍ତି।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଆଲୋକୀକରଣ ଓ ସୌନ୍ଦର୍ଯ୍ୟକରଣରେ ଟିପିସିଓଡିଏଲ୍

**ଭୁବନେଶ୍ୱର,୧୮ା୧(ସମିସ):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ପୁରୀ ଜଗନ୍ନାଥ ଐତିହ୍ୟ କରିଡର୍ ପାଇଁ ଆଲୋକୀକରଣର ବ୍ୟବସ୍ଥା କରାଯାଇଛି। ପୁରୀକୁ ଆସୁଥିବା ଭକ୍ତଙ୍କ ପାଇଁ ଭିତିଭୂମିରେ ଉନ୍ନତି ଆଣିବା ଲକ୍ଷ୍ୟ ରଖି ଏହି ପ୍ରମୁଖ ପ୍ରକଳ୍ପକୁ ପ୍ରସ୍ତୁତ କରାଯାଇଛି। ଏହି ଐତିହ୍ୟ ପ୍ରକଳ୍ପରେ



ବିଦ୍ୟୁତ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ବହୁ ବିକାଶମୂଳକ କାର୍ଯ୍ୟ କରାଯାଇଛି ଯେଉଁଥିରେ ସାମିଲ ରହିଛି ଜେଲ୍ ରୋଡ୍ରେ ବହୁତଳ କାର୍ ପାର୍କିଂ, ଜଗନ୍ନାଥ ବଲ୍ଲଭ ପାର୍କିଂ, ମହୋଦଧି ମାର୍କେଟ କମ୍ପ୍ଲେକ୍ସ, ମୁନିସ୍ପାଲିଟି ମାର୍କେଟ କମ୍ପଲେକ୍ସ। ଏହି ଐତିହ୍ୟ କରିଡର୍ ପାଇଁ ସମସ୍ତ ଚେଞ୍ଜଓଭର ପଏଣ୍ଟରେ ୨୪ ଘଣ୍ଟା କାମ କରିବା, ୩୩/୧୧ କେଭି ବିଦ୍ୟୁତ ସବଷ୍ଟେସନ (ପିଏସ୍‌ଏସ୍)ର ପରିଚାଳନା ପାଇଁ ଉତ୍ସର୍ଗୀକୃତ ଅପରେଟର, ସହରରେ ସମସ୍ତ ୩୩/୧୧ କେଭି ପିଏସ୍‌ଏସ୍ର ପ୍ରତିଷେଧମୂଳକ ରକ୍ଷଣାବେକ୍ଷଣ ଲାଗି ୩୦୦ ଅଧିକାରୀଙ୍କୁ ମୂତୟନ କରାଯାଇଥିଲା। ଏଥି ସହିତ ବସ୍ ଚାର୍ଜିଂ ଷ୍ଟେସନ୍, ଏସି ହ୍ୟାଙ୍ଗର ଏବଂ ବ୍ୟାପକ ସ୍ଥାନରେ ଲାଇଟିଙ୍ଗ ବ୍ୟବସ୍ଥା କରିଥିବା ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି।

# ଜିନ୍ଦଲ୍ ଷ୍ଟେନ୍‌ଲେସ୍ ପକ୍ଷରୁ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା

**ଭୁବନେଶ୍ୱର, ୧୮ା୧(ସମିସ):** ଜିନ୍ଦଲ ଷ୍ଟେନଲେସ୍ ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ଆଜି ଆର୍ଥକବର୍ଷ-୨୪ର ତୃତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରିଛନ୍ତି। ଘରୋଇ ବଜାରରେ ଭଲ ଚାହିଦା ଯୋଗୁଁ ତୃତୀୟ କ୍ୱାର୍ଟର ପାଇଁ କମ୍ପାନୀର ସ୍ୱତନ୍ତ୍ର ସେଲ୍ସ ଭୋଲ୍ୟୁମ ୯% ବାର୍ଷିକ ଅଭିବୃଦ୍ଧି ସହ ୫,୧୨,୦୧୫ ମେଟ୍ରିକ୍ ଟନ୍ ରହିଛି। ପରିମାଣରେ ଦ୍ରୁତ ବୃଦ୍ଧି ସହ ବର୍ଦ୍ଧିତ ଉତ୍ପାଦ ମିଶ୍ରଣ ପାଇଁ ଆଉଟପୁଟର ଉନ୍ନତି ସକାଶେ ପ୍ଲାଣ୍ଟ ଗୁଡ଼ିକର ଯୋଜନାବଦ୍ଧ ରକ୍ଷଣାବେକ୍ଷଣ କରାଯିବା ଯୋଗୁ କ୍ୱାର୍ଟର ଆଧାରରେ ୬% ଅବନତି ହୋଇଛି। କମ୍ପାନୀର ପ୍ରଦର୍ଶନ ଉପରେ ମତାମତ ଦେଇ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଏହି ତ୍ରୈମାସିକ ଆମ ପାଇଁ ଘଟଣା ବହୁଳ ଥିଲା। ସିଓପି୨୮ ସମ୍ମିଳନୀରେ ଆମର ପ୍ରଥମ ଉପସ୍ଥିତି ସହ ଏକ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟୀ ଭାବରେ ଆମର ଡିକାର୍ବୋନାଇଜେସନ୍ ପ୍ରୟାସକୁ ଉପସ୍ଥାପନ କରିଛୁ। ଷ୍ଟେନଲେସ ଷ୍ଟିଲ ବଜାରରେ ବୈଶ୍ୱିକ ମାନ୍ଦାବସ୍ଥା ସତ୍ତ୍ୱେ ଘରୋଇ ବଜାରରେ ସ୍ଥିର ଅଭିବୃଦ୍ଧି ଘଟିଛି। ନିକଟ ତଥା ଦୂର ଭବିଷ୍ୟତ ପାଇଁ ଭାରତର ପ୍ରତିଜ୍ଞାକୁ ଦୃଷ୍ଟିରେ ରଖି ଆସନ୍ତା କ୍ୱାର୍ଟରରେ ଆମର ଧାର୍ଯ୍ୟ ପରିମାଣ ହାସଲ କରିବା ନେଇ ଆମେ ଦୃଢ଼ ନିଶ୍ଚିତ। ସବୁଜ ଉତ୍ପାଦନ, ଅପରେସନରେ ଉତ୍କର୍ଷତା, ବ୍ୟବସାୟ ବିକାଶ ଏବଂ ରାଷ୍ଟ୍ର ନିର୍ମାଣ ଉପରେ ଆମେ ଧ୍ୟାନ ଦେବା ଜାରି ରଖିବୁ।

# CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- MATHEMATICS

### SECTION-A (1 Mark)

1. Ramesh buys a fish from a shop for his aquarium. The shopkeeper takes out one fish at random a tank containing 5 male fish and 9 female fish. Then, the probability that the fish taken out is a male fish, is
(a) $\frac{5}{13}$ (b) $\frac{5}{14}$ (c) $\frac{6}{13}$ (d) $\frac{7}{13}$
2. A quadratic polynomial, whose zeroes are -3 and 4, is
(a) $x^2-x+12$ (b) $x^2+x+12$ (c) $\frac{x^2}{2}-\frac{x}{2}-6$ (d) $2x^2+2x-24$
3. A number $x$ is selected from the numbers 1,2,3 and then a second number $y$ is randomly selected from the numbers 1, 4, 9 then the probability that the product $xy$ of the two numbers will be less than 9 is
(a) $\frac{3}{7}$ (b) $\frac{4}{9}$ (c) $\frac{5}{9}$ (d) $\frac{7}{9}$
4. The value of $c$ for which the pair of equations $cx-y=2$ and $6x-2y=3$ will have is
(a) 3 (b) -3 (c) -12 (d) no value
5. If the common difference of an AP is 5, then what is $a_{18}-a_{13}$?
(a) 5 (b) 20 (c) 25 (d) 30
6. The perimeters of two similar triangles are 25cm and 15cm respectively. If one side of the first triangle is 9cm, then the corresponding side of second triangle is...................
(a) 5.4cm (b) 5.2cm (c) 4.9cm (d) 5.1cm
7. In the adjoining figure, $PT$ is a tangent at point $C$ of the circle. $O$ is the circumference of $\angle ABC$. If $\angle ACP=118°$, then the measure of $\angle x$ is




(a) 28° (b)32° (c) 42° (d)38°
8. In the given figure, three circles with centres $P$,$Q$ and $R$ are drawn, such that the circles with centres $Q$ and $R$ touch each other externally and they touch the circle with centre $P$, internally. If $PQ$ =10cm, $PR$=8 cm and $QR$ =12cm, then the diameter of the largest circle is:




(a) 30cm (b) 20cm (c) 10cm (d) None of these
9. If $\Delta ABC$ is right angled at $C$, then the value of $\sec(A+B)$ is
(a) 0 (b)1 (c) $2/\sqrt{3}$ (d)not defined
10. The quadratic equation $x^2+x-5=0$ has
(a) two distinct real roots (b) two equal real roots
(c) no real root (d) more than 2 real roots
11. If $x \sin^3 q+y \cos^3 q=\sin q \cos q$ and $x \sin q=y \cos q$, than $x^2+y^2$ is equal to
(a) 0 (b) ½ (c) 1 (d) 3/2
12. From the top of a 7m high building the angle of elevation of the top of a cable tower is 60° and the angle of depression of its foot is 45°, then the height of the tower is
(a) 14.124m (b)17.124m (c) 19.124m (d)15.124m
13. In a right triangle $ABC$ right-angled at $B$, if $P$ and $Q$ are points on the sides $AB$ and $BC$ respectively, then
(a) $AQ^2+CP^2=2(AC^2+PQ^2)$ (b) $2(AQ^2+CP^2)=AC^2+PQ^2$
(c) $AQ^2+CP^2= AC^2+PQ^2$ (d) $AQ+CP=\frac{1}{2}(AC+PQ)$
14. A circle artist is climbing a 20 m long rope, which is tightly stretched and tied from the top of a vertical pole to the ground, then the height of pole, if the angle made by the rope with the ground level is 30°, is
(a) 5m (b)10m (c) 15m (d)20m
15. If the perimeter of a semi-circular protractor is 36cm, then its diameter is
(a) 10cm (b) 14cm (c) 12cm (d) 16cm
16. A right circular cylinder of radius $r$ and height $h$(where, $h>2r$) just encloses a sphere of diameter
(a) $r$ (b) $2r$ (c) $h$ (d) $2h$
17. The mean and median of the data $a$,$b$ and $c$ are 50 and 35 respectively, where $a<b<c$. If $c-a=55$, then $(b-a)$ is
(a) 8 (b) 7 (c) 3 (d) 5
18. For the following distribution

| Marks | Number of Students | Marks | Number of students |
|---|---|---|---|
| Below10 | 3 | Below40 | 57 |
| Below20 | 12 | Below50 | 75 |
| Below30 | 28 | Below60 | 80 |

The modal class is
(a) 0-20 (b)20-30 (c) 30-40 (d) 50-60

19. **Assertion:** The roots of the quadratic equation $x^2+2x+2=0$ are imaginary.
**Reason:** If discriminant $D= b^2-4ac<0$ then the roots of quadratic equation $ax^2+bx+c=0$ are imaginary.
(a) Both assertion(A) and reason(R) are true and reason(R)is the correct explanation of assertion(A).
(b) Both assertion(A) and reason(R) are true but reason(R) is not the correct explanation of assertion (A).
(c) Assertion(A)is true but reason(R)is false.
(d) Assertion(A) is false but reason(R)is true.
20. **Assertion:** $PA$ and $PB$ are two tangents to a circle with centre $O$. Such that $\angle AOB=110°$, then $\angle APB=90°$.
**Reason:** The length of two tangents drawn from an external point are equal.
(a) Both assertion(A) and reason(R) are true and reason(R)is the correct explanation of assertion(A).
(b) Both assertion(A) and reason(R) are true but reason(R) is not the correct explanation of assertion (A).
(c) Assertion(A)is true but reason(R)is false.
(d) Assertion(A) is false but reason(R)is true.

### SECTION-B (2 Marks)

21. If $S_n$ the sum of first $n$ terms of an AP is given by $S_n=3n^2-4n$, find the $n^{th}$ term.
22. In Figure a quadrilateral $ABCD$ is drawn to circumscribe a circle, with centre $O$, in such away that the sides $AB$, $BC$, $CD$, and $DA$ touch the circle at the points $P$,$Q$,$R$ and $S$ respectively. Prove that. $AB+CD=BC+DA$.




23. Check whether $4^n$ can end with the digit 0 for any natural number $n$.

### SECTION-C (3 Marks)

24. The $8^{th}$ term of an AP is zero. Prove that its $38^{th}$ term is triple of its $18^{th}$ term.
25. If the number $x+3$, $2x+1$ and $x-7$ are in AP find the value of $x$.
26. In $\Delta ABD$, $AB=AC$. If the interior circle of $\angle ABC$ touches the sides $AB$, $BC$ and $CA$ at $D$,$E$ and $F$ respectively. Prove that $E$ bisects $BC$.
27. An aeroplane, when flying at a height of 4000m from the ground passes vertically above another aeroplane at an instant when the angles of elevation of the two planes from the same point on the ground are 60° and 45° respectively. Find the vertical distance between the aeroplanes at that instant. (Use $\sqrt{3} = 1.73$)

### SECTION-D (5 Marks)

28. If $\beta$ and $\frac{1}{\beta}$ are zeros of the polynomial $(\alpha^2+\alpha)x^2+61x+6\alpha$. Find the value of $\alpha$ and $\beta$.
29. Prove that : $\frac{\sin\theta}{\cot\theta+\operatorname{cosec}\theta} = 2 + \frac{\sin\theta}{\cot\theta-\operatorname{cosec}\theta}$
30. Find the zeroes of the quadratic polynomial $7y^2-\frac{11}{3}y-\frac{2}{3}$ and verify the relationship between the zeroes and the coefficients.

### SECTION-E (4 Marks)

31. **Read the text carefully and answer the questions:**
Carpooling: It is the sharing of car journeys so that more than one person travels in a car, and prevents the need for others to have to drive to a location themselves. By having more people using one vehicle, carpooling reduces each person's travel costs such as: fuel costs, tolls, and the stress of driving. Carpooling is also a more environmentally friendly and sustainable way to travel as sharing journeys reduces air pollution, carbon emissions, traffic congestion on the roads, and the need for parking spaces.






Three friends Amar, Bandhu and Chakradev lives in societies represented by the points $A$,$B$ and $C$ respectively. They all work in offices located in a same building represented by the point $O$. Since they all go to same building everyday, they decided to do carpooling to save money on petrol. Based on the above information, answer the following questions.
i. Which society is nearest to the office?
ii. What is the distance between $A$ and $C$?
iii. Find the least distance between $AB$, $OA$ and $BC$ ?
32. **Read the text carefully and answer the questions:**
Volume of Solid : A cuboidal solid of base $x$ by $x+1$ is shown in figure. Height of original solid is $x+2$. A small cuboidal solid of base $x-2$ by $x-2$ and height 2 is cut from this solid as shown in figure.
i. Find the polynomial for the volume of remaining solid.
ii. Use the remainder theorem to determine the volume of remaining solid at $x=8$ inch.
iii. Use the remainder theorem to determine the volume at $x=10$ inch



***** *All the Best...*

**ANSWER KEY**

| | | | | | | | | | |
|---|---|---|---|---|---|---|---|---|---|
| 1. (b) | 2. (c) | 3. (c) | 4. (d) | 5. (c) | 6. (a) | 7. (a) | 8. (a) | 9. (d) | 10. (a) |
| 11. (c) | 12. (c) | 13. (a) | 14.(b) | 15. (b) | 16. (b) | 17. (d) | 18. (c) | 19. (a) | 20. (a) |

ePaper : sakalaepaper.com | Twitter : SakalaNews
News Portal : thesakala.in | Instagram : sakalanews
Facebook : SakalaNews | Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

### ଏଫ୍‌ଆଇଏଚ୍ ଅଲିମ୍ପିକ ମହିଳା ଯୋଗ୍ୟତା ପର୍ଯ୍ୟାୟ

# ସେମିରେ ଭାରତ ସୁଟ୍‌ଆଉଟ୍

ରାଞ୍ଚି, ୧୮ ।୧(ଏଜେନ୍ସି)

ଏଠାରେ ଚାଲିଥିବା ଅନ୍ତର୍ଜାତୀୟ ହକି ଫେଡେରେସନ (ଏଫ୍‌ଆଇଏଚ୍) ଅଲିମ୍ପିକ୍ସ ମହିଳା ଯୋଗ୍ୟତା ପର୍ଯ୍ୟାୟରେ ଆୟୋଜକ ଭାରତ ସେମିଫାଇନାଲରେ ଜର୍ମାନୀଠାରୁ ପେନାଲ୍ଟି ସୁଟ୍ ଆଉଟ୍‌ରେ ୪-୩ ଗୋଲରେ ପରାସ୍ତ ହୋଇଛି। ଗୁରୁବାର ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମୁକାବିଲା ନିର୍ଦ୍ଧାରିତ ସମୟ ସୁଦ୍ଧା ୨-୨ ଗୋଲରେ ଅମୀମାଂସିତ ରହିଥିଲା। ଫଳରେ ପେନାଲ୍ଟି ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିରେ ଆମେରିକା ୨-୧ ଗୋଲରେ ଜାପାନକୁ ହରାଇ ଫାଇନାଲକୁ ଉଠିବା ସହ ପ୍ରଥମ ଦଳ ଭାବେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଗୋଲରକ୍ଷକ ସବିତା ପୁନିଆଙ୍କ ନେତୃତ୍ୱରେ ଭାରତ ଏବେ କାଂସ୍ୟ ପଦକ ପାଇଁ ଶୁକ୍ରବାର ଜାପାନକୁ ଭେଟିବ। ଜାପାନକୁ ହାରାଇପାରିଲେ ଭାରତ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବାରେ ସଫଳ ହେବ।

ମ୍ୟାଚ୍‌ର ୧୫ତମ ମିନିଟ୍‌ରେ ଦୀପିକା ପେନାଲ୍ଟି ଜରିଆରେ ଏକ ଚମତ୍କାର ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ୨୭ତମ ମିନିଟ୍‌ରେ ଜର୍ମାନୀର ଚାର୍ଲୋଟେ ଷ୍ଟାପେନହର୍ଷ୍ଟ ଫିଲ୍ଡ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଏହାପରେ ୫୭ତମ ମିନିଟ୍‌ରେ ଚାର୍ଲୋଟେ ଆଉ ଏକ ଫିଲ୍ଡ ଗୋଲ ଦେଇ ଜର୍ମାନୀକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ମ୍ୟାଚ୍ ଶେଷ ହେବାକୁ ଆଉ ୨ ମିନିଟ୍ ବାକିଥିବା ବେଳେ ଭାରତର ଈଶିକା ଚୌଧୁରୀ ପେନାଲ୍ଟି ଜରିଆରେ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଫଳରେ ମ୍ୟାଚ୍ ଅମୀମାଂସିତ ରହିଥିଲା।



ଜାପାନକୁ ହରାଇଲେ ଭାରତ ଯୋଗ୍ୟତା ଅର୍ଜନ କରିବ

## ରୋହିତଙ୍କ ବ୍ୟାଟିଂକୁ ନେଇ ଦ୍ୱନ୍ଦ୍ୱ

ବେଙ୍ଗାଲୁରୁ, ୧୮ ।୧(ଏଜେନ୍ସି): ବେଙ୍ଗାଲୁରୁରେ ଖେଳାଯାଇଥିବା ଆଫଗାନିସ୍ତାନ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚ୍ ଦ୍ୱିତୀୟ ସୁପର ଓଭରରେ ମ୍ୟାଚ୍‌ର ଫଇସଲା ହୋଇଥିଲା। ଏହି ଦୁଇଟି ସୁପର ଓଭରରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ବ୍ୟାଟିଂ କରିବାକୁ ନେଇ ସମର୍ଥକମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ମ୍ୟାଚ୍ ଟାଇ ହେବା ପରେ ପ୍ରଥମ ସୁପର ଓଭରରେ ଭାରତ ପକ୍ଷରୁ ରୋହିତ ଶର୍ମା ଓ ଯଶସ୍ୱୀ ଜୟସ୍ୱାଲ ବ୍ୟାଟିଂ କରିବାକୁ ଆସିଥିଲେ। ଏହି ଓଭରର ଶେଷ ବଲ ବୋଲିଂ ହେବା ପୂର୍ବରୁ ରୋହିତ ପଡ଼ିଆ ଛାଡ଼ିଥିଲେ। ତାଙ୍କୁ ଅମ୍ପାୟାର ରିଟାୟର୍ଡ ଆଉଟ ଦେଲେ କିମ୍ବା ରିଟାୟର୍ଡ ହର୍ଟ କଲେ ତାହା ଜଣାପଡ଼ି ନ ଥିଲା। କିନ୍ତୁ ଦ୍ୱିତୀୟ ସୁପର ଓଭରରେ ରୋହିତ ବ୍ୟାଟିଂ କରିବାକୁ ଆସିବା ଫଳରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଏହାକୁ ନେଇ ଅନେକ ପ୍ରଶ୍ନ ମଧ୍ୟ ଉଠାଇଥିଲେ।

ଏଠାରେ ସୁପର ଓଭର ଲାଗି ଆଇସିସି ନିୟମ କହୁଛି, ଯଦି ଜଣେ ପ୍ରଥମ ସୁପର ଓଭରରେ ଆଉଟ ହୋଇଥିବେ, ତେବେ ସେ ଦ୍ୱିତୀୟ ଓଭରରେ ବ୍ୟାଟିଂ କରିପାରିବେ ନାହିଁ। ରୋହିତଙ୍କୁ ହୁଏତ ଅମ୍ପାୟାର ରିଟାୟର୍ଡ ଆଉଟ ନ ଦେଇ ରିଟାୟର୍ଡ ହର୍ଟ କରିଥିଲେ। ଏଣୁ ତାଙ୍କୁ ବ୍ୟାଟିଂ କରିବାକୁ ସୁଯୋଗ ଦେଇଥିଲେ। ଏହା ଏବେ ସ୍ପଷ୍ଟ ହୋଇଯାଇଛି।

### ରେକର୍ଡ ୫ମ ଟି-୨୦ ଶତକ

ତୃତୀୟ ମ୍ୟାଚ୍‌ର ଭାରତୀୟ ଅଧିନାୟକ ରୋହିତ ଶର୍ମା ୬୯ ବଲ୍‌ରେ ୧୨୧ ରନ୍ କରି ଅପରାଜିତ ରହିଥିଲେ। ଟି-୨୦ କ୍ରିକେଟରେ ଏହା ରୋହିତ ଶର୍ମାଙ୍କ ପଞ୍ଚମ ଶତକ। ସେ ବିଶ୍ୱର ପ୍ରଥମ ଖେଳାଳି ଭାବେ



ଏହି ଫର୍ମାଟରେ ସର୍ବାଧିକ ଶତକ ହାସଲ କରିବାର ବିଶ୍ୱରେକର୍ଡ କରିଛନ୍ତି। ଏହାସହ ସେ ଭାରତର ସୂର୍ଯ୍ୟକୁମାର ଯାଦବ ଓ ଅଷ୍ଟ୍ରେଲିଆର ଗ୍ଲେନ୍ ମ୍ୟାକ୍ସୱେଲ କରିଥିବା ୪ଟି ଲେଖାଏଁ ଶତକର ରେକର୍ଡକୁ ଅତିକ୍ରମ କରିଛନ୍ତି। ଏହି ମ୍ୟାଚ୍‌ରେ ନାଟକୀୟ ପରିସମାପ୍ତି ଘଟିଥିଲା। ଉଭୟ ଦଳ ୨୧୨ ରନ୍ ଲେଖାଏଁ ସଂଗ୍ରହ କରିବା ଫଳରେ ମ୍ୟାଚ୍‌ଟି ଟାଇ ରହିଥିଲା। ସୁପର ଓଭରରେ ଉଭୟ ଦଳ ମଧ୍ୟ ସମାନ ୧୬ ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ଫଳରେ ଦ୍ୱିତୀୟ ସୁପର୍ ଓଭର ଖେଳାଯାଇଥିଲା ଓ ଏଥିରେ ଭାରତର ୧୦ ରନ୍‌ରେ ଜିତିଥିଲା।

## ବିଜୟଙ୍କୁ ଓସ୍‌ଜା ପୁରସ୍କାର ପ୍ରଦାନ କଲେ ରବି କୁମାର



ଭୁବନେଶ୍ୱର, ୧୮ ।୧ (ସମିସ): ରାଜ୍ୟ ଭାରୋତ୍ତୋଳନର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ବିଜୟ କୁମାର ଶତପଥୀଙ୍କୁ ଜଣାଶୁଣା ଭାରୋତ୍ତୋଳକ କେ ରବି କୁମାର ଓଡ଼ିଶା ସାମ୍ବାଦିକ ସଂଘ (ଓସ୍‌ଜା)ର ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରିଛନ୍ତି। ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ତଥା ସମ୍ମାନଜନକ ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ ରବି କୁମାର ତାଙ୍କୁ ପୁରସ୍କାର ବାବଦରେ ୨୫, ୦୦୦ ଟଙ୍କାର ଚେକ୍ ସହିତ ଫଳକ, ମାନପତ୍ର ପ୍ରଦାନ କରିଛନ୍ତି। ବୁଧବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପୁରସ୍କାର ପ୍ରଦାନ ଉତ୍ସବରେ ଶ୍ରୀ ଶତପଥୀ ଅସୁସ୍ଥତା କାରଣରୁ ଉପସ୍ଥିତ ହୋଇପାରି ନଥିଲେ। ଓଡ଼ିଶା ଭାରୋତ୍ତୋଳନ ସଂଘର ନବ ନିର୍ବାଚିତ ସମ୍ପାଦକ ରବି କୁମାର ଦାୟିତ୍ୱ ନେଇ ବ୍ୟକ୍ତିଗତ ଭାବେ ତାଙ୍କ ବ୍ରହ୍ମପୁରସ୍ଥିତ ବାସଭବନରେ ଭେଟି ଏହି ବାର୍ଷିକ ପୁରସ୍କାର ପ୍ରଦାନ କରିଛନ୍ତି।

## ଜାତୀୟ ବିଦ୍ୟାଳୟ କ୍ରୀଡ଼ା: ଗାୟତ୍ରୀଙ୍କୁ ରୌପ୍ୟ



ଭୁବନେଶ୍ୱର, ୧୮ ।୧(ସମିସ): ରାଜସ୍ଥାନର ଶ୍ରୀ ଗଙ୍ଗାନଗରରେ ଚାଲିଥିବା ୬୭ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ାରେ କିସ୍ ଛାତ୍ରୀ ଗାୟତ୍ରୀ ଶବର ଜୁଡୋରେ ରୌପ୍ୟ ପଦକ ହାସଲ କରିଛନ୍ତି। ସ୍କୁଲ ଗେମ୍ସ ଫେଡେରେସନ ଅଫ୍ ଇଣ୍ଡିଆ (ଏସ୍‌ଜିଏଫ୍‌ଆଇ) ଅନୁକୂଲ୍ୟରେ ଏହି ପ୍ରତିଯୋଗିତା ଗତ ୧୪ ତାରିଖରୁ ଆରମ୍ଭ ହୋଇ ଗୁରୁବାର ସମ୍ପର୍ଣ୍ଣ ହୋଇଛି। ଗାୟତ୍ରୀ ୩୬ କିଲୋଗ୍ରାମ ବର୍ଗରେ ଓଡ଼ିଶା ପାଇଁ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଜିତିଛନ୍ତି। ଗାୟତ୍ରୀ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ତରଫରୁ ଏହି ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଥିଲେ। ପ୍ରଶିକ୍ଷକ ଭାବେ କନ୍ଦନ ମୁର୍ମୁ, ମ୍ୟାନେଜର ଭାବେ ଅଶରାଇହିଲ କିସ୍‌ପାଙ୍ଗ ସିଏଚ୍‌ଏସ୍‌ଇ ଦଳ ସହ ଯାତ୍ରା କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଗାୟତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

■ ତମାଣ୍ଡୋ ପ୍ରିମିୟର୍ ଲିଗ୍

## ପ୍ରଦୀପ, ତନ୍ମୟ ଏସ୍‌ଜି ସ୍ପୋର୍ଟିଂକୁ ଜିତାଇଲେ




ଭୁବନେଶ୍ୱର, ୧୮ ।୧ (ସମିସ): ତମାଣ୍ଡୋ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍ (ଟିପିଏଲ୍)ରେ ଗୁରୁବାର ଅନୁଷ୍ଠିତ ଏକ ମ୍ୟାଚରେ ସୁନ୍ଦରଗ୍ରାମର ଏସ୍‌ଜି ସ୍ପୋର୍ଟିଂ ୮ ୱିକେଟ୍‌ରେ ସୁଧାନଗର (ଆଇଆର୍‌ସି ଭିଲେଜ) ଦଳକୁ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ସୁଧାନଗର ଦଳ ସୌରଭ ଦାସ (୫୪ ବଲରୁ ୯୦ ରନ) ଓ ଲରେନ୍ସ ସ୍ୱାଇଁ (୨୩ ବଲରୁ ୫୫ ରନ)ଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୬ ୱିକେଟ୍ ହରାଇ ୧୯୦ ରନ କରିଥିଲା। ଜବାବରେ ଏସ୍‌ଜି ସ୍ପୋର୍ଟିଂ ୧୫.୨ ଓଭରରେ ୨ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପ୍ରଦୀପ ରାଉତ ୨୯ ବଲରୁ ୬୪ ଓ ତନ୍ମୟ ମହାନ୍ତି ୩୨ ବଲରୁ ୬୨ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ଜିତାଇଥିଲେ। ଆୟୋଜକ କ୍ଲବର ବରିଷ୍ଠ ସଦସ୍ୟ ମହେନ୍ଦ୍ର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ପ୍ରଦୀପ ରାଉତଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚକୁ ଅମ୍ପାୟାର ଭାବେ ଅବିନାଶ ପଟ୍ଟନାୟକ ଓ ଖଗେଶ୍ୱର ସୁବୁଦ୍ଧି ପରିଚାଳନା କରିଥିଲେ। ଶୁକ୍ରବାର ଇଗଲ୍ ସ୍ପୋର୍ଟିଂ (ମେଣ୍ଢାଶାଳ) ଓ ଏସ୍‌ଜି ସ୍ପୋର୍ଟିଂ ସାମ୍ନାସାମ୍ନି ହେବେ।

## ସିରିଜ ଜିତିଲା ଶ୍ରୀଲଙ୍କା

କଲମ୍ବୋ, ୧୮ ।୧ (ଏଜେନ୍ସି): ଘରୋଇ ଶ୍ରୀଲଙ୍କା ଦଳ ଗୁରୁବାର ଖେଳାଯାଇଥିବା ଅନ୍ତିମ ତଥା ୩ୟ ଟି-୨୦ ମ୍ୟାଚରେ ୯ ୱିକେଟ୍‌ରେ ଜିମ୍ବାୱେକୁ ପରାସ୍ତ କରିଛି। ମ୍ୟାଚରେ ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରି ମାତ୍ର ୮୨ ରନରେ ଅଲଆଉଟ୍ ହୋଇଯାଇଥିଲା। ଶ୍ରୀଲଙ୍କା ଅଧିନାୟକ ୱାନିନ୍ଦୁ ହାସରଙ୍ଗା ସର୍ବାଧିକ ୪ ୱିକେଟ୍ ନେଇ ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ଶ୍ରୀଲଙ୍କା ୧୦.୫ ଓଭରରେ ଗୋଟିଏ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଏଥିସହ ଟି-୨୦ ସିରିଜକୁ ଶ୍ରୀଲଙ୍କା ୨-୧ରେ ଜିତି ନେଇଛି।

## ଡ୍ରିମ୍ସରେ ଆଜିଠୁ ରଣଜୀ ଲଢ଼େଇ — ଓଡ଼ିଶା- ୩; ଜାମ୍ମୁ କାଶ୍ମୀର- ୧

ଭୁବନେଶ୍ୱର, ୧୮ ।୧ (ସମିସ)

ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଚଳିତ ରଣଜୀ ଟ୍ରଫିର ୩ୟ ରାଉଣ୍ଡ ଶୁକ୍ରବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବ। ଏହିକ୍ରମରେ କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଏଲିଟ୍ ଗ୍ରୁପ୍-ଡି'ର ଏକ ମୁକାବିଲାରେ ଜାମ୍ମୁ କାଶ୍ମୀରକୁ ଘରୋଇ ଓଡ଼ିଶା ଭେଟିବାକୁ ଯାଉଛି। ଶାନ୍ତନୁ ମିଶ୍ରଙ୍କ ନେତୃତ୍ୱାଧୀନ ଓଡ଼ିଶା ଚଳିତ ସିଜନରେ ବର୍ତ୍ତମାନ ସୁଦ୍ଧା ୨ ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହ ୩ ପଏଣ୍ଟ ପାଇ ଗ୍ରୁପ୍-ଡି'ର ୬ଷ୍ଠ ସ୍ଥାନରେ ରହିଛି। ପ୍ରଥମ ମ୍ୟାଚରେ ଓଡ଼ିଶା ୧୪୭ ରନର ବଡ଼ ବ୍ୟବଧାନରେ ବରୋଦା ନିକଟରୁ ହାରିଥିଲା। ଏହାପରେ ୨ୟ ମ୍ୟାଚରେ କିନ୍ତୁ ଓଡ଼ିଶା ଚମତ୍କାର ପ୍ରଦର୍ଶନ କରି ଶକ୍ତିଶାଳୀ ମଧ୍ୟପ୍ରଦେଶ ବିପକ୍ଷରେ ପାଳି ଅଗ୍ରଣୀଭିତ୍ତିରେ ମ୍ୟାଚ୍ ଡ୍ର' ରଖି ୩ ପଏଣ୍ଟ ହାତେଇ ନେଇଥିଲା। ଏହି ମ୍ୟାଚରେ ଶୁଭ୍ରାଂଶୁ ସେନାପତି ୨୨୭ ରନର ଦମ୍‌ଦାର ଦ୍ୱିଶତକୀୟ ପାଳି ଖେଳି ଓଡ଼ିଶାକୁ ଦୃଢ଼ସ୍ଥିତିରେ ପହଞ୍ଚାଇଥିଲେ। ଜାମ୍ମୁ କାଶ୍ମୀର ବିପକ୍ଷରେ ଓଡ଼ିଶା ପୂର୍ଣ୍ଣ ପଏଣ୍ଟ ହାସଲ ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଶୁଭମ ଖଜୁରିଆଙ୍କ ନେତୃତ୍ୱରେ ଖେଳୁଥିବା ଜାମ୍ମୁ କାଶ୍ମୀର ପ୍ରଥମ ମୁକାବିଲାରେ ହିମାଚଳ ପ୍ରଦେଶ ବିପକ୍ଷରେ ଏବଂ ୨ୟ ମ୍ୟାଚରେ ଦିଲ୍ଲୀ ସହ ମ୍ୟାଚ୍ ଡ୍ର' ରଖି ମାତ୍ର ୨ ପଏଣ୍ଟ ଅର୍ଜନ କରିଛି। ଦଳରେ ସ୍ପିଡ୍ ଷ୍ଟାର୍ ଉମ୍ରାନ ମଲିକଙ୍କ ପରି ଦ୍ରୁତ ବୋଲର ରହିଥିବାରୁ ଘରୋଇ ଦଳର ବ୍ୟାଟର୍ ତାଙ୍କୁ କିପରି ସାମ୍ନା କରୁଛି ତାହା ମ୍ୟାଚରେ ଜଣାପଡ଼ିବ। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ଓ ଜାମ୍ମୁ କାଶ୍ମୀର ପରସ୍ପର ୫ଥର ରଣଜୀ ଟ୍ରଫିରେ ସାମ୍ନାସାମ୍ନି ହୋଇଛନ୍ତି। ଯେଉଁଥିରେ ଓଡ଼ିଶା ୩ଥର ଓ ଜାମ୍ମୁ କାଶ୍ମୀର ଗୋଟିଏଥର ବିଜୟ ସ୍ୱାଦ ଚାଖିଛି।

## ଏଏଫ୍‌ସି ଏସିଆନ୍ କପ୍: ଭାରତ ବିଦା

ଦୋହା, ୧୮ ।୧(ଏଜେନ୍ସି): କାତାରରେ ଚାଲିଥିବା ଏଏଫ୍‌ସି ଏସିଆନ୍ କପ୍‌ରେ ଭାରତ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରି ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛି। ସୁନିଲ ଛେତ୍ରୀଙ୍କ ନେତୃତ୍ୱରେ ଭାରତ ଗୁରୁବାର ଗ୍ରୁପ୍ ବି'ରେ ଉଜବେକିସ୍ତାନଠାରୁ ୦-୩ ଗୋଲରେ ପରାସ୍ତ ହୋଇଛି। ପୂର୍ବରୁ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ୦-୨ ଗୋଲରେ ଅଷ୍ଟ୍ରେଲିଆଠାରୁ ହାରିଥିଲା। ଏଥିସହ ଭାରତ ପଏଣ୍ଟ ତାଲିକାର ନିମ୍ନରେ ରହି କ୍ରମାଗତ ଚତୁର୍ଥଥର ପାଇଁ ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଛି।

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଖୋ ଖୋ'କୁ କିଟ୍‌ର ଯୋଗ୍ୟତା

ଭୁବନେଶ୍ୱର, ୧୮ ।୧(ସମିସ): କେରଳ କାଲିକଟ୍‌ରେ ୨୮ରୁ ୩୧ ତାରିଖ ମଧ୍ୟରେ ହେବାକୁ ଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଖୋ ଖୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ କିଟ୍ ଦଳ ଯୋଗ୍ୟତା ଅର୍ଜନ କରିଛି। ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଖୋ ଖୋରେ କିଟ୍ ଶ୍ରେଷ୍ଠ-୪ଟି ସ୍ଥାନରେ ରହି ଏହି ଯୋଗ୍ୟତା ହାସଲ କରିଛି। କିଟ୍‌କୁ ବାଦ୍‌ଦେଲେ ଅନ୍ୟ ୩ଟି ଦଳ ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବାଲେଶ୍ୱରର ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓ ଦୁର୍ଗର ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟ ଯୋଗ୍ୟତା ଅର୍ଜନ କରିଛନ୍ତି।

## ଜୋଶ୍ ହାଜ୍‌ଲେଉଡ୍‌ଙ୍କ ଘାତକ ବୋଲିଂ | ପରାଜୟର ଦ୍ୱାରଦେଶରେ ୱେଷ୍ଟଇଣ୍ଡିଜ୍

ଆଡିଲେଡ୍, ୧୮ ।୧(ଏଜେନ୍ସି)

ଫାଷ୍ଟ ବୋଲର ଜୋଶ ହାଜ୍‌ଲେଉଡଙ୍କ ଘାତକ ବୋଲିଂ ଓ ଟ୍ରାଭିସ୍ ହେଡ୍‌ଙ୍କ ଚମତ୍କାର ଶତକ ବଳରେ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ଦଳ ପରାଜୟର ଦ୍ୱାରଦେଶରେ ପହଞ୍ଚିଛି। ଗୁରୁବାର ଏହି ଟେଷ୍ଟର ଥିଲା ଦ୍ୱିତୀୟ ଦିନ। ଏଥିରେ ଟ୍ରାଭିସ୍ ହେଡ୍ ଚମତ୍କାର ଶତକ ହାସଲ କରିବା ଫଳରେ ଦଳ ୨୮୩ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ହେଡ୍ ୧୩୪ ବଲ୍‌ରେ ୧୨ ଚୌକା ଓ ୩ ଛକା ସହ ୧୧୯ ରନ୍ କରିବା ଫଳରେ ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୯୪ ରନ୍‌ର ଅଗ୍ରଣୀ ନେଇଥିଲା। ଏହାପରେ ୱେଷ୍ଟଇଣ୍ଡିଜ୍ ଦଳ ଦ୍ୱିତୀୟ ପାଳି ଆରମ୍ଭ କରି ଦୁର୍ବଳ ସଟ ଖେଳିବା ଫଳରେ ଜଣଙ୍କ ପରେ ଜଣେ ଆଉଟ ହୋଇଥିଲେ। ପ୍ରତିଦ୍ୱନ୍ଦ୍ୱୀଙ୍କ ଦୁର୍ବଳ ସଟ୍ ଓ ପିଚ୍‌ରୁ ସହାୟତା ପାଇ ଜୋଶ୍ ହାଜ୍‌ଲେଉଡ୍ ପ୍ରଥମ ୪ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ଫଳରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୱେଷ୍ଟଇଣ୍ଡିଜ୍ ୭୩ ରନ୍‌ରେ ୬ ୱିକେଟ ହରାଇ ପରାଜୟର ଦ୍ୱାରଦେଶରେ ପହଞ୍ଚିଛି। ଏବେ ଭ୍ରମଣକାରୀ ଦଳ ନିକଟରେ ୪ଟି ୱିକେଟ ବାକିଥାଇ ପାଳି ପରାଜୟ ଏଡାଇବାକୁ ଆହୁରି ୨୨ ରନ୍ ଆବଶ୍ୟକ କରୁଛି। ଏହି ୭୩ ରନ୍ ମଧ୍ୟରୁ କିର୍କ ମ୍ୟାକେଞ୍ଜି ୨୬, ଜଷ୍ଟିନ ଗ୍ରିଭ୍‌ସ ୨୪ ଓ ଜୋଶୁଆ ଡା ସିଲଭା ଅପରାଜିତ ରହି ୧୭ ରନ୍ କରିଛନ୍ତି। କିନ୍ତୁ ଏଠାରେ ପଦାର୍ପଣ କରିଥିବା ଫାଷ୍ଟ ବୋଲର ଶାମରା ଯୋଶେଫ ନଂ-୧୧ରେ ବ୍ୟାଟିଂ କରି ୩୬ ରନ୍ କରିବା ଓ ଅଷ୍ଟ୍ରେଲିଆ ପାଳିରେ ୫ ୱିକେଟ ନେବା କେବଳ ଦଳକୁ ସାନ୍ତ୍ୱନା ଦେଇଛି।




### ସଂକ୍ଷିପ୍ତ ସ୍କୋର

**ୱେଷ୍ଟଇଣ୍ଡିଜ୍ ପ୍ରଥମ ପାଳି:** ୧୮୮/୧୦ (କିର୍କ ମ୍ୟାକେଞ୍ଜି-୫୦, ଶାମରା ଯୋଶେଫ-୩୬, ପ୍ୟାଟ କମିନ୍ସ-୪/୪୧, ଜୋଶ ହାଜ୍‌ଲେଉଡ୍-୪/୪୪)।

**ଅଷ୍ଟ୍ରେଲିଆ ପ୍ରଥମ ପାଳି:** ୨୮୩/୧୦ (ଟ୍ରାଭିସ ହେଡ୍- ୧୧୯, ଉସ୍‌ମାନ ଖୱାଜା-୪୫, ଶାମରା ଯୋଶେଫ-୫/୯୪, କେମାର ରୋଚ୍-୨/୪୮, ଜଷ୍ଟିନ ଗ୍ରିଭ୍‌ସ-୨/୩୬)।

**ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ପାଳି:** ୭୩/୬ (ଜୋଶୁଆ ସିଲଭା-୧୭*, ମ୍ୟାକେଞ୍ଜି-୨୬, ଗ୍ରିଭ୍‌ସ-୨୪, ହାଜ୍‌ଲେଉଡ୍-୪/୧୮)।

### ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍

# ତୃତୀୟ ରାଉଣ୍ଡରେ ଆଲକାରାଜ, ରୁଡ୍

ମେଲବୋର୍ଣ୍ଣ, ୧୮ ।୧(ଏଜେନ୍ସି)

ଚଳିତ ଅଷ୍ଟ୍ରେଲିଆନ ଓପନ୍‌ର ପୁରୁଷ ଏକକ ପ୍ରତିଯୋଗିତାରେ ଦ୍ୱିତୀୟ ସିଡ୍ ସ୍ପେନ୍‌ର କାର୍ଲୋସ ଆଲକାରାଜ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ଆଲକାରାଜ ୬-୪, ୬-୭, ୬-୩, ୭-୬ ସେଟରେ ଇଟାଲୀର ଲୋରେଞ୍ଜୋ ସୋନେଗୋଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ୧୩ତମ ସିଡ୍ ବୁଲଗେରିଆର ଗ୍ରିଗର ଡିମିଟ୍ରୋଭ ୬-୩, ୬-୨, ୪-୬, ୬-୪ ସେଟରେ ଅଷ୍ଟ୍ରେଲିଆର ଥାନାସି କୋକିନାକିସ୍‌ଙ୍କୁ, ୧୧ତମ ସିଡ୍ ନରୱେର କାସ୍ପେର ରୁଡ୍ ୬-୩, ୬-୭, ୬-୩, ୩-୬, ୭-୬ ସେଟ୍‌ରେ ଅଷ୍ଟ୍ରେଲିଆର ମ୍ୟାକ୍ସ ପର୍ସେଲଙ୍କୁ, ଷଷ୍ଠ ସିଡ୍ ଆଲେକଜାଣ୍ଡର ଜ୍ୱେରେଭ ୭-୫, ୩-୬, ୪-୬, ୭-୬, ୭-୬ ସେଟ୍‌ରେ ସ୍ଲୋଭାକିଆର ଲୁକାସ କ୍ଲେଇନ୍‌ଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ସ୍ୱିଆଟେକଙ୍କ ଅଗ୍ରଗତି; ରିବାକିନା, ପେଗୁଲାଙ୍କ ବିପର୍ଯ୍ୟୟ

ମହିଳା ଏକକରେ ଶ୍ରେଷ୍ଠ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ବିଶ୍ୱର ୩ ନଂ ଖେଳାଳି କାଜାଖସ୍ତାନର ଏଲିନା ରିବାକିନା ଓ ଆମେରିକାର ଜେସିକା ପେଗୁଲା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ସ୍ୱିଆଟେକ ୬-୪, ୩-୬, ୬-୪ ସେଟ୍‌ରେ ଆମେରିକାର ଡାନିଏଲେ କଲିନ୍ସଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କିନ୍ତୁ ରିବାକିନା ୪-୬, ୬-୪, ୬-୭ ସେଟ୍‌ରେ ଅଣସିଡ ରୁଷିଆର ଆନ୍ନା ବ୍ଲିଙ୍କୋଭାଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ସେହିପରି ୫ମ ସିଡ୍ ପେଗୁଲା ୪-୬, ୨-୬ ସେଟ୍‌ରେ ଫ୍ରାନ୍ସର ଅଣସିଡ୍ ଖେଳାଳି କ୍ଲାରା ବୁରେଲଙ୍କଠାରୁ ଦ୍ୱିତୀୟ ରାଉଣ୍ଡରେ ପରାସ୍ତ ହୋଇଛନ୍ତି।




### ଦ୍ୱିତୀୟ ରାଉଣ୍ଡରେ ହାରିଲେ ନାଗଲ

ପୁରୁଷ ଏକକରେ ଅଂଶଗ୍ରହଣ କରିଥିବା ଏକମାତ୍ର ଭାରତୀୟ ଖେଳାଳି ୨୬ ବର୍ଷୀୟ ସୁମିତ୍ ନାଗଲ ବିଦାୟ ନେଇଛନ୍ତି। ନାଗଲ ଗୁରୁବାର ଚୀନ୍‌ର ଶାଙ୍ଗ ଜୁନ୍‌ଚେଙ୍ଗଙ୍କଠାରୁ ୬-୨, ୩-୬, ୫-୭, ୪-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ପୂର୍ବରୁ ସେ ପ୍ରଥମ ରାଉଣ୍ଡରେ ସେ ୩୧ତମ ସିଡ୍ କାଜାଖସ୍ତାନର ଆଲେକଜାଣ୍ଡର ବଲ୍‌ବ୍ଲିକଙ୍କୁ ୬-୪, ୬-୨, ୭-୬ ସେଟ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଥିଲେ।

### ବୋପାନ୍ନା- ଏବଡେନଙ୍କ ଅଗ୍ରଗତି

ପୁରୁଷ ଯୁଗଳରେ ଦ୍ୱିତୀୟ ସିଡ୍ ଭାରତର ରୋହନ ବୋପାନ୍ନା ଓ ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏହି ଯୋଡି ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୭-୬, ୪-୬, ୭-୬ ସେଟ୍‌ରେ ଅଷ୍ଟ୍ରେଲୀୟ ଯୋଡି ଜେମ୍ସ ଡକୱର୍ଥ ଓ ମାର୍କ ପୋଲମାନ୍ସଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଶୁକ୍ରବାର ଏହି ଯୋଡି ଅନ୍ୟତମ ଅଷ୍ଟ୍ରେଲୀୟ ଯୋଡି ଜନ୍ ମିଲମ୍ୟାନ ଓ ଏଡୱାର୍ଡ ୱିଣ୍ଟରଙ୍କୁ ଭେଟିବେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର



## ଆଜିର ରାଶିଫଳ

**ମେଷ:** କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଦୂରଯାତ୍ରା ଯୋଗ ରହିଛି। ପୁରୁଣା ସମସ୍ୟାର ସମାଧାନ ହେବ। ଜୀବନସାଥୀଙ୍କ ସହଯୋଗ ମିଳିବ। ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବୃଷ:** ପାରିବାରିକ ସମସ୍ୟା ଦେଖାଦେବ। ଧନ ପ୍ରାପ୍ତି ହେବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଆୟ କମ୍ ହେବ ଏବଂ ଖର୍ଚ୍ଚ ବଢ଼ିବ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ମିଥୁନ:** ପିତାଙ୍କ ସହଯୋଗ ମିଳିବ। ଆୟରେ ଉନ୍ନତି ପରିଲକ୍ଷିତ ହେବ। ଋଣ ସମସ୍ୟା ସମାଧାନ ହେବ। କାର୍ଯ୍ୟସ୍ଥଳରେ ବରିଷ୍ଠଙ୍କ ସହଯୋଗ ମିଳିବ। ଚିନ୍ତାମୁକ୍ତ ରହିବେ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତାରେ ରହିବେ। କାର୍ଯ୍ୟରେ ସଫଳତା ମିଳିବ। ଧନପ୍ରାପ୍ତି ଯୋଗ ରହିଛି। ଦିନଟି ବ୍ୟସ୍ତତା ଭିତରେ ବିତିବ। ବିଦ୍ୟାର୍ଥୀ ପରୀକ୍ଷାରେ ଭଲ କରିବେ।

**ସିଂହ:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଉତ୍ତମ। ଠିକ୍ ସମୟରେ କାର୍ଯ୍ୟ ପୂରା କରିବେ।

**କନ୍ୟା:** ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧନ ଆଗମନର ଯୋଗ ରହିଛି। କାର୍ଯ୍ୟରେ ମନ ଲାଗିବ ନାହିଁ। ବିଦ୍ୟାର୍ଥୀ ପାଠରେ ମନୋନିବେଶ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଧନ ଆଗମନ। ନୂଆ ଯାନ କିଣିପାରନ୍ତି। ପରିବାର ସହିତ ସମ୍ପର୍କ ମଧୁର ହେବ।

**ବିଛା:** ସମସ୍ୟାକୁ ସାମ୍ନା କରିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ମନ ଉଦାସ ରହିବ। କାର୍ଯ୍ୟରେ ଲୋକଙ୍କ ସାହାଯ୍ୟ ମିଳିବ। ବିଦ୍ୟାର୍ଥୀଙ୍କ ପାଇଁ ଉତ୍ତମ ସମୟ।

**ଧନୁ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କାର୍ଯ୍ୟରେ ପଦୋନ୍ନତି ମିଳିବା ସମ୍ଭାବନା ଅଧିକ। ପୂଜାକାର୍ଯ୍ୟରେ ସମୟ କଟିବ। ଘରେ ସମସ୍ୟା ଦେଖା ଦେବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଭଲ ଦିନ।

**ମକର:** ମନୋରଞ୍ଜନରେ ସମୟ ବିତିବ। ସାଙ୍ଗସାଥୀଙ୍କ ସହଯୋଗରେ କାର୍ଯ୍ୟ ସଫଳ ହେବ। ଆୟରେ ବୃଦ୍ଧି ହେବ। ମାନସିକ ଦୁଶ୍ଚିନ୍ତାରେ ରହିବେ।

**କୁମ୍ଭ:** ରାଜନୀତିରେ ଆଶାତୀତ ସଫଳତା ମିଳିବ। ବ୍ୟବସାୟ ଓ ଚାକିରିରୁ ଲାଭ ମିଳିବ। ଗାଈଙ୍କୁ ଖାଇବାକୁ ଦିଅନ୍ତୁ। ପାରିବାରିକ ଜୀବନ ସୁଖମୟ ହେବ।

**ମୀନ:** ବାଦ ବିବାଦଠାରୁ ଦୂରେଇ ରୁହନ୍ତୁ। ଆୟ କମ୍ ଓ ବ୍ୟୟ ଅଧିକ ହେବ। ଅଯଥା କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାର୍ଯ୍ୟରେ ପରିବାର ଲୋକଙ୍କ ସହଯୋଗ ମିଳିବ।

## ଆଜିର ଐତିହ୍ୟ

- ୧୯୦୩ : ପ୍ରଥମଥର ଆମେରିକା ଓ ଇଂଲଣ୍ଡ ମଧ୍ୟରେ ରେଡିଓ କାର୍ଯ୍ୟକ୍ରମ ପ୍ରସାରଣ।
- ୧୯୫୭ : ରୁଷିଆ ପରମାଣୁ ପରୀକ୍ଷା କରିଥିଲା।
- ୧୯୬୬ : ଇନ୍ଦିରା ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ହେଇଥିଲେ।
- ୧୯୭୭ : ବିଶ୍ୱର ସବୁଠାରୁ ବଡ଼ ଜନସମାଗମ କୁମ୍ଭ ମେଳାରେ ହୋଇଥିଲା।
- ୨୦୦୪- ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ଏକ ବସ୍ ନଦୀ ମଧ୍ୟକୁ ଖସି ପଡ଼ିବାରୁ ୨୧ ଲୋକଙ୍କ ପ୍ରାଣହାନି।



## ଚୀନ୍‌ର ବିଶାଳ ପ୍ରାଚୀରରେ ଲମ୍ବା ଚିତ୍ର ଆଙ୍କି ବିଶ୍ୱରେକର୍ଡ

ବିଶ୍ୱର ସବୁଠୁ ବଡ଼ ପ୍ରାଚୀର ଭାବେ ପରିଚିତ ଚୀନ୍‌ର ଗ୍ରେଟ୍ ୱାଲ୍ ଅଫ୍ ଚାଇନା। ଏହି ପ୍ରାଚୀର ବିଶ୍ୱର ସପ୍ତାଶ୍ଚର୍ଯ୍ୟରେ ମଧ୍ୟ ସାମିଲ ଅଛି। ତେବେ ଏହି ବଡ଼ ପ୍ରାଚୀରରେ ସବୁଠୁ ଲମ୍ବା ଚିତ୍ର ଆଙ୍କି ଜଣେ ମହିଳା ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ଚୀନ୍‌ର ଚିତ୍ରଶିଳ୍ପୀ ଗୁଓ ଫେଙ୍ଗ୍ ଏହି ଐତିହାସିକ ପ୍ରାଚୀର ଉପରେ ଏକାକୀ ଚିତ୍ର ଆଙ୍କି ସେ ଗିନିଜ୍ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି। ଗୁଓଙ୍କୁ ଏହି ଚିତ୍ର ଆଙ୍କିବା ପାଇଁ ୬୦ ଦିନ ଲାଗିଥିଲା। ସେ ଏକ ଧଳା କାନଭାସ୍ ଉପରେ ଚିତ୍ର ଆଙ୍କିଥିଲେ। ତେବେ ଏହି ଚିତ୍ରକଳା ଗୁଓଙ୍କର ସୃଜନଶୀଳତା ସହିତ ତାଙ୍କର କାମ ପ୍ରତିବଦ୍ଧତାକୁ ଦର୍ଶାଉଥିବା କଥା ସେ କହିଛନ୍ତି। କେବଳ ସେତିକି ନୁହେଁ, ଲୋକମାନେ ମଧ୍ୟ ଗୁଓଙ୍କର ଧୈର୍ଯ୍ୟ ଓ ଚିତ୍ରକଳାକୁ ଖୁବ୍ ପ୍ରଶଂସା କରିଛନ୍ତି। ଗିନିଜ୍ ବିଶ୍ୱ ରେକର୍ଡ ଗୁଓ ଚିତ୍ର ଆଙ୍କୁଥିବା ସମୟର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ତାହା ସମସ୍ତଙ୍କ ନଜରକୁ ଆସିଛି। ତାଙ୍କ ପେଣ୍ଟିଂର ଥିମ୍ ଥିଲା 'ଚିରନ୍ତନତା ଏବଂ ସମୟ ମାଧ୍ୟମରେ ସଭ୍ୟତାର ବିକାଶର ଅନୁଧ୍ୟାନ।'

## ଅଲୋଡ଼ା ନୁହଁନ୍ତି ଅପରାଧୀ



ସାଧାରଣତଃ ଅପରାଧୀଙ୍କୁ ସମସ୍ତେ ଘୃଣା କରନ୍ତି । ଏପରି ଏକ ଦେଶ ରହିଛି, ଯେଉଁଠି ଅପରାଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନା କରି ସମ୍ମାନର ସହ ଉପଚାର କରିଥାନ୍ତି। ଏହି ଦେଶଟି ହେଉଛି ଭେନେଜୁଏଲା। ତେବେ ଏହା ପଛରେ ଏକ ରୋଚକୀୟ କାହାଣୀ ରହିଛି। ହ୍ୟୁଗୋ ସ୍ୟାଭେଜଙ୍କ ଉତ୍ତରାଧିକାରୀ ନିକୋଲାସ୍ ମାଦୁରୋଙ୍କ ରାଜୁତି ସମୟରେ ଭେନେଜୁଏଲାରେ ବେଶ୍ ଅରାଜକତା ଦେଖାଯାଇଥିଲା। ଚାରିଆଡ଼େ ହତ୍ୟା, ଚୋରି, ଡକାୟତି ଭଳି ଘଟଣା ଘଟୁଥିଲା। କିନ୍ତୁ ଅପରାଧୀଙ୍କ ଭିତରେ ଗୋଟିଏ ବିଶେଷ କଥା ଥିଲା ସେମାନେ ଗରିବ ଲୋକଙ୍କର କ୍ଷତି କରୁନଥିଲେ । ସେମାନେ ଧନୀମାନଙ୍କୁ ଲୁଟ୍ କରୁଥିଲେ ଏବଂ ଧନକୁ ଗରିବମାନଙ୍କ ମଧ୍ୟରେ ବଣ୍ଟନ କରୁଥିଲେ। ଏହି କାରଣରୁ ସାଧାରଣ ଲୋକେ ସେମାନଙ୍କୁ ଭଲ ପାଉଥିଲେ । ତେଣୁ ସେମାନେ ଅପରାଧୀଙ୍କୁ ସମ୍ମାନ ଦେବାକୁ ଲାଗିଲେ। ସେହିପରି 'ସ୍ପାନିସ' ଶଙ୍କାରେ ଏହି ଅପରାଧୀ ଦେବତାମାନଙ୍କୁ 'ସାଣ୍ଟୋସ୍ ମାଲେଣ୍ଡ୍ରୋସ' କୁହାଯାଉଥିଲା। ସ୍ଥାନୀୟ ଲୋକେ ଘରେ ଅପରାଧୀଙ୍କର ପ୍ରତିମା ସ୍ଥାପନ କରି ବିଶେଷ ଉପଚାର କରିଥାନ୍ତି। ରଙ୍ଗ-ବେରଙ୍ଗର ଟୋପି, ଉଜ୍ଜ୍ୱଳ ଟ୍ରାଉଜର ଏବଂ ମୁହଁରେ ସିଗାରେଟ୍ ଧରିଥିବା ଅପରାଧୀମାନଙ୍କର ପ୍ରତିମୂର୍ତ୍ତି ଦେଖିବାକୁ ମିଳେ। ଅପରାଧୀଙ୍କ ଏହି ପ୍ରତିମା ତାଙ୍କୁ ସମସ୍ତ ବିପତ୍ତିରୁ ସୁରକ୍ଷା ପ୍ରଦାନ କରିବ ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି। ତେବେ ସେମାନେ ଅପରାଧୀଙ୍କ ମୁହଁରେ ଏକ ସିଗାରେଟ୍ ଲଗାଇ ଜଳାଇଥାନ୍ତି । ଏଥି ସହିତ ନିଜର ସାର୍ଟ ବାହାର କରି ହାତରେ ଛୁରି ଧରି ଜୋରରେ ଚିତ୍କାର କରିଥାନ୍ତି। ଏପରି କଲେ ସମସ୍ତ ବିପତ୍ତିରୁ ଏହି ଅପରାଧୀମାନେ ସୁରକ୍ଷା ଦିଅନ୍ତି ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି।




## ଅଗଷ୍ଟ ୧୫ରେ ମହାଲଢ଼େଇ

### ଅଜୟ ବନାମ ଅଲ୍ଲୁ

ବକ୍ସ ଅଫିସ୍ ପାଇଁ ୨୦୨୪ ବର୍ଷ ବେଶ୍ ରୋମାଞ୍ଚକର ହେବାକୁ ଯାଉଛି। ଚଳିତବର୍ଷ ଅନେକ ଫିଲ୍ମର ସିକ୍ୱେଲ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମଗୁଡ଼ିକ ମଧ୍ୟରେ 'ସିଂଘମ୍ ଏଗେନ୍', ' ପୁଷ୍ପା ଦ ରୁଲ୍', 'ସ୍ତ୍ରୀ-୨', 'ଭୁଲ୍ ଭୁଲୈୟା-୩' ଆଦି ରହିଛି। ଚଳିତବର୍ଷ ରୋହିତ୍ ସେଟ୍ଟୀଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ସିଂଘମ୍ ଏଗେନ୍' ରିଲିଜ୍ ହେବ। ଫିଲ୍ମରେ ଅଜୟ ଦେବଗନ୍‌ଙ୍କ ସହ ଦୀପିକା ପାଦୁ୍ୟକୋନ୍, ଅକ୍ଷୟ କୁମାର, ରଣବୀର ସିଂହ ଆଦି ନଜର ଆସିବେ। ଏହିଦିନ ଅଲ୍ଲୁ ଅର୍ଜୁନ୍‌ଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ପୁଷ୍ପା ଦ ରୁଲ୍' ମଧ୍ୟ ରିଲିଜ୍ ହେବ। ଏଥିରେ ଅଲ୍ଲୁଙ୍କ ସହ ରଶ୍ମିକା ମନ୍ଦାନା ଓ ଦକ୍ଷିଣର କିଛି ଲୋକପ୍ରିୟ ତାରକା ଅଭିନୟ କରୁଛନ୍ତି। ଏହି ଦୁଇଟି ଯାକ ଫିଲ୍ମ ଅଗଷ୍ଟ ୧୫ ଦିନ ରିଲିଜ୍ ହେବ। ଯଦି ଏପରି ଘଟେ, ତାହେଲେ ବକ୍ସ ଅଫିସ୍‌ରେ ସିଧାସଳଖ ଉତ୍ତର ବନାମ ଦକ୍ଷିଣ ଲଢ଼େଇ ହେବ ବୋଲି କୁହାଯାଉଛି।

## ଦୁର୍ଘଟଣା ରୋକିବ ହେଲ୍‌ମେଟ୍




ସାଧାରଣତଃ ହେଲମେଟ୍ ଦୁଇଚକିଆ ଗାଡ଼ି ଚାଳକଙ୍କୁ ସୁରକ୍ଷା ପ୍ରଦାନ କରିଥାଏ। ଏବେ ବୈଜ୍ଞାନିକମାନେ ଏକ ନୂତନ ପ୍ରକାର ହେଲ୍‌ମେଟ୍ ବିକଶିତ କରିଛନ୍ତି, ଯାହାକି ଦୁର୍ଘଟଣା ରୋକିବାରେ ସାହାଯ୍ୟ କରିବ। ଏହି ହେଲ୍‌ମେଟ୍‌ର ବିଶେଷତ୍ୱ ହେଉଛି, ଏହା ଗାଡ଼ି ଚଳାଇବା ବେଳେ ଚାଳକଙ୍କ ମସ୍ତିଷ୍କ ଉପରେ ନଜର ରଖିବ। ଅନେକ ସମୟରେ ଥକ୍କାପଣ ତଥା ଗାଡ଼ି ଚାଳନା ସମୟରେ ଧ୍ୟାନ ନ ରହିବା ଯୋଗୁଁ ଅନେକ ଦୁର୍ଘଟଣା ଘଟୁଛି। ଏହି ଦୁର୍ଘଟଣା ସବୁକୁ ରୋକିବା ପାଇଁ ଏଭଳି ଏକ ହେଲମେଟ୍‌ର ପରିକଳ୍ପନା କରାଯାଇଛି। ଜାପାନର ମ୍ୟାକ୍‌ନିକା କମ୍ପାନି ଏହି ନିଆରା ହେଲ୍‌ମେଟ୍‌କୁ ତିଆରି କରିଛି। ଉକ୍ତ ହେଲମେଟ୍ ମସ୍ତିଷ୍କ ତରଙ୍ଗକୁ ଟ୍ୟାପ୍ କରି ତାହାକୁ ସେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସହିତ ବିଶ୍ଳେଷଣ କରିଥାଏ। ଏହାବାଦ୍ ଏହି ହେଲମେଟ୍ ଗୋଟିଏ ରିଡ୍ ଆଉଟ୍ ପ୍ରସ୍ତୁତ କରିଥାଏ। ଜଣେ ଚାଳକ କେତେ ସକ୍ରିୟ ଅଛି, ସେ କଥା ଏହା ଦର୍ଶାଇଥାଏ। ସେହିପରି ଜଣେ ଗାଡ଼ି ଚାଳନା ସମୟରେ ଅନ୍ୟମନସ୍କ ଥିଲେ ଏହି ହେଲମେଟ୍ ବ୍ରେକ୍ ପାଇଁ ନୋଟିଫିକେସନ୍ ଦେଇଥାଏ। କେବଳ ସେତିକି ନୁହେଁ, ମସ୍ତିଷ୍କର ଗତିବିଧିକୁ ଜାଣିବା ପାଇଁ ହେଲ୍‌ମେଟ୍‌ରେ ଇଲେକ୍‌ଟ୍ରୋଏନସେଫେଲୋଗ୍ରାମ୍ (ଇଇଜି) ଲାଗିଛି। ଅନ୍ୟପଟେ ଏହି ହେଲମେଟ୍‌କୁ ଲାସ୍ ଭେଗାସ୍‌ରେ ଆୟୋଜିତ କଞ୍ଜ୍ୟୁମର୍ ଇଲେକ୍ଟ୍ରୋନିକ ଶୋ' (ସିଇଏସ୍) ରେ ପ୍ରଦର୍ଶନ କରାଯାଇଛି।

## ସ୍ଲିପ୍ ଏପ୍‌ନିୟା

**ସ୍ଲିପ୍ ଏପ୍‌ନିୟା ଏକ ପ୍ରକାର ନିଦ୍ରା ବିକାର। ଏଥିରେ ଜଣେ ବ୍ୟକ୍ତିକୁ ଶୋଇବା ସମୟରେ ଶ୍ୱାସ ସମ୍ବନ୍ଧୀୟ ସମସ୍ୟା ସାମ୍ନା କରିବାକୁ ପଡ଼ିଥାଏ। ନିଃଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ସୃଷ୍ଟି ହେବା ଯୋଗୁଁ ନିଦ ସମୟରେ ବ୍ୟକ୍ତିର ରକ୍ତରେ ଅମ୍ଳଜାନ ସ୍ତର କମ୍ ହୋଇଥାଏ। ଏହା ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ବିଶେଷକରି ପୁରୁଷମାନଙ୍କଠାରେ ସ୍ଲିପ୍ ଏପ୍‌ନିୟା ମାମଲା ଅଧିକ ଦେଖିବାକୁ ମିଳେ।**



**ପ୍ରକାର ଭେଦ:** ସାଧାରଣତଃ ଦୁଇ ପ୍ରକାରର ସ୍ଲିପ୍ ଏପ୍‌ନିୟା ରହିଛି, ଯଥା - ଅବ୍‌ଷ୍ଟ୍ରାକ୍‌ଟିଭ୍ ସ୍ଲିପ୍ ଏପ୍‌ନିୟା ଓ ସେଣ୍ଟ୍ରାଲ ସ୍ଲିପ୍ ଏପ୍‌ନିୟା। ଅବ୍‌ଷ୍ଟ୍ରାକ୍‌ଟିଭ୍ ସ୍ଲିପ୍ ଏପ୍‌ନିୟାରେ ବାରମ୍ବାର ଶ୍ୱାସ ପ୍ରକ୍ରିୟାରେ ସମସ୍ୟା ଦେଖାଯିବା ସହ ରାତିରେ ଶୋଇବା ସମୟରେ ଲୋକେ ଘୁଙ୍ଗୁଡ଼ି ମାରିଥା'ନ୍ତି। ସେଣ୍ଟ୍ରାଲ ସ୍ଲିପ୍ ଏପ୍‌ନିୟାରେ ନିଃଶ୍ୱାସପ୍ରଶ୍ୱାସ ନେବା ପ୍ରକ୍ରିୟାକୁ ନିୟନ୍ତ୍ରିତ କରୁଥିବା ମାଂସପେଶୀକୁ ସଙ୍କେତ ପଠାଯାଇପାରେନି।

**କାରଣ:** ମୋଟାପଣ, ଶାରୀରିକ ଚଳପ୍ରଚଳ ନ ହେବା, ଥାଇରଏଡ୍ ରୋଗ, ମଦ୍ୟପାନ, ଶ୍ୱାସ ଜନିତ ସମସ୍ୟା, ଟନ୍‌ସିଲ, ମାତ୍ରାଧିକ ତେଲ ମସଲାଯୁକ୍ତ ଖାଦ୍ୟ ଗ୍ରହଣ, ଶ୍ୱସନ ମାର୍ଗରେ କୌଣସି ସମସ୍ୟା, ଜିଭ ଅସାଧାରଣ ରୂପେ ମୋଟା ହେବା ଆଦି କାରଣରୁ ସ୍ଲିପ୍ ଏପ୍‌ନିୟା ସୃଷ୍ଟି ହୋଇଥାଏ।

**ଲକ୍ଷଣ:** ରାତିରେ ବାରମ୍ବାର ନିଦ ଭାଙ୍ଗିବା, ଦିନରେ ନିଦ ଲାଗିବା, ସାରା ଦିନ ଥକ୍କାପଣ ଅନୁଭବ କରିବା ଆଦି ଲକ୍ଷଣ ଦେଖାଯାଇଥାଏ। ନିଦ ଭାଙ୍ଗିବା ପରେ ତଣ୍ଟି ଶୁଖିଯିବା, ଶୋଇବା ସମୟରେ ଜୋରଜୋର୍ ଘୁଙ୍ଗୁଡ଼ି ମାରିବା, ନିଦରେ ବିଚଳିତ ହେବା, ରାତିରେ ବାରମ୍ବାର ପରିସ୍ରା ଲାଗିବା, ମୁଣ୍ଡ ବିନ୍ଧିବା, ବାରମ୍ବାର ଗୋଟେ କଥାକୁ ଭୁଲିବା ଇତ୍ୟାଦି। ତେଣୁ ସମୟ ପୂର୍ବରୁ ଏହି ସମସ୍ୟା ପାଇଁ ଚିକିତ୍ସା ନ କରାଇଲେ, ହୃଦ୍‌ସମ୍ବନ୍ଧୀୟ ରୋଗ, ଷ୍ଟ୍ରୋକ୍, ଉଚ୍ଚ ରକ୍ତଚାପ, ମଧୁମେହ, ଆଦି ହେବାର ଆଶଙ୍କା ବୃଦ୍ଧି ପାଏ। ଅନେକ ସମୟରେ ସ୍ଲିପ୍ ଏପ୍‌ନିୟାରେ ଭିନ୍ନ ଭିନ୍ନ ଲକ୍ଷଣ ଦେଖିବାକୁ ମିଳିଥାଏ।

**ଚିକିତ୍ସା:** ରୋଗୀ ନିଜର ଲକ୍ଷଣ ଓ ଜୀବନଶୈଳୀକୁ ଧ୍ୟାନ ଦେଇ ଡାକ୍ତରଙ୍କ ପରାମର୍ଶ ଅନୁସାରେ ପରୀକ୍ଷାନିରୀକ୍ଷା କରାଇପାରିବେ। ପଲିସମନୋଗ୍ରାଫି (ପିଏସ୍‌ଜି), ହୃଦ୍‌ସ୍ପନ୍ଦନ, ଅମ୍ଳଜାନ ସ୍ତର, ହୋମ୍ ସ୍ଲିପ୍ ଟେଷ୍ଟ ଆଦି କରିବାକୁ ହୁଏ। ଖାଦ୍ୟପେୟ ଓ ଶୋଇବା ମୁଦ୍ରାରେ ପରିବର୍ତ୍ତନ କରିବା ଜରୁରି। ଅନ୍ୟାନ୍ୟ ରୋଗ କିମ୍ବା ମୋଟାପା କାରଣରୁ ଏହି ସମସ୍ୟା ଥିଲେ, ଏହାକୁ ନିୟନ୍ତ୍ରଣ କରାଯାଇପାରିବ। ବ୍ରିଥିଙ୍ଗ୍ ମାସ୍କ ବ୍ୟବହାର ଜରୁରି।




## ଟ୍ରିଗର୍ ଫିଙ୍ଗର୍

### ସୁସ୍ଥ ମନ ସୁସ୍ଥ ଶରୀର

ସମ୍ପ୍ରତି ଦୀର୍ଘ ସମୟ ଧରି ଲୋକେ ଫୋନ୍, ଲାପଟପ୍, ଟ୍ୟାବଲେଟ୍ କିମ୍ବା କମ୍ପ୍ୟୁଟର ବ୍ୟବହାର କରୁଛନ୍ତି। ଟାଇପ୍ କରିବାକୁ ଅଙ୍ଗୁଳିର ବ୍ୟବହାର ଅଧିକ କରାଯାଉଥିବାରୁ ଅଙ୍ଗୁଳିକୁ ଗୋଟିଏ ପୋଜିସନ୍‌ରେ ମୋଡ଼ି ରଖିବାକୁ ପଡ଼ିଥାଏ। ଏହାଦ୍ୱାରା ଟ୍ରିଗର୍ ଫିଙ୍ଗର୍‌ର ହେବାର ଆଶଙ୍କା ଅଧିକ ରହିଥାଏ। ଯେଉଁଥିରେ ଅଙ୍ଗୁଳିକୁ ସିଧା ରଖିବା ବା ଚଳପ୍ରଚଳ କରିବାରେ ସମସ୍ୟା ହୋଇଥାଏ। ସମସ୍ତ ଅଙ୍ଗୁଳିରେ ଏହି ସମସ୍ୟା ହୋଇଥାଏ। ମହିଳାଙ୍କଠାରେ ଏହି ସମସ୍ୟା ଅଧିକ ଦେଖିବାକୁ ମିଳେ। ଅଧିକାଂଶ ସମୟରେ ଅଙ୍ଗୁଳିକୁ ଗୋଟିଏ ପୋଜିସନରେ ରଖିବା ଦ୍ୱାରା ଅଙ୍ଗୁଠିରେ ଗଣ୍ଠି ହୋଇ ଫୁଲିଯାଇଥାଏ। ଅନ୍ୟ ଅଙ୍ଗୁଳି ତୁଳନାରେ ଅନାମିକା ଅଙ୍ଗୁଳିରେ ଏହି ସମସ୍ୟା ଅଧିକ ହୁଏ। ପ୍ରଭାବିତ ଅଙ୍ଗୁଳିର ପାଖ ଅଙ୍ଗୁଳି ଯନ୍ତ୍ରଣା ହେବା, କୌଣସି ସାମଗ୍ରୀକୁ ଧରିବାରେ ସମସ୍ୟା ହେବା, ଅଙ୍ଗୁଳିକୁ ସିଧା ନ କରିପାରିବା, ସକାଳ ସମୟରୁ ଅଙ୍ଗୁଳିରେ ଯନ୍ତ୍ରଣା ଲକ୍ଷଣ ଦେଖିବାକୁ ମିଳେ। କେବଳ କମ୍ପ୍ୟୁଟର ବା ସ୍ମାର୍ଟ ଫୋନ୍ ଚଳାଇବା ଦ୍ୱାରା ଏହି ସମସ୍ୟା ହୁଏ ତାହା ନୁହେଁ ବରଂ ଚାଷ, ବଗିଚାକାମ, ବାଦ୍ୟଯନ୍ତ୍ର ବଜାଇବା, ଟେନିସ୍ କିମ୍ବା ବ୍ୟାଡ୍‌ମିଣ୍ଟନ ଆଦି ଖେଳ ଅଧିକ ସମୟ ଖେଳିବା ସହିତ ମଧୁମେହ, ଥାଇରଏଡ୍, ଗାଓଟ୍, ଆର୍ଥ୍ରାଇଟିସ୍ ଆଦି ରୋଗ ସମସ୍ୟା ଥିଲେ, ଟ୍ରିଗର୍ ଫିଙ୍ଗର୍ ସୃଷ୍ଟି ହେବାର ଆଶଙ୍କା ଥାଏ।

ଅଙ୍ଗୁଳି ଯନ୍ତ୍ରଣା ହେଲେ କିମ୍ବା ସିଧା ନ କରିପାରିଲେ, ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ଅଙ୍ଗୁଳିକୁ ସମ୍ପ୍ରସାରଣ କରିବା ଦ୍ୱାରା ଅଙ୍ଗୁଳି ମାଂସପେଶୀ ଶକ୍ତ ହୁଏ। ତେଣୁ କାମ କରିବା



ସମୟରେ ଅଧିକ ସମୟ ଯାଏଁ ଅଙ୍ଗୁଳିକୁ ଗୋଟିଏ ପୋଜିସନରେ ନ ରଖି ମଝିରେ ମଝିରେ ଅଙ୍ଗୁଳିକୁ ସମ୍ପ୍ରସାରଣ କରନ୍ତୁ। ଅଙ୍ଗୁଳିରୁ ଯନ୍ତ୍ରଣା ଥିଲେ, ସେଥିରେ କୌଣସି କାମ କରନ୍ତୁନି। ଆରାମ ପ୍ରଦାନ କରୁଥିବା ନରମ ପ୍ରୋଟେକ୍ଟିଭ କଭର ଲଗାଇବା ଦ୍ୱାରା ଅଙ୍ଗୁଳି ଉପରେ ଏତେଟା ପ୍ରଭାବ ପଡ଼ିନଥାଏ। ଅଙ୍ଗୁଳି ଫୁଲାରୁ ଉପଶମ ମିଳେ।

## ବୟସ୍କଙ୍କୁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ

**ବୟସ୍କ ବ୍ୟକ୍ତିଙ୍କ ଅଧିକ ଯତ୍ନ ନେବାକୁ ହୋଇଥାଏ। ବୟସ ବଢ଼ିବା ସଙ୍ଗେ ସେମାନେ ଖାଇବା ପିଇବା କମାଇ ଦିଅନ୍ତି। ଫଳରେ ଶରୀରକୁ ଆବଶ୍ୟକ ହେଉଥିବା ଭିଟାମିନ୍ ଓ ପୋଷକତତ୍ତ୍ୱର ଅଭାବରୁ ସେମାନଙ୍କଠାରେ ରୋଗପ୍ରତିରୋଧକ ଶକ୍ତି କମ୍ ହୁଏ। ତେଣୁ ସୁସ୍ଥ ଶରୀର ଓ ମାଂସପେଶୀକୁ ମଜଭୁତ ରଖିବାକୁ ପ୍ରୋଟିନ୍, କ୍ୟାଲ୍‌ସିୟମ, ଭିଟାମିନ୍ ତଥା ଭରପୂର ମାତ୍ରାର ପୋଷକତତ୍ତ୍ୱ ଖାଦ୍ୟର ଆବଶ୍ୟକତା ପଡୁଥିବାରୁ ୬୫ ବର୍ଷ ପରେ ଆୟୁ ବୃଦ୍ଧି ପାଇଁ ଏହି ସବୁ ଖାଦ୍ୟ ଖାଇବା ନିହାତି ଆବଶ୍ୟକ।**



- ଡାଲିଜାତୀୟ ପଦାର୍ଥ ଯଥା - ମୁଗ, ଚଣା, ହରଡ଼, ବିରି, କୋଳଥରେ ଅଧିକ ଭିଟାମିନ୍, ତନ୍ତୁଜାତୀୟ ଓ ପୋଷକତତ୍ତ୍ୱ ରହିଥିବାରୁ ନିୟମିତ ଏହାକୁ ଖାଇ ପାରିବେ। ସେହିପରି ଦୁଗ୍ଧ, ଦହି, ପନିର୍‌ରେ ଅଧିକ ପ୍ରୋଟିନ୍ ରହିଥାଏ। ନିୟମିତ ଖାଇବା ଦ୍ୱାରା ଅସ୍ଥି ଓ ମାଂସପେଶୀ ମଜଭୁତ ରୁହେ।
- ସୋୟାବିନ୍‌ସରେ ଅଧିକ ପ୍ରୋଟିନ୍, ଭିଟାମିନ୍, ମିନେରାଲ ରହିଥିବାରୁ ଏହାକୁ ନିୟମିତ ଖାଦ୍ୟ ତାଲିକାରେ ସାମିଲ କରିପାରିବେ।
- ଅଖରୋଟ୍, କାଜୁ, ଖାଦ୍ୟଯୁକ୍ତ ମଞ୍ଜି, ନଟ୍‌ସ, ଡ୍ରାଏଫ୍ରୁଟ୍‌ରେ ଅଧିକ ମାତ୍ରାର ପ୍ରୋଟିନ୍ ଏବଂ ପୋଷାକତତ୍ତ୍ୱ ରହିଥାଏ। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଫଳପ୍ରଦ। ଧଣିଆକୁ ସାଲାଡ୍ କିମ୍ବା ସୁପ୍ ବନାଇ ପିଇବା ଦ୍ୱାରା ଶରୀର ମଜଭୁତ୍ ରହିବା ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ।
- ଓଟ୍‌ସମିଲ୍, କଳା ଚଣା, ତୈଳବୀଜ, କଦଳୀ, ଲିଚୁ, ଲେମ୍ବୁ, ଡାଳିମ୍ବ ଆଦି ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟପ୍ରଦ।



## ସ୍ୱାସ୍ଥ୍ୟପ୍ରଦ ତେଜପତ୍ର

**ସ୍ୱାଦିଷ୍ଟ ବ୍ୟଞ୍ଜନ ପାଇଁ ବ୍ୟବହାର କରାଯାଉଥିବା ତେଜପତ୍ରରେ ଅନେକ ଔଷଧୀୟ ଗୁଣ ଭରିରହିଛି। ଏହାର ପତ୍ର ଓ ଛେଲି ପେଟଫମ୍ପା, ଗନୋରିଆ, ଦାନ୍ତ ଅପରିଷ୍କାର ଆଦି ବିଭିନ୍ନ ରୋଗକୁ ଦୂର କରିଥାଏ। ରକ୍ତଶର୍କରା ନିୟନ୍ତ୍ରଣ ପାଇଁ ତେଜପତ୍ର ବରଦାନ ସଦୃଶ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଗୁଣ ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ସହ କୋଲେଷ୍ଟ୍ରଲ୍ ସ୍ତରକୁ ହ୍ରାସ କରାଏ। ଏବେ ଜାଣନ୍ତୁ ସ୍ୱାସ୍ଥ୍ୟପ୍ରଦ ତେଜପତ୍ର ବିଷୟରେ।**

- ରକ୍ତ ଶର୍କରା ନିୟନ୍ତ୍ରଣ ପାଇଁ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ନିର୍ଦ୍ଦିଷ୍ଟ ଅନୁପାତରେ ଦିନରେ ଦୁଇଥର ତେଜପତ୍ର ଗୁଣ୍ଡକୁ ପାଣିରେ ମିଶାଇ ପିଇପାରିବେ।
- ଥଣ୍ଡାଜନିତ ସମସ୍ୟାରୁ ଉପଶମ ପାଇଁ ନଖଉଷୁମ ପାଣିରେ ତେଜପତ୍ର ସହିତ ମହୁ ମିଶାଇ ପିଇବା ଦ୍ୱାରା କାଶ କମ୍ ହୁଏ। ଗଳା ଯନ୍ତ୍ରଣାରୁ ଆରାମ ମିଳିଥାଏ। ଶ୍ୱାସଜନିତ ରୋଗ ପାଇଁ ତେଜପତ୍ର ବରଦାନ ସଦୃଶ। ଦେହହାତ କୁଣ୍ଡାଇ ହେଉଥିଲେ, ୫ଗ୍ରାମ୍ ତେଜପତ୍ର ଟିକି ଟିକି କରି କାଟି ୫ରୁ ୬ କପ୍ ପାଣିରେ ଫୁଟାଇ ଏହାକୁ ପିଇବା ଦ୍ୱାରା ଏହି ସମସ୍ୟା ଦୂର ହୁଏ। ୧୦ରୁ ୧୫ଟି ତେଜପତ୍ର ଫୁଟାଇ ସେହି ପାଣିରେ ଗାଧୋଇବା ଦ୍ୱାରା ଦେହହାତ କୁଣ୍ଡାଇହେବା ଭଲ ହୁଏ।
- ୫ରୁ ୬ ଗ୍ରାମ୍ ତେଜପତ୍ରକୁ ଗୁଣ୍ଡକରି ୨ କପ୍ ଗରମ ପାଣିରେ ୧୦ରୁ ୧୨ ଘଣ୍ଟା ଭିଜାଇ ଏହାକୁ ଛାଙ୍କି ଦିନକୁ ୨ ଥର ପିଇବା ଦ୍ୱାରା ତ୍ୱଚାରେ ଉଜ୍ଜ୍ୱଳ ଆସେ। ଅରୁଚି ସମସ୍ୟା ଦୂର ହୁଏ।
- ୫ରୁ ୭ ଗ୍ରାମ୍ ତେଜପତ୍ର ଛେଚି ଗୁଣ୍ଡ କରି ୨ରୁ ୩କପ୍ ଗରମ ପାଣିରେ ୨ଘଣ୍ଟା ଭିଜାଇ ଏହାକୁ ଛାଣି ୨ ରୁ ୩ ଘଣ୍ଟା ବ୍ୟବଧାନରେ ଦୁଇଥର ସେବନ କରିବା ଦ୍ୱାରା ପରିସ୍ରା ଲାଲ୍ ରଙ୍ଗରୁ ସାଧାରଣ ରଙ୍ଗ ହୋଇଥାଏ।